ସବୁରି ମୂଳରେ ବିଜ୍ଞାନ

ଡକ୍ଟର କୁଳମଣି ସାମଲ



ବିଜ୍ଞାନଭାରତୀ

ସବୁରି ମୂଳରେ ବିଜ୍ଞାନ

ଡକ୍ଟର କୁଳମଣି ସାମଲ

ବିଜ୍ଞାନଭାରତୀ ।। କଟକ

ପ୍ରଥମ ପ୍ରକାଶ ଜୁନ୍ ୨୦୦୦

ପ୍ରକାଶକ
ବିଜ୍ଞାନଭାରତୀ
ଆଲାମଚାନ୍ଦ ବଜାର, କଟକ ୭୫୩୦୦୨

ଲିପିସଂଯୋଜନ
ବିଦ୍ୟାଶ୍ରୀ ଡିଟିପି ସେଣ୍ଟର
ଆଲାମଚାନ୍ଦ ବଜାର, କଟକ ୭୫୩୦୦୨

ପ୍ରଚ୍ଛଦ
ବିଜୟ କୁମାର ପ୍ରଧାନ

ମୁଦ୍ରଣ
ରୟାଲ ହାଫ୍‌ଟୋନ୍ କୋ, କଟକ

ମୂଲ୍ୟ ଟ ୨୫.୦୦

ମୁଖବନ୍ଧ

ପିଲାଙ୍କର ଧାରଣା ବିଜ୍ଞାନ ବିଦ୍ୟାଳୟ କି ମହାବିଦ୍ୟାଳୟରେ ପଢ଼ାଯାଏ ଓ ପରୀକ୍ଷା କରାଯାଏ । ବିଜ୍ଞାନ ଏକ କଷ୍ଟ ପାଠ, ସହଜରେ ବୁଝି ହୁଏ ନାହିଁ । ଏ ଧାରଣା ଠିକ୍ ନୁହେଁ । ଆମ ଅଜାଣତରେ ଆମେ ସମସ୍ତେ ଜଣେ ଜଣେ ବୈଜ୍ଞାନିକ । ଆମ ଖାଇବା, ବସିବା, ଚାଲିବା, ଦୌଡ଼ିବା, ଶୋଇବା ଆଦି ସବୁ କଥା ଏକ ବିଜ୍ଞାନ ନିୟମ ଓ ଧାରାରେ ଚାଲିଛି । କେମିତି ଚାଲିଛି ଆମେ ସମସ୍ତେ ଏକଥା ଜାଣୁନା । କାରଣ କେହି ଆମକୁ ଏସବୁ ବିଜ୍ଞାନବୋଲି ପଢ଼େଇନି କି ଶିଖେଇନି । ଆମେ ଅନ୍ୟଠାରୁ ଦେଖି, ଶୁଣି, ଶିଖି ଏକ ସାଧାରଣ କଥା ଭାବେ ସେସବୁ କରିଥାଉ । କିନ୍ତୁ ସବୁରି ମୂଳରେ ଅଛି ବିଜ୍ଞାନ । ଏହା କିପରି ସତ୍ୟ ବହିଟି ପଢ଼ିଲେ ବୁଝି ହେବ । ତାହେଲେ ପିଲାଏ ବିଜ୍ଞାନ ଦୃଷ୍ଟିରୁ କ'ଣ କରିବା ଓ କ'ଣ ନ କରିବା ଜାଣି ପାରିବେ ।

ଏହି ବହିଟି 'ବିଜ୍ଞାନଭାରତୀ' ପ୍ରକାଶ କରିଥିବାରୁ ଲେଖକ ତାଙ୍କ ନିକଟରେ କୃତଜ୍ଞ ।

ତା ୧୫.୫.୨୦୦୦ — କୁଳମଣି ସାମଲ

କଟକ

ସୂଚୀ

କେତେ କମ୍ ସମୟ	୧
ବଡ଼ ବିଚିତ୍ର ଏ ଗତି	୬
ବସିଲେ ଉଠିପାରିବୁ ନାହିଁ	୧୦
ଆମେ ଚାଲୁ କିପରି	୧୩
ବାସୁବାବୁଙ୍କ ବସ୍ ଚକ୍କା	୧୭
ତଗଭୁଙ୍କ ବୋମା ଓ ବୁଲେଟ୍ ମାଛି	୨୦
ଅଣୁମାନଙ୍କ ଚଗଲାମି	୨୩
ଗରମ ପୋଷାକର ମରମ କଥା	୨୭
ବୁଲ୍‌ବୁଲ୍‌ର ସ୍ୱପ୍ନ	୩୦
ଅଙ୍ଗାର ରାଣୀ ଫୁଲେରିନ୍	୩୫
କିଏ ଭାସେ କିଏ ବୁଡ଼େ	୩୮
ସୂର୍ଯ୍ୟ ଗୋଟିଏ ନା ଦୁଇଟି	୪୨
ସୁଶୀଳା ମା'ର ଭୂତ ପୂଜା	୪୬
ଗାଁ ବାଣୁଙ୍କେଣ ଗଲେ କୁଆଡ଼େ	୪୯
କିଏ କିପରି ପିଏ ?	୫୩
ଯେ ପଞ୍ଜରେ ଗୋଡ଼ାଇଛି ତାକୁ ତଡ଼ିଦିଅନା	୫୭
ପକ୍ଷୀ ବି ଘରଜ୍ଜଗେ	୬୧
ଭୋକିଅଜାଙ୍କ ଭାଜେଣି	୬୪
ପୃଥିବୀ ଛାତରେ ଛିଦ୍ର	୬୯
ଗୁରୁବାରେ ପୁଣି ଅଣ୍ଡାଖିଆ	୭୩

କେତେ କମ୍ ସମୟ

ଘଣ୍ଟାଏ ସମୟକୁ ଚାହିଁଲେ ସେକେଣ୍ଡ କେତେ କମ୍ ! କିଏ ପଚାରେ ସେକେଣ୍ଡ କଥା ? କାହା ଜୀବନରେ କଅଣ ଘଟେ ସେଇଥିରୁ ସେ ସମୟ କଥା ଉଠାଏ । ଯେ ଘଣ୍ଟା ଘଣ୍ଟା ଧରି ଗପ କରେ, ତାସ ଖେଳେ ବା ପଶାକାଠି ଗଡ଼ାଏ, ସମୟ କିପରି ବିତିଯାଉଛି ସେ କଅଣ ଜାଣିପାରିବ ?

ଆଗେ ଗାଁ ଲୋକେ କ'ଣ ଘଣ୍ଟା ବାନ୍ଧି କାମ କରୁଥିଲେ ? ଭୋଜି ପାଇଁ ନିମନ୍ତ୍ରଣ କଲାବେଳେ କହୁଥିଲେ, ''ସଞ୍ଜକୁ ଆସିବେ ।'' ସୂର୍ଯ୍ୟ ବୁଡ଼ିଲେ ଚଉଁରା ମୂଳେ ସଞ୍ଜବତି ଜଳେ, କିଛି କ୍ଷଣ ପରେ ତାହା ଲିଭିଯାଏ, କିନ୍ତୁ ସଞ୍ଜବେଳ ସରେ ନାହିଁ । ତାହା ରାତି ଅଧ ଯାଏ ଲମ୍ବିଥାଏ ।

ସେମିତିକା ହେଲା 'ସକାଳ' । ସୂର୍ଯ୍ୟ ଉଇଁଲେ ତାହା ଆରମ୍ଭ ହୁଏ, ଲମ୍ବିଯାଏ ଗାଧୁଆବେଳ ବା ଖରାବେଳ ପର୍ଯ୍ୟନ୍ତ । ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଲେ ସକାଳ ଶେଷ ହୁଏ । ସକାଳ, ଗାଧୁଆବେଳ, ସଞ୍ଜ, ରାତିଅଧ, ପାହାନ୍ତା – ଏମିତିକା ନାଁ ଦେଇ ଲୋକେ ସମୟକୁ କଳୁଥିଲେ । ତାଙ୍କ ହାତରେ ଘଣ୍ଟା ନ ଥିଲା; ଘଣ୍ଟା ନ ଥିଲେ ବି ତାଙ୍କ କାମ ଚାଲିଯାଉଥିଲା । ଘଣ୍ଟାଏ ଏପଟ ସେପଟ ହେଲେ ତାଙ୍କ କାମ ଅଟକୁ ନ ଥିଲା କି ବିଗୁଡୁ ନ ଥିଲା ।

ପରେ ନୂଆ ନୂଆ କାମ କଲାବେଳେ ତାଙ୍କୁ ଆଉ ଟିକେ ଠିକଣା କରି ସମୟ ମାପିବାକୁ ପଡ଼ିଲା । ସୂର୍ଯ୍ୟଘଡ଼ି ବାହାରିଲା । ଖରାରେ ଛାଇ ପଡ଼ିବା ଦିଗକୁ ଲକ୍ଷ୍ୟ କରି ସେମାନେ 'ସୂର୍ଯ୍ୟଘଡ଼ି' ତିଆରି କଲେ । ଏଣେ କେତେକ ଲୋକ ଜଳଘଡ଼ିରେ ଛିଦ୍ରଟିଏ କରିଦେଲେ । ଘଡ଼ିରୁ ବୁନ୍ଦା ବୁନ୍ଦା ହୋଇ ଜଳ ପଡ଼ିଲା । ସମୟ ଗଡ଼ିବା ଅନୁସାରେ ଘଡ଼ିର ଜଳପରିନ କମିଲା । ଘଡ଼ିରେ ଦାଗ ଦେଇ ସେମାନେ ସକାଳ, ମଧ୍ୟାହ୍ନ, ସଞ୍ଜ, ଏପରିକି ରାତି ଅଧକୁ ଚିହ୍ନାଇଲେ । ସୂର୍ଯ୍ୟଘଡ଼ି କେବଳ ଦିନରେ ସମୟ ଠିକଣା କରୁଥିଲା । ଜଳଘଡ଼ିରେ ସେ ଅସୁବିଧା ରହିଲାନି । ଏହା ସାହାଯ୍ୟରେ ରାତିରେ ବି ସମୟ ଜାଣିହେଲା । ତା'ପରେ ସକାଳରୁ ମଧ୍ୟାହ୍ନ ଯାଏ ଯେତେ ସମୟ ହେଲା, ତାକୁ ବି ଭାଗ କରାଗଲା । ଦିନକ ହେଲା ଚବିଶ ଘଣ୍ଟା ।

ଏ ମଣିଷ ପ୍ରାୟ ଲକ୍ଷେ ବର୍ଷ ହେଲା ପୃଥିବୀକୁ ଆସିଲାଣି । ହେଲେ ବି ଏଇ ମାତ୍ର ତିନିଶହ ବର୍ଷ ତଳେ ଏକ ଘଣ୍ଟାକ ୬୦ ମିନିଟ୍ କହି ମାପି ଶିଖିଲା । ଆଗରୁ ତାର ଯେଉଁ ଘଣ୍ଟା ଥିଲା, ସେଥିରେ ମିନିଟ୍ କଣ୍ଟା ନ ଥିଲା । ମାତ୍ର ଦେଢ଼ଶହ ବର୍ଷ ତଳେ ଘଣ୍ଟାରେ ଖଞ୍ଜା ହେଲା ସେକେଣ୍ଡ କଣ୍ଟା । ତା'ର କେତେକ କାମରେ ଏକ ସେକେଣ୍ଡ ବା ମିନିଟ୍‌ର ୬୦ ଭାଗରୁ ଭାଗେ ସମୟ ଜାଣିବା ଦରକାର ହେଲା ।



ଘଣ୍ଟା

ଆମ ସାଧାରଣ ଜୀବନରେ ଏବେ ବି ସେକେଣ୍ଡ ମାପିବାର ଦରକାର ପଡୁନି । ଖୁବ୍ ହେଲେ ମିନିଟ୍‌ଯାଏ ଆମେ କହୁ ବା ଲେଖୁ । ଘଣ୍ଟା ଦେଖିଲାବେଳେ ଘଣ୍ଟା ଓ ମିନିଟ୍ କଣ୍ଟାକୁ କେବଳ ଚାହୁଁ । କିନ୍ତୁ ସେକେଣ୍ଡ କଣ୍ଟାଟି ବେଦମ୍ ହୋଇ ଧାଉଁଥାଏ । ତାକୁ ଦେଖି ବି ଆମେ ତା ବିଚାର କରୁନା । ମାତ୍ର ଖେଳପଡ଼ିଆରେ ଦୌଡ଼ ବେଳେ ଘଣ୍ଟାକଣ୍ଟାର ବି ସେହି ଦଶା । କିଏ ପଚାରେ ତାକୁ ? ଦୌଡ଼ାଳିକୁ ଉତ୍ସାହ ଦେବା ସଙ୍ଗେ ସଙ୍ଗେ ଆମେ କେବଳ ସେକେଣ୍ଡ କଣ୍ଟାର ଦୌଡ଼କୁ ଲକ୍ଷ୍ୟ କରୁ । କାର୍ଯ୍ୟ ନେଇ କେତେବେଳେ କିଏ ମୁଖ୍ୟ କିଏ ଗୌଣ ହୋଇଥାନ୍ତି ।

ଯେତେବେଳେ ସେକେଣ୍ଡ କଥା ବିଚାର କରାଯାଉ ନାହିଁ, ସେତେବେଳେ ଏକ ସେକେଣ୍ଡର ହଜାର ଭାଗରୁ ଭାଗେ ସମୟ କଥା ପଚାରେ କିଏ ? ପ୍ରକୃତରେ ଏତେ କମ୍ ସମୟରେ କ'ଣ ବା ହୋଇପାରିବ ? ଆମ ସାଧାରଣ ରେଳଗାଡ଼ି ସେତିକି ସମୟରେ ଖୁବ୍ ହେଲେ ଯିବ ମାତ୍ର ୩ ସେଣ୍ଟିମିଟର । କେତେ କମ୍ ଦୂରତା ! ଅଥଚ ଘଣ୍ଟାକରେ ୧୦୮ କିଲୋମିଟର, କଟକରୁ ପୁରୀଯାଏ ବାଟ ।

ସେହି ସହସ୍ରାଂଶ ସେକେଣ୍ଡ ମଧ୍ୟରେ ଆମେ ଯେଉଁ ଶବ୍ଦ କରୁ, ତାହା ଯାଏ ୩୩ ସେଣ୍ଟିମିଟର । ଘଣ୍ଟାକୁ ୧୮ ଶହ କିଲୋମିଟର ବେଗରେ ଉଡୁଥିବା ଉଡ଼ାଜାହାଜ ଯାଏ ମାତ୍ର ଅଧ ମିଟର । କିନ୍ତୁ ସୂର୍ଯ୍ୟ ଚାରିପଟେ ଘୂରୁଥିବା ଆମ ପୃଥିବୀ ମହାକାଶରେ ଗତି କରେ ୩୦ ମିଟର ।

ରେଳଗାଡ଼ିର ୩ ସେଣ୍ଟିମିଟର ତୁଳନାରେ ଏହା ୩୦ ମିଟର ହେଲେ ବି ଆମ ପାଇଁ ତଥାପି କମ୍ ଦୂର । ଏବେ ଆଲୋକର ବେଗ କଥା ବିଚାର କରାଯାଉ । ସେତିକି ସମୟରେ ଆଲୋକ ଯାଏ ୩୦୦ କିଲୋମିଟର । ଏ କିଛି କମ୍ ଦୂରତା ନୁହେଁ ! ପୁରୀରୁ ବାଲେଶ୍ୱର ପର୍ଯ୍ୟନ୍ତ ଦୂରତା । ଆଲୋକ ବେଗରେ କିଏ ଯାଇପାରିବ ! ତେଣୁ ଆମ ଶହେବର୍ଷିଆ ଜୀବନ ଭିତରେ ସେକେଣ୍ଡର ସହସ୍ରାଂଶ ନଗଣ୍ୟ ।

କିନ୍ତୁ କୀଟପତଙ୍ଗ ପରି କ୍ଷୁଦ୍ର ଜୀବ ବା ଅଣୁଜୀବଙ୍କ ପାଇଁ ଏତିକି ସମୟ ବି ଖୁବ୍ ବେଶୀ । କାରଣ ସେମାନଙ୍କ ମଧ୍ୟରୁ କେହି କେହି ଜନ୍ମ ହେବାମାତ୍ରେ ବି ମରିଥାନ୍ତି । ମନେହୁଏ ମରଣକୁ ସାଙ୍ଗରେ ଧରି ସେମାନେ ଯେପରି ଜନ୍ମ ହୋଇଛନ୍ତି । ତାଙ୍କ କାର୍ଯ୍ୟକଳାପ ପାଇଁ ଏତକ ସମୟ ବି ବେଶ୍ ଗୁରୁତ୍ୱପୂର୍ଣ୍ଣ ।

ଗୋଟିଏ ମଶା କଥା ବିଚାର କଲେ ତାହା ବୁଝି ହେବ । ମଶା ଗୁଣୁଗୁଣୁ କରି ଉଡ଼ିଗଲା ବେଳେ ଏକ ସେକେଣ୍ଡରେ ୫୦୦ କି ୬୦୦ ଥର ଟିକି ଡେଣାଟି ହଲାଏ । ତାହା ହେଲେ ଏକ ସହସ୍ରାଂଶ ସେକେଣ୍ଡ ମଧ୍ୟରେ ସେ ତା ଡେଣା ଉପରକୁ ଉଠାଇବ ବା ଉପରୁ ତଳକୁ ପକାଇବ । ଏତେ କମ୍ ସମୟରେ ଆମେ କ'ଣ ଆମ ହାତ ଉଠାଇପାରିବା ? ହାତ ନ ଉଠାଇ ପାରିଲେ କ'ଣ ହେଲା, ଆଖି ପିଛଡ଼ା ତ ପକାଇ ପାରିବା । ସେଥିପାଇଁ ପରା ଖୁବ୍ କମ୍ ସମୟକୁ ଆମେ ଆଖି ପିଛଡ଼ା ବା ପଲକପକା ସମୟ ବୋଲି କହିଥାଉ । କିନ୍ତୁ ସେକେଣ୍ଡର ସହସ୍ରାଂଶ ସହିତ ତୁଳନା କଲେ ଏହା ବହୁତ ବେଶୀ । ଥରେ ଆଖି ପତା ପକାଇ ଉଠାଇଲାବେଳକୁ ସେକେଣ୍ଡକର ଦୁଇପଞ୍ଚମାଂଶ ସମୟ ବିତିଯାଏ ।

ଅନ୍ୟ କଥାରେ କହିଲେ ଦୁଇ ସେକେଣ୍ଡରେ ଆମ ଆଖି ପତା ୫ଥର ଉଠେ ଓ ୫ ଥର ପଡ଼େ ।

ଆଖିପତା କିପରି ପଡ଼େ, ଉଠେ ଓ ବିଶ୍ରାମ ନିଏ, ତାହା ଏହି ସହସ୍ରାଂଶ ସେକେଣ୍ଡ ମାପରେ ଧରା ପଡ଼ିଛି । ଆଖି ପତା କେବଳ ପଡ଼ିବାକୁ ନିଏ ୭୫ ରୁ ୯୦ ସହସ୍ରାଂଶ ସେକେଣ୍ଡ, ବୁଜି ହୋଇ ରହେ ୧୩୦ ରୁ ୧୭୦ ସହସ୍ରାଂଶ ସେକେଣ୍ଡ । ପୁଣି ଖୋଲିବାକୁ ନିଏ ୧୭୦ ସହସ୍ରାଂଶ ସେକେଣ୍ଡ । ଏମିତି ସର୍ବମୋଟ ୪୦୦ ସହସ୍ରାଂଶ । ବଡ଼ ଆଶ୍ଚର୍ଯ୍ୟ କଥା ଆଖିପତା ପଡ଼ିବା ଓ ଉଠିବା ଭିତରେ ପ୍ରାୟ ଏକ ତୃତୀୟାଂଶ ସମୟ ବୁଜି ହୋଇ ବିଶ୍ରାମ ନିଏ; ଅଥଚ ଆମ ଦେଖିବାରେ କୌଣସି ଅସୁବିଧା ହୁଏ ନାହିଁ । ଆଖି କଥା ନ ଭାବିଲେ ଦେଖାଦେଖି ବେଳେ ଆମ ଆଖି ପତା ଏତେଥର ପଡୁଛି ଓ ଉଠୁଛି ବୋଲି ଆମେ ଜାଣିପାରିବା ନାହିଁ ।

ସହସ୍ରାଂଶ ସେକେଣ୍ଡ ମଧ୍ୟରେ କାମେରା ଫଟ ଉଠାଇ ଲାଗିଲେ ଓ ସେହି ଫଟଗୁଡ଼ିକୁ ଧୀରେ ଧୀରେ ଚଳେଇ ଆମେ ଦେଖିଲେ ଲୋକଟି କିପରି ଆଖିପତା ପକାଉଛି ଓ ଉଠାଉଛି ଜଣାପଡ଼ିବ । ଉଚ୍ଚଡିଆଁରେ କିମ୍ବା ଦୌଡ଼ ଶେଷରେ ଖେଳାଳି କିପରି ଅଙ୍ଗଭଙ୍ଗୀ କରୁଛି, ଖୁବ୍ ଶୀଘ୍ର ଉଠିଥିବା ଚିତ୍ରଗୁଡ଼ିକୁ ଧୀରେ ଧୀରେ ଚଳାଇ ଆମେ ତାହା ଜାଣିପାରୁ । ହାତରୁ ଖସିପଡୁଥିବା ଗ୍ଲାସକୁ ଦେଖିଲେ ଜଣାପଡ଼ିବ ତାହା ବହୁତ ସମୟ ଧରି ଶୂନ୍ୟରେ ଝୁଲି ରହିଲା, କାରଣ ଏହା ଭୂଇଁରେ ପଡ଼ିବାକୁ ଦୁଇଶହ ସହସ୍ରାଂଶ ସେକେଣ୍ଡ ନେଇଥିବ ।

ଆମେ ଯଦି ଏକ ସହସ୍ରାଂଶ ସେକେଣ୍ଡ ମଧ୍ୟରେ ଘଟୁଥିବା ଘଟଣାକୁ ଦେଖନ୍ତେ, ଆମର ଅଦ୍ଭୁତ ଧାରଣା ସବୁ ହୁଅନ୍ତା । ଗ୍ଲାସଟା ହାତରୁ ଖସି ପଡ଼ିଲେ ଆମେ ଦେଖନ୍ତେ ତାହା ସଙ୍ଗେ ସଙ୍ଗେ ତଳେ ନ ପଡ଼ି ଶୂନ୍ୟରେ ବହୁ ସମୟ ଝୁଲି ଝୁଲି ତଳକୁ ଗଲା । ପରେ ଧୀରେ ଯାଇ ଭୂଇଁରେ ଥୁଆ ହେଲା; କିପରି ଭାଙ୍ଗିଲା, ଜଣାପଡ଼ନ୍ତା ଓ କାଚଖଣ୍ଡମାନ କିପରି ଅଲଗା ହେଲା, ଦେଖିହୁଅନ୍ତା ।

ସେପରି ହେଉ ନାହିଁ କାହିଁକି ? କୌଣସି ଗୋଟିଏ ଦୃଶ୍ୟ ଦେଖିବାକୁ ଆମେ ନେଉ ପ୍ରାୟ ଏକ-ଦଶମାଂଶ ସେକେଣ୍ଡ । ସେତେକ ସମୟ ମଧ୍ୟରେ ଦୁଇ ଚାରିଟା ଘଟଣା ଘଟିଗଲେ ସବୁଗୁଡ଼ିକ ମିଶାମିଶି ହୋଇ ଆମକୁ ଦେଖାଯାଏ । ଆମେ ଗୋଟିଏ ଘଟଣାକୁ ଅନ୍ୟଠାରୁ ଅଲଗା କରି ଦେଖିପାରୁନା ।

ଏକ ସହସ୍ରାଂଶ ସେକେଣ୍ଡରେ ଘଟୁଥିବା ଘଟଣା ଫଟଉଠାଳି ଚାହିଁଲେ ଦେଖାଇପାରିବ । ସେ ସହସ୍ରାଂଶ ସେକେଣ୍ଡ ମଧ୍ୟରେ ଫଟ ଉଠାଇବ, କିନ୍ତୁ ଦେଖାଇଲାବେଳେ ସେକେଣ୍ଡକୁ ୨୪ ଟି କରି ଘୂରାଇ ଦେଖାଇବ । ତାହାହେଲେ ସେଗୁଡ଼ିକ କିପରି ଅବିଚ୍ଛିନ୍ନ ଭାବେ ଘଟୁଛି ଆମେ ଦେଖିପାରିବା । ଚଳନ୍ତା ଛବି କାମେରାରେ ଫଟଗୁଡ଼ିକ ସେକେଣ୍ଡକୁ ୨୪ଟି କରି ଉଠେ ଓ ଦେଖାହେଲାବେଳେ ୨୪ଟି କରି ଦେଖାଯାଏ । ତେଣୁ ଆମେ ଯେମିତି ଦେଖିବା କଥା ଦେଖୁ । କିନ୍ତୁ ଫଟ ଖୁବ୍ ଚଞ୍ଚଳ ଚଞ୍ଚଳ ଉଠାଇ ସେକେଣ୍ଡକୁ ୨୪ଟି କରି ଦେଖାଇଲେ ଆମେ ଖୁବ୍ ଅଳ୍ପ ସମୟରେ ଘଟୁଥିବା ଘଟଣା ଦେଖିପାରିବା ।

୧୯୦୦ ଖ୍ରୀଷ୍ଟାବ୍ଦବେଳକୁ ସେକେଣ୍ଡକର ୧୦ ହଜାର ଭାଗରୁ ଭାଗେ ମାପି ହେଉଥିଲା । ଆଜି ପ୍ରାୟ ୧୦୦ ବର୍ଷ ପରେ ବୈଜ୍ଞାନିକମାନେ ଏକ ସେକେଣ୍ଡର ଏକହଜାରକୋଟି ଭାଗରୁ ଭାଗେ ସମୟ ମାପିଲେଣି । ୩୦୦ ବର୍ଷ ତୁଳନାରେ ଏକ ସେକେଣ୍ଡ ଯେତିକି କମ୍ ସମୟ, ଏକ ସେକେଣ୍ଡ ତୁଳନାରେ ଏହା ସେତିକି କମ୍ ସମୟ । ଆମ ସାଧାରଣ ଲୋକଙ୍କ ପାଇଁ ଏହାର ବା କି ଆବଶ୍ୟକତା ? କିନ୍ତୁ ବିଜ୍ଞାନ ପାଇଁ ତାହା ଅତି ଗୁରୁତ୍ୱପୂର୍ଣ୍ଣ ।

ବଡ଼ ବିଚିତ୍ର ଏ ଗତି

ଆମର ଧାରଣା, ଏ ଜଗତରେ ଯାହା କିଛି ଆମେ ଦେଖୁଛେ, ତା ମଧ୍ୟରୁ କେହି ସ୍ଥିର ଅଛି, କେହି ବା ଗତି କରୁଛି । କିନ୍ତୁ ପ୍ରକୃତରେ ତାହା ଠିକ୍ କି ? ଏ ଜଗତରେ ସ୍ଥିର କିଏ ? କେହି ନୁହେଁ । ତେବେ ଆମ ବଗିଚାର ଫୁଲଗଛ, ବାଡ଼ିପଟ ଲଣ୍ଡା ପାହାଡ଼, ଏସବୁ କ'ଣ ଘୂରୁଛନ୍ତି ? ହଁ, ସେମାନେ ବି ଘୂରୁଛନ୍ତି । ଠିକ୍ ପୃଥିବୀ ସହିତ ନଟୁଟିଏ ପରି ସମସ୍ତେ ଘୂରୁଛନ୍ତି । ନଟୁ ଭୂଇଁରେ ଗୋଟିଏ ସ୍ଥାନରେ ଅଟକି ରହି ଘୂରେ । ଏମାନେ କେଉଁଠି ଅଟକି ନ ରହି ପୃଥିବୀ ସାଙ୍ଗେ ଏକାଠି ହୋଇ ଘୂରି ଘୂରି ସୂର୍ଯ୍ୟକୁ ପ୍ରଦକ୍ଷିଣ କରୁଛନ୍ତି । ଆମ ସଙ୍ଗେ ମିଳି ସମାନ ବେଗରେ ଗତି କରୁଥିବାରୁ ଆମ ପାଖେ ପାଖେ ଅଛନ୍ତି; ଆମେ ତାଙ୍କୁ କହୁଛୁ ସ୍ଥିର ।

କେବଳ ସେତିକି ନୁହେଁ, ଆମେ ଯେଉଁ ଟେବୁଲ ଉପରେ କାଗଜ ଥୋଇ ଲେଖୁଛୁ, ଚୌକି ଉପରେ ବସିଛୁ, ସେଗୁଡ଼ିକ ଭିତରେ କେତେ ନା କେତେ ଅଣୁ ଅଛନ୍ତି । ଅଣୁ ଭିତରେ ପରମାଣୁ । ସେମାନେ କେହି ସ୍ଥିର ନୁହନ୍ତି । ସେଗୁଡ଼ିକ ଭିତରୁ କିଏ ଏପଟସେପଟ ହେଉଛି, କିଏ ବା କାହାପଟେ ଘୂରି ଲାଗିଛି । ସବୁ ଆଡ଼େ ଚାଲିଛି ଗତିର ଏ ବିଚିତ୍ର ଲୀଳା । ମାତ୍ର ଆମକୁ ଏସବୁ କିଛି ଜଣା ପଡୁନି ।

ରେଳଗାଡ଼ିରେ ଗଲାବେଳେ ଠିକ୍ ସେଇ କଥା । ଅନ୍ଧାର ରାତି, ଶୀତ ଦିନ, ଡବାର ଝରକା ବନ୍ଦ, ବାହାର କଳା କିଟିକିଟି, କିଛି ଦିଶୁନି । କେତେ ଗାଁ, ବିଲ, ତୋଟା, ଗଛ ପଛକୁ ପଡ଼ିଯାଉଛି, ଆଗକୁ ଛୁଟିଛି ରେଳଗାଡ଼ି । ଆମେ କ'ଣ କିଛି ଜାଣୁଛେ ? ପାଖ ଯାତ୍ରୀଟି ଶୋଇ ଘୁଙ୍ଗୁଡ଼ି ମାରୁଛି, ଛୋଟ ପିଲାଟି କାନ୍ଦି ଅଝଟ ହେଉଛି, ଖନେଇ ଖନେଇ ମା'କୁ ଘରକୁ ଫେରିଯିବାକୁ କହୁଛି, ଏକଲୟରେ ସେପଟକୁ ଦି' ଜଣ ଚେସ୍ ଖେଳରେ ମାତିଛନ୍ତି । ସତେ ଯେପରି କୌଣସି ଘରେ ଏସବୁ କାମ ଚାଲିଛି । ହଠାତ୍ ରେଳଗାଡ଼ି ଖଡ଼ ଖଡ଼ ହୋଇ ଦୋହଲି ଉଠିଲା । ସେତେବେଳେ ଜଣାପଡ଼ିଲା ଆମ ରେଳଗାଡ଼ି ଆଗକୁ ଛୁଟିଛି ।

ଗତି ଓ ସ୍ଥିରତା ଦୁଇଟା ବିପରୀତ କଥା । ହେଲେ ବି ସମାନ ବେଗରେ ଗତି ହେଉଥିଲେ ଓ ସେ ଯାନରେ ଆମେ ଯାତ୍ରୀ ହୋଇଥିଲେ, ଯାନଟି ଗତି କରୁଛି କି ସ୍ଥିର ରହିଛି, ଆମେ କିଛି ଠଉରେଇ ପାରିବା ନାହିଁ । କେବଳ ବାହାରକୁ ଚାହିଁଲେ, ଗଛ, ପାହାଡ଼ ବା ତାରାଙ୍କୁ ଅନେଇ ଆମେ ଗତି କଥା ଜାଣିବା ।

ଅନେଇ କ'ଣ ଜାଣିବା ? ଜାଣିବା ଯାନଟି ଜୋର୍‌ରେ ଯାଉଛି କି ଆସ୍ତେ ଯାଉଛି । ସାଧାରଣ ଲୋକେ କେବଳ ଏ ଦୁଇଟା ବେଗ କଥା ଜାଣନ୍ତି । ସେ ଦୁଇଟା ହେଲା – ଜୋର୍‌ରେ ବା ଆସ୍ତେ ଆସ୍ତେ । ଏଥିରୁ ପୁଣି ପ୍ରଶ୍ନ ହୁଏ କେତେ ଜୋର୍‌ରେ ବା କେତେ ଆସ୍ତେ ? ଏ ବିଷୟରେ ଆଉ କ'ଣ କିଛି କହିହେବ ?

କହି ହେବ, ତୁଳନା କରି କହିହେବ । ଜୋର୍‌ରେ ଗଲେ ଘୋଡ଼ା ପରି ଦୌଡ଼ିବ, କି ଠେକୁଆ ପରି ଧାଇଁବ; ଧୀରେ ଗଲେ ହାତୀ ପରି ହଲି ହଲି ଚାଲିବ, କି କଇଁଛ ପରି ବା ଗେଣ୍ଡା ପରି ଚୁପ୍‌ଚାପ୍ ଚାଲିବ । ମହାଶୂନ୍ୟକୁ ଯାଉଥିଲେ ରକେଟ୍ ବେଗରେ ଯିବ । ଗତି ବେଗ ବିଷୟରେ ଆମେ ଆଉ ଅଧିକ କ'ଣ କହିପାରିବା ?

ଏସବୁ ତୁଳନାରୁ ଆମେ କ'ଣ ଠିକ୍ ହିସାବ ପାଇଲୁ ? କେବଳ ଗୋଟିଏ ମୋଟାମୋଟି ଧାରଣା ହେଲା । ଠିକ୍ ଧାରଣା ପାଇଁ ଆମକୁ ସଂଖ୍ୟା ବ୍ୟବହାର କରିବାକୁ ହେବ । ସଂଖ୍ୟା କଥା ଶୁଣିଲେ ଡର ମାଡ଼ିବ । କିନ୍ତୁ ଏଥିରେ ଡରିବାର କ'ଣ ଅଛି ? ଏଠି ତ ଅଙ୍କ କଷା ହେଉ ନାହିଁ । ସାମାନ୍ୟ ଗୁଣନ ହରଣ କଥା, ତାହା ବି କିଏ ନ ଜାଣେ ? ଏହାକୁ ଟିକେ ଅଭ୍ୟାସରେ ପକାଇବାକୁ ହେବ । ତାହା ହେଲେ ଅଡୁଆ ଲାଗିବ ନାହିଁ ।


ଗେଣ୍ଡା

ଯେଉଁ ଗେଣ୍ଡାକୁ ଆମେ ଅଳସୁଆ ଓ ମଠୁଆ ବୋଲି କହୁ, ସେ ବିଚରା ସେକେଣ୍ଡକୁ ଚାଲେ ଦେଢ଼ ମିଲିମିଟର । ହିସାବ କଲେ ଦେଖିବ ମିଟରେ ବାଟ

ଯିବାକୁ ତାକୁ ଲାଗୁଛି ପ୍ରାୟ ୧୧ ମିନିଟ୍ ୭ ସେକେଣ୍ଡ । ଗୋଟିଏ ମଣିଷ ତୁଳନାରେ ଏଟା ସତରେ ବଡ଼ ମଠୁଆ । ମଣିଷ ଚାହିଁଲେ ସେତିକି ସମୟରେ ଏକ କିଲୋମିଟର ବାଟ ବି ଚାଲିଯାଇ ପାରିବ । କାରଣ ସେ ଚାଲି ଚାଲି ୧ ସେକେଣ୍ଡରେ ଦେଢ଼ ମିଟର ଯାଇପାରେ । ମଣିଷ ପ୍ରକୃତରେ ବେଗବାନ୍ । ତା'ର ବେଗ ଗେଣ୍ଡା ବେଗର ୧୦୦୦ ଗୁଣ । ବରଫରେ ଖସଡ଼ିଲା ବେଳେ ସେ ବେଗ ଆହୁରି ବଢ଼ିଯାଏ । ଏପରିକି ଛଅ ସାତ ଗୁଣ ହୋଇଯାଏ ।

ହେଲେ ବି ଏ ବୁଦ୍ଧିଆ ମଣିଷ ଘୋଡ଼ାକୁ ଟପିପାରେ ନାହିଁ । ପ୍ରକୃତିତ ଘୋଡ଼ାକୁ ସେମିତି ଦୌଡ଼ିବା ପାଇଁ ତିଆରି କରିଛି । ସେ ମଣିଷଠାରୁ ବାର ଚଉଦ ଗୁଣ ବେଗରେ ଦୌଡ଼ିପାରେ । ତାକୁ ଏକ କିଲୋମିଟର ବାଟ ଯିବାକୁ ମିନିଟିଏ ବି ଲାଗେନି । ଏହା ଏକ ସାଧାରଣ ଝଡ଼ ବେଗଠାରୁ ବେଶି । ଯଦି ଝଡ଼ ଆସେ, ଘୋଡ଼ା ଚଢ଼ି ମଣିଷ ଆଗକୁ ଧାଇଁ ଯାଇ ଝଡ଼ ଆସିବା କଥା ଅନ୍ୟମାନଙ୍କୁ ଜଣାଇ ଦେବ ।

ମଣିଷ ତ ବୁଦ୍ଧିଆ, ନିଜେ ସିନା ଦୌଡ଼ି ପାରିବନି, ଯେ ଦୌଡୁଛନ୍ତି ତାଙ୍କୁ କାମରେ ଲଗାଇପାରେ । ଘୋଡ଼ା, ହାତୀ, ଓଟ କାହାକୁ ସେ ଛାଡ଼ି ନାହିଁ । ସେ ସମତଳରେ ଘୋଡ଼ା ଝପଟେଇଲା, ବଣରେ ହାତୀକୁ ଓ ମରୁଭୂମି ବାଲିରେ ଓଟକୁ କାମରେ ଲଗାଇଲା । ସେତିକିରେ କ'ଣ ତା ମନ ମାନିଲା ?

କେତେ କ'ଣ ଯନ୍ତ୍ରଯାନ ବାହାର କଲା । ସାଇକେଲ, ସ୍କୁଟର, ମଟରଗାଡ଼ି, ପାଣିଜାହାଜ, ଉଡ଼ାଜାହାଜ, ରକେଟ ଆଦି । ୧୮୯୬ରେ, ଆଜିକୁ ପ୍ରାୟ ୧୦୦ ବର୍ଷ ତଳେ, ପ୍ୟାରିସ୍‌ରେ ଯେଉଁ ମଟରଗାଡ଼ି ଦୌଡ଼ ହେଲା, ସେଥିରେ ଯେଉଁ ଗାଡ଼ିଟି ପ୍ରଥମ ହୋଇଥିଲା, ତାର ବେଗ ଥିଲା ଘଣ୍ଟାକୁ ୨୦ କିଲୋମିଟର । ମାତ୍ର ୧୦ ବର୍ଷପରେ ମଟରଗାଡ଼ିର ବେଗ ହେଲା ଘଣ୍ଟାକୁ ୧୦୮ କିଲୋମିଟର । ୧୯୯୦ ମସିହାରେ ଯେଉଁ ମଟରଗାଡ଼ି ଦୌଡ଼ ହେଲା, ସେଥିରେ ତାହା ହେଲା ସବୁଠାରୁ ଅଧିକ । ଆଜି ଗାଡ଼ିର ଗଠନ ଓ ଇଞ୍ଜିନ୍ ବଦଳିବା ଫଳରେ ଏ ବେଗ ଆହୁରି ବଢ଼ିଗଲାଣି ।

ଏବେ ରେଳଗାଡ଼ି ସାଧାରଣ ଭାବେ ଘଣ୍ଟାକୁ ଅଶୀରୁ ଶହେ କିଲୋମିଟର ବେଗରେ ଯାଉଥିଲେ ବି ଏହାର ବେଗ ଘଣ୍ଟାକୁ ୫୦୦ କିଲୋମିଟର ହେବ ବୋଲି ଜଣା ପଡ଼ିଲାଣି । ଏ ପ୍ରାୟ ଉଡ଼ାଜାହାଜ ବେଗ ସଙ୍ଗେ ସମାନ । ଉଡ଼ାଜାହାଜ ବି ତା ବେଗ ବଢ଼େଇବାରେ ଲାଗିଛି । ଉଡ଼ାଜାହାଜ ଆଜି ଏପରି

ବେଗରେ ଗଲାଣି ଯେ ତାଠାରୁ ଯେଉଁ ଶବ୍ଦ ବା ଧ୍ୱନି ବାହାରୁଛି ତାକୁ ଟପିଯାଉଛି । ଏ କିଛି କମ୍ ବେଗ ନୁହେଁ, ଘଣ୍ଟାକୁ ପ୍ରାୟ ୧୨୦୦ କିଲୋମିଟର !



ଏ କ'ଣ ବେଶି ଜଣା ପଡୁଛି ? ରକେଟ୍‌ର ବେଗ ତାଠାରୁ ଢେର୍ ଅଧିକ । ପୃଥିବୀ ବାହାରକୁ ଯିବାକୁ ହେଲେ ଘଣ୍ଟାକୁ ଚାଳିଶ ହଜାର କିଲୋମିଟରରୁ ଅଧିକ ବେଗରେ ଯିବାକୁ ପଡ଼ିବ । ଏତେ ବେଗରେ ଉଠିଲେ ରକେଟ ବାୟୁରେ ଘଷି ହୋଇ ଜଳିଯିବ । ଏଥିପାଇଁ ଯାନକୁ ଧୀରେ ଧୀରେ ଏ ବେଗ ଦିଆଯାଏ । ଧୀର ଅର୍ଥ ଗେଣ୍ଡାର ବେଗ, ନୁହେଁ, ଘଣ୍ଟାକୁ ପ୍ରାୟ ପଚିଶ ହଜାର କିଲୋମିଟର । ଏହା ଜେଟ୍ ବିମାନର ପ୍ରାୟ ୨୦ ଗୁଣ ବେଗ ସହ ସମାନ ।

କିଏ ଭାବୁଥିବ ଖୁବ୍ ହେଲେ ଯାନର ବେଗ କେତେ ହୋଇପାରିବ ? ବସ୍ତୁ ପକ୍ଷରେ ବେଗର ଶେଷ ସୀମା ହେଲା 'ଆଲୋକ ବେଗ' । ଏକ ସେକେଣ୍ଡକୁ ୩ ଲକ୍ଷ କିଲୋମିଟର, ଘଣ୍ଟାକୁ ପ୍ରାୟ ଦଶହଜାର ଆଠଶହ ଲକ୍ଷ କିଲୋମିଟର । ସେହି ବେଗରେ ଗଲେ ତାହା ଆଉ ବସ୍ତୁ ହୋଇ ରହେ ନାହିଁ, ଶୂନ୍ୟରେ ଉଭେଇ ଯାଏ ଓ ଶକ୍ତି ପାଲଟି ଯାଇଥାଏ ।

ବସିଲେ ଉଠିପାରିବୁ ନାହିଁ

ଦିନେ ବାପା ରମୁକୁ ଡାକି କହିଲେ, 'ଆରେ ରମୁ, ତମେ ତ ବଡ଼ ବଡ଼ ବିଜ୍ଞାନ କଥା ପଢୁଛ, ତମ ସ୍କୁଲକୁ କମ୍ପ୍ୟୁଟର ଆସିଲାଣି, ଆଜିକାଲି ଶିଶୁଗାଇଙ୍କରେ ଜିନ୍ ଅଦଳବଦଳ କଥା କୁହାହେଲାଣି । ଛୋଟ କଥାଟି କିପରି ହେଉଛି କହିପାରିବୁ ?''

ରମୁ– କୁହନ୍ତୁ ବାପା, କ'ଣ କହୁଛନ୍ତି ?

ବାପା– ଦେଖ୍, ଏ ଚିତ୍ରରେ ପିଲାଟି ଚୌକିରେ ଯେମିତି ବସିଛି, ସେମିତି ବସ । ଚେଷ୍ଟାକର ଉଠିବାକୁ । ହଁ, ସିଧା ବସିଥିବୁ, ଗୋଡ଼ ଚୌକି ତଳକୁ ନେବୁ ନାହିଁ । ଗୋଡ଼ ଏଣେତେଣେ ନେବୁ ନାହିଁ କି ଆଗକୁ ଝୁଙ୍କିବୁ ନାହିଁ । ଏପରି ବସିଲେ ଉଠିପାରିବୁ ନାହିଁ । କେବଳ ତୋରି ପରି ପିଲା କ'ଣ, ଭୀମ ପରି ପହିଲିମାନ ଯୋଦ୍ଧା ବି ପାରିବ ନାହିଁ । ଠାକୁର ଯଦି ମଣିଷ ହୋଇ ଆସି ଏହିପରି ବସିବେ, ସେ ବି ଉଠିପାରିବେ ନାହିଁ ।



ରମୁ– ସତେ ତ ବାପା ! ଗୋଡ଼ ଚୌକି ତଳକୁ ନ ନେଲେ କି ଆଗକୁ ନ ଝୁଙ୍କିଲେ ଠିଆ ହେବା ସମ୍ଭବ ନୁହେଁ ।

ବାପା – କହିଲି ପରା, ଠାକୁର ବି ମଣିଷ ହୋଇ ଆସିଲେ ଉଠିପାରିବେ ନାହିଁ । ଏ ହେଲା ବିଜ୍ଞାନର ନିୟମ । ଆମେ ସମସ୍ତେ ଏହି ନିୟମରେ ଆବଦ୍ଧ ।

ରମୁ – କୁହନ୍ତୁ ବାପା । କଅଣ ସେ ନିୟମ ? ଏ ତ ବଡ଼ ମଜା କଥା । ସାମାନ୍ୟ କଥାଟା, ଏହାର କାରଣ ଏଯାଏ ମୁଁ ଜାଣିନି ।

ବାପା – କହୁଥିଲି ନା, ବଡ଼ ବଡ଼ କଥାରେ ଖାଲି ଭାସୁଚ, ଛୋଟ ଛୋଟ କଥାକୁ ଟିକେ ତଳେଇ ଦେଖୁନ । ବିଜ୍ଞାନର ରହସ୍ୟ ଭେଦ କରିବ କିପରି । ଆଚ୍ଛା, ତୁ 'ମାଧ୍ୟାକର୍ଷଣ ବିନ୍ଦୁ' କ'ଣ ଜାଣୁ ? ଆଜିକାଲି ତ ଏଗୁଡ଼ା ପୁରୁଣା ପାଠ ହୋଇଗଲାଣି । ତାକୁ ଖାଲି ଗଡ଼େଇ ଦେଉଛ । ତା ବିଷୟରେ ଟିକେ ଜାଣିଲେ କଥାଟି ସହଜରେ ବୁଝିହୋଇଯିବ ।

ପୃଥିବୀରେ ଯେତେ ଯାହା ଜିନିଷ ଅଛି, ସେସବୁ ପୃଥିବୀ ସାଙ୍ଗରେ ଘୂରି ଘୂରିକା ଆକାଶରେ ସୂର୍ଯ୍ୟ ଚାରିପଟେ ଗତି କରୁଛି । ପୃଥିବୀ ସେସବୁକୁ ତା' କେନ୍ଦ୍ରଆଡ଼କୁ ଟାଣି ଧରିଥିବାରୁ ସେସବୁ ଅନ୍ୟ କୁଆଡ଼େ ନ ଯାଇ ପୃଥିବୀ ସହିତ ସ୍ଥିର ହୋଇ ଗତି କରି ଲାଗିଛି । ଅନ୍ୟ କୁଆଡ଼େ ଖସି ଯାଉନାହିଁ ।

ରମୁ – ତାହା ତ ମୁଁ ଜାଣେ । ପୃଥିବୀର ଏହି ଟଣା ବଳକୁ ମାଧ୍ୟାକର୍ଷଣ ବଳ କହନ୍ତି । ମାଧ୍ୟାକର୍ଷଣ ବିନ୍ଦୁ ପୁଣି କ'ଣ ?

ବାପା – ଏହି ଆକର୍ଷଣ ବଳ ବସ୍ତୁକୁ ତା' କେନ୍ଦ୍ରଆଡ଼କୁ ଟାଣିବ । ଆକର୍ଷଣବଳର କାର୍ଯ୍ୟକାରୀ ଦିଗକୁ ସରଳରେଖା ମନେକଲେ ତାହା ସବୁବେଳେ ବସ୍ତୁର ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁ ଓ ପୃଥିବୀର କେନ୍ଦ୍ରକୁ ଯୋଗ କରିବ । ବସ୍ତୁଟି ଯେପରି ରହିଲେ ବା ଝୁଲିଲେ ବି ଏହାର ସ୍ଥାନ ନିର୍ଦ୍ଦିଷ୍ଟ । ତାହାହିଁ ବସ୍ତୁର ମାଧ୍ୟାକର୍ଷଣ ବିନ୍ଦୁ । କୌଣସି ସମଘନ ଆକୃତିର ବାକ୍ସ ବା ଗୋଲକ ହୋଇଥିଲେ ବିନ୍ଦୁଟି ଠିକ୍ କେନ୍ଦ୍ରରେ ଥାଏ । ଗୋଟିଏ ମଣିଷର ମାଧ୍ୟାକର୍ଷଣ ବିନ୍ଦୁ ଶରୀରର ଠିକ୍ କେନ୍ଦ୍ରାଞ୍ଚଳରେ ନାହି ଉପରକୁ ପ୍ରାୟ ୨୦ ସେଣ୍ଟିମିଟର ଉଚ୍ଚତାରେ ଥାଏ ।

ମଣିଷର ମୁଣ୍ଡରେ ବୋଝ ଲଦିଲେ ଏହା ଆହୁରି ଉପରକୁ ଉଠିଯାଏ । ହଁ, ଆଉ ଗୋଟିଏ କଥା କହିବାକୁ ଭୁଲିଗଲି । ଏହି ବିନ୍ଦୁରୁ ଭୂଇଁ ଉପରକୁ ଲମ୍ବ ଟାଣିଲେ ଯେଉଁ ଭୂଲମ୍ବ ରେଖା ହୁଏ, ତାହାହିଁ ଆକର୍ଷଣ ବଳର ଦିଗ ।

ରମୁ– ବାପା, ଏ ଭୂଲମ୍ବ ରେଖା କଥା କହିଲେ କାହିଁକି ?

ବାପା– ମଜା ତ ସେଇଠି । ବସ୍ତୁଟି ଯେଉଁଠି ତଳକୁ ଲାଗିଛି, ତାକୁ ବସ୍ତୁର ଭିତ୍ତି ବା ଆଧାର କହନ୍ତି । ମାଧ୍ୟାକର୍ଷଣ ବିନ୍ଦୁରୁ ପଡ଼ିଥିବା ଲମ୍ବ ଆଧାର ଭିତରେ ନ ରହିଲେ ବସ୍ତୁଟି ଡେରି ହୋଇ ନ ରହି ପଡ଼ିଯିବ ।

ମଣିଷ ଚୌକିରେ ବସିଥିଲାବେଳେ ଏହି ଲମ୍ବ ଚୌକି ଭେଦ କରି ଯାଉଥିଲା । ଠିଆ ହେଲାବେଳକୁ ତାହା ଦୁଇ ପାଦ ଭୂଇଁ ଛୁଇଁଥିବା ଅଞ୍ଚଳ ଭିତରେ ରହିବା କଥା । ତାହା ହେବ କିପରି ? ତା' ପାଦ ତ ଚୌକି ବାହାରେ ଅଛି ।

ସେ ଯଦି ପାଦ ଚୌକି ତଳକୁ ନେବ, ତାହା ସମ୍ଭବ ହେବ ଓ ସେ ଠିଆ ହୋଇପାରିବ । ନ ହେଲେ ସେ ଆଗକୁ ଝୁଙ୍କିଲେ, ମାଧ୍ୟାକର୍ଷଣ ବିନ୍ଦୁରୁ ପଡ଼ିଥିବା ଲମ୍ବ ତା' ପାଦ ଦୁଇଟି ମଝିକୁ ଚାଲିଆସିବ ଓ ସେ ଠିଆ ହୋଇପାରିବ । ତେଣୁ ଆଗକୁ ନ ଝୁଙ୍କିବାକୁ ବା ଗୋଡ଼ ଚୌକି ତଳକୁ ନ ନେବାକୁ ମୁଁ କହିଥିଲି । ତା' ଅର୍ଥ ଠିଆ ନ ହେବାର ସର୍ତ୍ତ ଦେଇଥିଲି । ତେଣୁ ଠିଆ ହେବା କଥା ଅସମ୍ଭବ ।

ରମୁ– ବାପା, ସେ ଢଳିଥିବା ସିଲିଣ୍ଡର ଚିତ୍ରଟା କ'ଣ ?

ବାପା– ଏଠାରେ ମାଧ୍ୟାକର୍ଷଣ ଲମ୍ବ ରେଖା ସିଲିଣ୍ଡରର ଆଧାର ଭିତରେ ରହୁ ନାହିଁ । ତେଣୁ ସିଲିଣ୍ଡରଟି ପଡ଼ିଯିବ । ତାକୁ ଟିକେ ସଳଖିବାକୁ ହେବ, ନହେଲେ ଢିରା ଦେବାକୁ ହେବ ।

ଏବେ ବସିବା ସ୍ଥାନରୁ ଉଠିବାକୁ ହେଲେ ବି କୌଶଳ କରିବାକୁ ହେବ । ବୁଝିଲୁ ତ ?

ରମୁ– ବୁଝିଲି ବାପା, କୌଶଳ କରୁଥିଲେ ବି କରୁଛି ବୋଲି ଜାଣି ନ ଥିଲି ।

ଆମେ ଚାଲୁ କିପରି

ରମୁ ଖେଳିସାରି ଘରେ ପହଞ୍ଚିଲା ବେଳକୁ ସଞ୍ଜ ୬ଟା । ଘର ଭିତରୁ ମା' ପାଟି କରି କହିଲେ, ''ରମୁ, ଶୀଘ୍ର ଗୋଡ଼ ହାତ ଧୋଇ ପଢ଼ା ଆରମ୍ଭ କର ।'' ରମୁର ବାପା କଲେଜରୁ ଫେରି ଚା' ପିଉଥାନ୍ତି । ରମୁ ଗୋଡ଼ହାତ ଧୋଇ ବାପାଙ୍କ ପାଖରେ ପହଞ୍ଚିଗଲା । ବାପା ରମୁକୁ ଦେଖି ପଚାରିଲେ, ''ଆରେ ରମୁ, ତମ ପରୀକ୍ଷା କେବେ ? ସ୍କୁଲରେ ସବୁଦିନେ କିଛି କିଛି ପଢୁଛ ନା କେବଳ ପରୀକ୍ଷାକୁ ଅନେଇ ବସିଛ ?

ରମୁ– ନାହିଁ ବାପା ସବୁଦିନେ ପଢୁଛି । ପରୀକ୍ଷା ଡେରି ହେବ । ଏବେ କିନ୍ତୁ ପରୀକ୍ଷା ପାଇଁ ପଢ଼ିବାକୁ କହିଲେଣି । ବାପା, ଆଜି ବିଜ୍ଞାନ ପଢ଼ା ହେଲା ବେଳେ ବଡ଼ ମଜା ହେଲା । ସେଦିନ ଆପଣ କହିଥିଲେ– ବସିଲେ କିପରି ଉଠି ହେବ ନାହିଁ । ଆଜି ତ ସମସ୍ତେ ଆମ ଶ୍ରେଣୀରେ ତାକୁ ପରୀକ୍ଷା କରି ବସିଲେ । କେହି ଉଠି ପାରିଲେ ନାହିଁ । ଆପଣ ଆଉ ଗୋଟିଏ ମଜା କଥା କହନ୍ତେ ନି ?

ବାପା– ଆରେ ବୁଝି ବସିଲେ ସବୁ ତ ମଜା । କିଏ କ'ଣ ବୁଝିବାକୁ ଚେଷ୍ଟା କରୁଛି ? ସମସ୍ତେ ତ ଖାଲି ଘୋଷାଘୋଷିରେ ମାତିଛନ୍ତି । ଲକ୍ଷ୍ୟ କେବଳ ପରୀକ୍ଷାରେ ଉତ୍ତର ଲେଖିବା । ଆଚ୍ଛା, କହିଲୁ ଆମେ ଚାଲୁ କିପରି ?

ରମୁ– ଏଟା କ'ଣ ଗୋଟାଏ ପ୍ରଶ୍ନ ? ଆମେ ଗୋଡ଼ରେ ଚାଲୁ, ଯାହାର ଗୋଡ଼ ନାହିଁ ସେ ଘୁଷୁରି ଘୁଷୁରି ଚାଲେ, ଠିକ୍ ସାପ ଓ ଜିଆ ଯେମିତି ଚାଲନ୍ତି ।

ରମୁ କଥା ଶୁଣୁ ଶୁଣୁ ବାପା ଠୋ ଠୋ ହସି ଉଠିଲେ । ବାପାଙ୍କ ହସ ଦେଖି ରମୁ ଭାବିଲା– କିଛି ଭୁଲ ହୋଇଗଲା । ଟିକେ ଭାବି କହିଲା ନାହିଁ ବାପା, ଗୋଡ଼ ନୁହେଁ, ପାଦ । ବାପା କହିଲେ, ''ହଁ ହେଲା,, କଥା କ'ଣ ସେଠି ? ଚାଲିବାରେ ଆମେ ପାଦ କଥା କହିଲେ ବି ଗୋଡ଼କୁ ନେଇ ସିନା ପାଦ । ଗୋଡ଼ ନ ଥାଇ କାହାର କ'ଣ ପାଦ ଅଛି ? ତେବେ ଜୀବଜନ୍ତୁଙ୍କ ପାଦ ବା ଖୁରା ଗଠନ ଅନୁସାରେ ତାଙ୍କ ଚାଲିବା ଢଙ୍ଗ ଅଲଗା ଅଲଗା ହୋଇଥାଏ । ମୁଁ ତ

ପଚାରି ନ ଥିଲି କାହା ସାହାଯ୍ୟରେ ଚାଲୁ ବୋଲି । ମୋ ପ୍ରଶ୍ନ ଥିଲା – ଆମ ଚାଲିବାଟା କିପରି ହୁଏ ?''

ରମୁ – ବାପା, ଆମର ତ ପାଦ ଅଛି ଚାଲିବା ପାଇଁ, ଯୁଆଡ଼କୁ ମନ ହେଲା ଚାଲୁଛୁ । କିପରି ଚାଲୁଛୁ ମୁଁ ତ କେବେ ଭାବି ନାହିଁ । ଚାଲିବା ବି କ'ଣ ବିଜ୍ଞାନ କଥା ?

ବାପା – ଆରେ ହୁଣ୍ଡା, ଆମ ଚାଲିଚଳନରୁ ବିଜ୍ଞାନ ଅଲଗା ହେବ କିପରି ? ଆମେ ଯାହା ଦେଖୁଛୁ, ଶୁଣୁଛୁ, କରୁଛୁ ବା ଅନୁଭବ କରୁଛୁ, ତାକୁଇ ନେଇ ତ ବିଜ୍ଞାନ ନିୟମ ଗଢ଼ା ହୋଇଛି । ସେହି ନିୟମ ସତ ହୋଇଥିଲେ ତାହା ସାହାଯ୍ୟରେ ଯାହା ଯେପରି ଘଟୁଛି ତାହାସବୁ ବୁଝେଇ ହେବ ।



ଚାଲିବା ଚିତ୍ର

ତୁ ନିଜେ ପରୀକ୍ଷା କରିପାରିବୁ । ଏବେ ମୋ କଥା ଶୁଣ । ଏ ଦୁଇଟି ଚିତ୍ର ଦେଖ । ଉପର ଚିତ୍ରରେ ଜଣେ ଲୋକ କିପରି ପାଦ ଉଠାଇ ପକାଉଛି ଦେଖାଇ ଦିଆଯାଇଛି । ତଳ ଚିତ୍ରରେ ଦୌଡ଼ିଲାବେଳେ ତା' ପାଦ କିପରି ଉଠୁଛି ଓ ପଡୁଛି ଜଣାପଡ଼ିବ ।

ରମୁ – ବାପା, ଏ ଚିତ୍ରରୁ କିଛି ବୁଝି ହେଉନି । ଅବଶ୍ୟ ଲୋକଟି ଆଗକୁ ଆଗକୁ ଗଲାବେଳେ କିପରି ପାଦ ଉଠାଉଛି ଓ ପକାଉଛି ଜଣାପଡୁଛି । ଏଥିରେ ବିଜ୍ଞାନ ନିୟମ କ'ଣ କିପରି ଲାଗୁ ହେଉଛି ଜଣାପଡୁନି ।

ବାପା – ଦେଖ୍, ପ୍ରଥମ ଅବସ୍ଥାରେ ବାମ ପାଦ ଭୂଇଁରେ ଅଛି, ଡାହାଣ ପାଦର ଗୋଇଠି ଉଠିଛି, ବାଁ ଗୋଡ଼ କ୍ରମେ ସିଧା ହେଉଛି, ଡାହାଣ ଗୋଡ଼ ଆଣ୍ଠୁ ପାଖରେ ଅଧିକ ବଙ୍କା ହୋଇ ଧୀରେ ଧୀରେ ଆଗକୁ ଯାଉଛି । ଶେଷରେ ଡାହାଣ ଗୋଡ଼ ସିଧା ହୋଇ ଆଗରେ ଗୋଇଠି ପାଖରେ ଭୂଇଁ ଛୁଇଁଲା ବେଳକୁ ବାଁ ପାଦ ଗୋଇଠି ଭୂଇଁରୁ ଉଠିବାକୁ ଆରମ୍ଭ କଲାଣି । ପରେ ଡାହାଣ ପାଦ ଭୂଇଁରେ ସିଧା ହେବ ଓ ବାଁ ପାଦ ଉଠି ଆଗକୁ ପଡ଼ିବ । ଏହିପରି ଲୋକଟି ଆଗକୁ ଆଗକୁ ଚାଲିବ ।

ମୁଁ ଜାଣେ ତୁ ଏହାର ବିଜ୍ଞାନ କିଛି ବୁଝିପାରି ନ ଥିବୁ । ଲୋକଟି ପାଦ ଉଠାଇ ବଙ୍କାଇଲା ବେଳେ ତା' ଦେହ ଭିତରେ ନାହି ଉପରକୁ ଥିବା ମାଧ୍ୟାକର୍ଷଣ ବିନ୍ଦୁ ଆଗକୁ ରହିଲା । ସେହି ବିନ୍ଦୁରୁ ଭୂଇଁକୁ ଲମ୍ବ ଟାଣିଲେ ତାହା ପାଦ ଦୁଇଟି ବାହାରେ ପଡ଼ିବ । ଆରଥରକ କହିଥିଲି ନା ମାଧ୍ୟାକର୍ଷଣ ବିନ୍ଦୁରୁ ଟଣା ହୋଇଥିବା ଭୂଲମ୍ବ ପାଦ ଦୁଇଟି ମଝିରେ ନ ରହିଲେ ଭୂଲମ୍ବ ଯୁଆଡ଼େ ପଡ଼ିବ, ଲୋକଟି ସେଆଡ଼େ ଢଳିପଡ଼ିବ । ଏଠାରେ ଲୋକଟି ଆଗକୁ ପଡ଼ିଯିବ । ପଡ଼ିବାରୁ ରକ୍ଷା ପାଇବା ପାଇଁ ଡାହାଣ ପାଦକୁ ନେଇ ଆଗରେ ପକାଇବ । ତାହାହେଲେ ମାଧ୍ୟାକର୍ଷଣ ବିନ୍ଦୁରୁ ଭୂଲମ୍ବ ପାଦ ଦୁଇଟି ମଝିରେ ରହିବ ।



ଦୌଡ଼ିବା ଚିତ୍ର

ରମୁ – ତାହାହେଲେ ବାପା, ଚାଲିବା ବେଳେ ଲୋକ ତା ଭାରସାମ୍ୟ ହରାଇ ଆଗକୁ ପଡ଼େ, ପଡୁ ପଡୁ ରକ୍ଷା ପାଇବା ପାଇଁ ପୁଣି ପାଦ ଆଗକୁ ବଢ଼ାଏ । ମଜା କଥା ତ ! ଚାଲିବା ମାନେ ଲାଗ୍ ଲାଗ୍ ଆଗକୁ ପଡ଼ିବା ।

ବାପା – ଏବେ ଠିକ୍ ବୁଝିଲୁ । ଲୋକେ କିପରି ଦୌଡ଼ନ୍ତି ଜାଣିବା ପାଇଁ ଉପର ଚିତ୍ରକୁ ଲକ୍ଷ୍ୟ କର । ଏଥିରେ ଲୋକଟି ଅଧିକ ବଙ୍କେଇ ଶୀଘ୍ର ଶୀଘ୍ର ପାଦ ଉଠାଇଥାଏ । ଦୌଡ଼ିଲା ବେଳେ ଲୋକର ଦୁଇଟାଯାକ ପାଦ ଶୂନ୍ୟରେ ରହେ, ଭୂଇଁ ଛୁଏଁ ନାହିଁ । ଲୋକଟି ପ୍ରକୃତରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଡେଇଁ ପଡ଼େ । ଦୌଡ଼ିବା ଅର୍ଥ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଶୀଘ୍ର ଡେଇଁ ପଡ଼ିବା ।

ରମୁ – ବାପା, ଥରେ ବିଜ୍ଞାନ ସାର୍ କହୁଥିଲେ ଉପରକୁ ଉଠିଲାବେଳେ ଲୋକ କାର୍ଯ୍ୟ କରେ ଶକ୍ତି ଖର୍ଚ୍ଚ ହୁଏ, ଭୂଇଁରେ ଚାଲିଲେ କିଛି କାର୍ଯ୍ୟ ହୁଏ ନାହିଁ ଏହା କ'ଣ ଠିକ୍ ?

ବାପା – ନା, ତାହା ଠିକ୍ ନୁହେଁ । ଚାଲିବାବେଳେ ମଧ୍ୟ ପ୍ରତିଥର ପାଦ ଉଠାଇ ପକାଇବାବେଳେ ଆମେ ଆମ ଶରୀରର ଓଜନକୁ ଅଳ୍ପ କେତେ ସେଣ୍ଟିମିଟର ଉପରକୁ ଉଠାଉ । ଏହାଦ୍ୱାରା ଆମେ କିଛି କାର୍ଯ୍ୟ କରୁ । ହଁ, ଆଉ ଗୋଟିଏ କଥା କହିବାକୁ ଭୁଲିଗଲି । ଲୋକଟି ବଙ୍କେଇ ପାଦରେ ଭୂଇଁକୁ ଠେଲିଲେ ଭୂଇଁର ପ୍ରତିକ୍ରିୟାରେ ସେ ଆଗକୁ ଠେଲିହୁଏ ଓ ଝୁଙ୍କିଥାଏ । ତାହାର ମାଧ୍ୟାକର୍ଷଣ ବିନ୍ଦୁ ଆଗକୁ ପଡ଼ିଥାଏ ।

ରମୁ – ବାଃ, ଚାଲିବାରେ ପୁଣି ଏତେ ବୈଜ୍ଞାନିକ କୌଶଳ ।

ବାସୁବାବୁଙ୍କ ବସ୍‌ଚଢ଼ା

ବସ୍‌ଚଢ଼ାରେ କି ବାହାଦୁରି ? ପ୍ରତିଦିନ ତ ଏ ପୃଥିବୀର କୋଟି କୋଟି ଲୋକ ବସ୍ ଚଢୁଛନ୍ତି । ପିଲାଛୁଆଙ୍କଠାରୁ ଆରମ୍ଭ କରି ବୁଢ଼ାବୁଢ଼ୀ, ଏପରିକି କେମ୍ପା, କୁଜା, ଅନ୍ଧ ଓ ଛୋଟା ପର୍ଯ୍ୟନ୍ତ ସମସ୍ତେ ବସ୍‌ରେ ଯା'ଆସ କରୁଛନ୍ତି । ହେଲେ ଘୋଡ଼ାଚଢ଼ା କଥା ହୋଇଥାନ୍ତା, ଶୁଣିବାକୁ ମନ ବଳନ୍ତା । ଘୋଡ଼ାଚଢ଼ାରେ କୌଶଳ ଖଟାଇବାକୁ ହୁଏ, ଘୋଡ଼ା ଝପଟାଇବାର କାଇଦା ଅଛି । ଘୋଡ଼ାଚଢ଼ିଥିଲେ ରାଣା ପ୍ରତାପ, ମରହଟ୍ଟା ବୀର ଶିବାଜୀ, ପରାଧୀନ ଦେଶରେ ରାଜା ଜମିଦାରମାନେ, ନିଘଞ୍ଚ ଜଙ୍ଗଲର ଦୁର୍ଦ୍ଧାନ୍ତ ଡାକୁ ସର୍ଦ୍ଦାର ମାନସିଂହ । ସେ ସବୁ ଇତିହାସ ପାଲଟିଗଲାଣି । ଏବେ କଦବା କେଉଁଠି ଘୋଡ଼ା ଦୌଡ଼ ହେଉଛି, ଜନତା ମାତିଲେ ଘୋଡ଼ସବାର ପୋଲିସ ଲାଠି ଧରି ଧାଉଁଛନ୍ତି ।

କିନ୍ତୁ ବାସୁବାବୁଙ୍କ ବସ୍‌ଚଢ଼ା ଏକ ଶୁଣିବାଭଳି କାହାଣୀ । ଅବଶ୍ୟ ଏହା ରୋମାଞ୍ଚକର ନୁହେଁ, କିନ୍ତୁ ନିଶ୍ଚୟ କୌତୁକପ୍ରଦ । ବସ୍ ଠିଆ ହୋଇଥାଉ ବା ଚାଲୁଥାଉ, ସେ ନିଶ୍ଚୟ ଦୌଡ଼ି ଦୌଡ଼ି ଯାଇ ବସ୍ ଚଢ଼ିବେ । କାରଣ ପଚାରିଲେ କହନ୍ତି, ସେ କାରଣ ଫାରଣ କିଛି ଜାଣନ୍ତି ନାହିଁ । ସେ ତାଙ୍କ ବାପାଙ୍କଠାରୁ ଶୁଣିଥିଲେ ଦୌଡ଼ି ଦୌଡ଼ି ବସ୍ ଚଢ଼ିଲେ ପଡ଼ିବା ଭୟ ନ ଥାଏ । ସେହିପରି ବସ୍‌ରୁ ଓହ୍ଲେଇଲାବେଳେ ହଠାତ୍ ଭୂଇଁ ଉପରେ ଠିଆ ହୋଇ ନ ଯାଇ କିଛି ବାଟ ଦୌଡ଼ିବାକୁ ହୁଏ । ଆଜିକି ୫୦ ବର୍ଷ ହେଲା ସେ ଏମିତି ଧାଇଁ ଧାଇଁ ବସ୍ ଚଢୁଛନ୍ତି ଓ ବସ୍‌ରୁ ଓହ୍ଲେଇ ଧାଉଁଛନ୍ତି । ତାଙ୍କର ଏ ଅଭ୍ୟାସ କାମ ଦେଇଛି । ଦିନେ ବି ସେ ବସ୍‌ରୁ କେଉଁଠି ପଡ଼ିନାହାନ୍ତି । ଏହା ଗୁରୁଜନଙ୍କ ଉକ୍ତି ଓ ତାଙ୍କ ଅଙ୍ଗେ ନିଭେଇବା କଥା । ଏ ସମ୍ବନ୍ଧରେ ସେ କିଛି ଉପଦେଶ ଶୁଣିବାକୁ ଚାହାନ୍ତିନି କି ଆଲୋଚନା ପାଇଁ ପ୍ରସ୍ତୁତ ନୁହନ୍ତି ।

ଏକା ବାସୁବାବୁ କାହିଁକି ? ତାଙ୍କରି ପରି ଶହ ଶହ ଲୋକ ଅଛନ୍ତି । ସେମାନେ ସମସ୍ତେ ଗୋଟିଏ ଗୁଳାରେ ଚାଲିଛନ୍ତି, ଆଲୋଚନା ବା ପରୀକ୍ଷା କରିବାକୁ ନାରାଜ । ତେବେ ଆସନ୍ତୁ ଆମେ ଦେଖିବା ଏମାନଙ୍କ ଦୌଡ଼ିବା ପଛରେ କି ବୈଜ୍ଞାନିକ କାରଣ ଅଛି ।

ବସ୍‌ଟି ଗତି କଲେ ଆମଠାରୁ ଦୂରେଇଯାଏ । ଆମେ ଯଦି ବସ୍‌ର ବେଗରେ ଗତି କରିବା, ବସ୍ ସଙ୍ଗେ ସଙ୍ଗେ ଚାଲିବା, ବସ୍ ଆମ ପାଖରେ ସ୍ଥିର ଥିଲା ପରି ଜଣାପଡ଼ିବ । ସେତେବେଳେ ବସ୍‌ରେ ଚଢ଼ିଗଲେ ଆମେ ଏକ ଠିଆ ହୋଇଥିବା ବସ୍‌ରେ ଚଢ଼ିଲା ପରି ଜଣା ପଡ଼ିବ । ବସ୍ ଭିତରେ ଆମେ ଆଗକୁ ବା ପଛକୁ ପଡ଼ିବା ନାହିଁ । କାରଣ ବସ୍ ଓ ଆମ ଭିତରେ ବେଗର ତଫାତ୍ ବା ଆପେକ୍ଷିକ ବେଗ ଶୂନ୍ । ଦୁଇଟି ରେଳଗାଡ଼ି ଯଦି ସମାନ ବେଗରେ ପାଖାପାଖି ରାସ୍ତାରେ ଗୋଟିଏ ଆଡ଼କୁ ଯାଉଥାନ୍ତି, ଗୋଟିଏ ଗାଡ଼ିରୁ ଅନ୍ୟ ଗାଡ଼ିକୁ ଯାତ୍ରୀ ସହଜରେ ପାଦ ବଢ଼େଇ ଚାଲିଯିବେ । ମନେହେବ ଯେପରି ଗାଡ଼ି ଦୁଇଟି ପାଖାପାଖି ଠିଆ ହୋଇ ରହିଛନ୍ତି । ଚଳନ୍ତା ଗାଡ଼ିରେ ନିରାପଦରେ ଚଢ଼ିବା ପାଇଁ ଯାତ୍ରୀ ଦୌଡ଼ି ଦୌଡ଼ି ଗାଡ଼ିର ବେଗ ସହିତ ନିଜ ଶରୀରର ବେଗକୁ ପ୍ରାୟ ସମାନ କରିନିଏ ।

କିନ୍ତୁ ଠିଆ ହୋଇଥିବା ବସ୍ ଚଢ଼ିବାକୁ ହେଲେ ଦୌଡ଼ିବା କି ଦରକାର ? ବରଂ ଦୌଡ଼ି ଦୌଡ଼ି ଚଢ଼ିଲେ ବସ୍ ଭିତରେ ଅନ୍ୟ କାହା ଦେହରେ ବାଡ଼େଇ ହୋଇଯିବାର ଆଶଙ୍କା । ସେହିପରି ବସ୍ ଠିଆ ହେଲେ ସେଥିରୁ ଧୀରେ ଓହ୍ଲେଇବା ଦରକାର । କିନ୍ତୁ କଲିକତା ବା ଦିଲ୍ଲୀ ପରି ବଡ଼ ସହରରେ ଓହ୍ଲେଇବା ସ୍ଥାନରେ ବସ୍ ଖୁବ୍ ଅଳ୍ପ ସମୟ ପାଇଁ ରହେ । ତେଣୁ ବସ୍ ତା' ଗତି ଧିମେଇଲା ବେଳକୁ ଲୋକେ ଓହ୍ଲେଇବା ଆରମ୍ଭ କରିଦିଅନ୍ତି । ଏଭଳି ଚଳନ୍ତା ବସ୍ ବା ରେଳଗାଡ଼ିରୁ ଓହ୍ଲେଇବାବେଳେ ଯାତ୍ରୀ ହଠାତ୍ ଭୂଇଁରେ ଠିଆ ହେବାକୁ ଚେଷ୍ଟା ନ କରି ବସ୍ ଯେଉଁ ଆଡ଼କୁ ଯାଉଥାଏ, ସେଇଆଡ଼କୁ ମୁହଁ କରି କିଛି ବାଟ ଦୌଡ଼ିଯାଏ । ଭୂଇଁରେ ଯାତ୍ରୀର ବେଗ ଆଗକୁ ବଢ଼ିଲେ ବି ସେ ଆଗକୁ ପାଦ ପକେଇ ନିଜ ଶରୀରକୁ ଆସ୍ତେ ଆସ୍ତେ ସଳଖିନିଏ । ଆଗକୁ ଢଳି ପଡ଼ିଲେ ବି ହାତ ଭୂଇଁରେ ଦେଇ ଶରୀରକୁ ଆଘାତରୁ ରକ୍ଷା କରେ । ଓହ୍ଲେଇବାବେଳେ ପଛକୁ ଯିବାକୁ ଥିଲେ କେବେ ଭୁଲରେ ବସ୍‌ର ପଛ ଆଡ଼କୁ ମୁହଁ କରି ଓହ୍ଲେଇବା ଉଚିତ ନୁହେଁ । ଡେଇଁବାର ବେଗ ଯଦି ବସ୍‌ର ବେଗ ସହ ଠିକ୍ ସମାନ ବା ଅଧିକ ନ ହୁଏ, ପଛକୁ ପଡ଼ି ମୁଣ୍ଡ ପିଟି ହୋଇଯିବାର ଆଶଙ୍କା । କାରଣ ବସ୍‌ର ଗତି ସହ ଶରୀର ଗତିକରି ପିଠିପଟ ଭୂଇଁରେ ପଡ଼ିଯାଏ ।

ଯେଉଁମାନେ ଅଭିଜ୍ଞ ବସ୍ କଣ୍ଡକ୍‌ଟର, ସେମାନେ ବସ୍ ଯାଉଥିବା ଦିଗକୁ ମୁହଁ କରି ବସ୍ ଯାଉଥିବା ବେଗରେ ପଛ ଆଡ଼କୁ ଡେଇଁ ପଡ଼ି ସିଧା ଭୂଇଁରେ ଠିଆ ହୋଇଯାଆନ୍ତି । ଓହ୍ଲେଇବାବେଳେ ଟିକିଏ ବି କୁଆଡ଼କୁ ଧାଆନ୍ତି ନାହିଁ, ପଡ଼ନ୍ତି

ନାହିଁ ମଧ । ଏହାର କାରଣ ଅତି ସହଜ । ବସ୍ ଘଣ୍ଟାକୁ ୧୦ କିଲୋମିଟର ଆଗକୁ ଯାଉଥିଲେ ତାଙ୍କ ଦେହଟି ମଧ ସେତିକି ବେଗରେ ଆଗକୁ ଯାଉଥାଏ । ସେ ପଛକୁ ସେତିକି ବେଗରେ ଡେଇଁଲେ ତାଙ୍କ ଶରୀରର କୌଣସି ବେଗ ରହେ ନାହିଁ, ସେ ଭୂଇଁରେ ସ୍ଥିର ହୋଇଯାନ୍ତି । ନିରାପତ୍ତା ପାଇଁ ସେ ମଧ ପଛକୁ ଡେଇଁଲେ ବି ଆଗକୁ ମୁହଁ କରିଥାନ୍ତି । ଆଗକୁ ପଡ଼ିଲେ ହାତଭରା ଦେଇଦେବେ । ଭୁଲରେ କେବେ ବସ୍‌ବେଗରୁ ଅଧିକା ବେଗରେ ପଛକୁ ଡିଅଁନ୍ତି ନାହିଁ । ନ ହେଲେ ପଛକୁ ପଡ଼ିଯିବେ । ଏହା ସହଜ ନୁହେଁ, ଏଥିପାଇଁ ଅଭ୍ୟାସ ଦରକାର । ଆମ ଏ ଲେଖା ପଢ଼ିଲେ ବାସୁବାବୁ ନିଶ୍ଚୟ ଠିଆ ହୋଇଥିବା ବସ୍ ଚଢ଼ିବାକୁ ଧାଇଁବେ ନାହିଁ କି ବସ୍‌ରୁ ଓହ୍ଲେଇ ଧାଇଁବେ ନାହିଁ ।



ତରଭୁଜ ବୋମା ଓ ବୁଲେଟ୍ ମାଛି

ବୋମା ନାଁ ଶୁଣିଲେ ଯିଏ ନାହିଁ ସିଏ ଛାନିଆ ହେବ । ହେବା କଥା । ଆଗେ ସିନା ଯୁଦ୍ଧବେଳେ ବୋମା ଫୁଟୁଥିଲା, ଏବେ ସବୁବେଳେ ଫୁଟୁଛି, ସବୁଆଡ଼େ ମଧ୍ୟ । ବସ୍‌ରେ, ଟ୍ରେନ୍‌ରେ, ଏପରିକି ଚାଲି ଚାଲି ଗଲେ ରାସ୍ତାରେ ବି । ଏ ହେଲା ବୋମା ଆତଙ୍କ । ଏଗୁଡ଼ାକ ସତସତିକା ବୋମା । ଲକ୍ଷ୍ୟ ତା'ର ମାରାତ୍ମକ, କ୍ଷୟକ୍ଷତି ଘଟାଇବା ପାଇଁ ଖଞ୍ଜା ହୋଇଥାଏ ।

ଏଠି କିନ୍ତୁ ଯେଉଁ ବୋମା କଥା କୁହାହେଉଛି ତାହା ତରଭୁଜ । ବୋମା ପାଲଟିଯାଏ । ଖାଲି ମଟରଗାଡ଼ି ଆଗକୁ ଗଡ଼େଇ ଦେଲେ ତାହା ଗୋଟାଏ ବୋମା ଫୁଟିବା ପରି କାମ କରେ ।

୧୯୨୪ ମସିହା କଥା । ରୁଷିଆରେ ମଟରଗାଡ଼ି ଦୌଡ଼ ହେଉଥାଏ । ଗାଡ଼ିଗୁଡ଼ାକ ଘଣ୍ଟାକୁ ପ୍ରାୟ ୧୨୦ କିଲୋମିଟର ବେଗରେ ଛୁଟିଥାନ୍ତି । ବାଟରେ ଗୁଡ଼ିଏ ଚାଷୀ ଲୋକ ମଟରଦୌଡ଼ ଦେଖିବାକୁ ଧାଇଁଆସିଲେ । କିଏ ସେଓ ଧରିଥାଏ, କିଏ ବା ତରଭୁଜ । ଖୁସିରେ ସେମାନେ ଗାଡ଼ି ଭିତରକୁ ଫିଙ୍ଗିଲେ । ଟେକା ଫିଙ୍ଗିଲା ପରି ନୁହେଁ, ପକେଇ ଦେଲା ପରି । କି ଆଶ୍ଚର୍ଯ୍ୟ କଥା ! ସେଗୁଡ଼ାକ କ୍ଷେପଣାସ୍ତ୍ର ପରି ଭୟଙ୍କର ହୋଇଗଲା ।

କେତେକ ମଟରଚାଳକ ଟଳିପଡ଼ିଲେ, ଗାଡ଼ି ଭିତର ଯନ୍ତ୍ରାଂଶ ଭାଙ୍ଗିରୁଜି ଗଲା । ଆନନ୍ଦରେ ଡେଇଁ ଡେଇଁ ସେମାନଙ୍କୁ ଉତ୍ସାହିତ କରୁଥିବା ସେହି ନିରୀହ ଲୋକେ କିଛି ବୁଝିପାରିଲେନି "ଏସବୁ କ'ଣ ହୋଇଗଲା ।" ତାଙ୍କ ତରଭୁଜ ଓ ସେଓ ବୋମା ପାଲଟିଲା କାହିଁକି ?

ଏହା ଏକ ସରଳ ବିଜ୍ଞାନ କଥା । ଗାଡ଼ି ଛୁଟିଥିଲା ଘଣ୍ଟାକୁ ୧୨୦ କିଲୋମିଟର ବେଗରେ । ତରଭୁଜ ବିପରୀତ ଦିଗରୁ ଆସିଲା । ଅତି ଧୀରେ ତାହା ଆସିଲା । ମନେକର ତା'ର ବେଗ ଘଣ୍ଟାକୁ ମାତ୍ର ୧ କିଲୋମିଟର ଥିଲା । ଗାଡ଼ିଚାଳକଠାରେ ତାହା ବାଜିବ ଘଣ୍ଟା ପ୍ରତି ୧୨୧ କିଲୋମିଟର ବେଗରେ । ବିପରୀତ ଦିଗରୁ ଆସୁଥିବାରୁ ଏ ବେଗ ମିଶିଗଲା । ଗୋଟିଏ ୧୦

ଗ୍ରାମର ବୁଲେଟ୍ ଘଣ୍ଟାକୁ ୩୦୦୦ କିଲୋମିଟର ବେଗରେ ଫାୟାର ହୋଇଥିଲେ ଯେଉଁ ଆଘାତ ଦେଇଥାଆନ୍ତା, ଏଇ ୩ କିଲିଆ ତରଭୁଜ ତାହାର ପ୍ରାୟ ୧୦ ଗୁଣ ଆଘାତ ଦେବ ।

ଗକ୍ଷା, ତାହା ତରଭୁଜଟାଏ, ଫାଟି ଛିନ୍‌ଛତର ହୋଇଯିବ । କ୍ଷୟକ୍ଷତି ଯେତିକି ହେବା କଥା ହେବ ନାହିଁ ବା ବୁଲେଟ୍ ପରି ଛାତି କଣା କରି ହୃତ୍‌ପିଣ୍ଡରୁ ରକ୍ତ ଝରେଇବନି । କିନ୍ତୁ ଏ ମାଡ଼ରେ ଛେଚି ହୋଇ ରକ୍ତ ବୋହିବା ବା ହାଡ଼ ଭାଙ୍ଗିବା ଅତି ସାଧାରଣ କଥା ।

ଖବରକାଗଜରେ ଆମେ ପଢୁ ଶାଗୁଣା ଦେହରେ ପିଟି ହୋଇ ଉଡ଼ାଜାହାଜ ଜଳିଗଲା । କାରଣଟା ଏବେ ବୁଝିହେବ । ମନେକର ଶାଗୁଣାଟା ୨ କିମ୍ବା ୩ କିଲୋମିଟର ଉଚ୍ଚତାରେ ଆକାଶରେ ଉଡୁଛି । କେଉଁଠି ମଡ଼ା ପଡ଼ିଥିବ ସେ ଖୋଜୁଛି । ଉଡ଼ାଜାହାଜଟା ହଠାତ୍ କୁଆଡୁ ଆସି ତା ଦେହରେ ଘଣ୍ଟାକୁ ୧ ହଜାର କିଲୋମିଟର ବେଗରେ ପିଟି ହୋଇଗଲା । ଶାଗୁଣାଟିର ଓଜନ ଖୁବ୍ ହେଲେ ୧୦ କିଲୋ ହୋଇଥିବ । ସେ ବିଚରା କୁଆଡୁ ସମ୍ଭାଳିବ ? କୁଆଡ଼େ ଛିଟିକି ଗଲା ।

କିନ୍ତୁ ଉଡ଼ାଜାହଜକୁ ଦେଇଗଲା ଗୋଟିଏ ମସ୍ତବଡ଼ ଶକ୍ତ ଧକ୍କା । ଠିକ୍ ଓଲଟା ବେଗରେ ୧୦ କିଲିଆ ଗୁଳିର ଧକ୍କା । ଉଡ଼ାଜାହାଜଠାରେ ଏକ ୧୦ କିଲିଆ ଗୁଳି ଘଣ୍ଟାକୁ ୧ ହଜାର କିଲୋମିଟର ବେଗରେ ବାଜିଲା । ଉଡ଼ାଜାହାଜ ଓଲଟିଲା, ଜଳିଲା, ଖଣ୍ଡ ଖଣ୍ଡ ହୋଇ ଛିଞ୍ଚାଡ଼ି ହୋଇଗଲା । ସେଥିପାଇଁ ଶାଗୁଣାକୁ ଉଡ଼ାଜାହାଜର ଭୟ । ରାସ୍ତାରେ ଗାଡ଼ି ଧୀରେ ଚଳେଇବାକୁ ସତର୍କ ବାଣୀ । ନ ହେଲେ ପଡ଼ିଥିବା ଢେଲା ବି ଢୋ ହେବ । ଗାଡ଼ି ଯେତିକି ଜୋର୍‌ରେ ଚାଲିବ ଢେଲା ସେତିକି ଜୋର୍‌ରେ ଢୋ ହେବ ।

ପଳେଇ ଯାଉଥିବା ଉଡ଼ାଜାହାଜକୁ ପଛରୁ ଗୁଳି ମାରିଲେ କ୍ଷତିର ଆଶଙ୍କା କମ୍ । ମନେକର ଉଡ଼ାଜାହାଜ ଯାଉଛି ଘଣ୍ଟାକୁ ୩ ହଜାର କିଲୋମିଟର, ଗୁଳି କମ୍ ବେଗରେ ଗଲେ ପଛରେ ପଡ଼ିଯିବ, ସମାନ ବେଗରେ ଗଲେ ଉଡ଼ାଜାହାଜକୁ ତା' ସ୍ଥିର ଥିଲା ପରି ଜଣାପଡ଼ିବ, ଉଡ଼ାଜାହାଜ ପାଖକୁ ଗଲେ ବି ତାହା ଉଡ଼ାଜାହାଜକୁ ଲାଗି ଚାଲିଥିବ । ଉଡ଼ାଜାହାଜରୁ ଲୋକ ତାକୁ ମାଛି ପରି ଧରିନେବ । ବାୟୁରେ ଘଷିହୋଇ ତାହା ଖୁବ୍ ତାତି ଥାଇପାରେ ।

ପ୍ରଥମ ବିଶ୍ୱ ମହାଯୁଦ୍ଧବେଳେ ଥରେ ଏମିତି ଘଟଣା ଘଟିଥିଲା । ଗୋଟିଏ ଫରାସୀ ଉଡ଼ାଜାହାଜରେ ଚାଳକକୁ ମାଛି ପରି କ'ଣ ଦେଖାଗଲା । ସେ ହାତରେ ତାକୁ ଧରି ଦେଖେ ତ ତାହା ଗୋଟିଏ ଜର୍ମାନ୍ ଗୁଳି । ଗୁଳିଟି ଯୋଗକୁ ଉଡ଼ାଜାହାଜ ବେଗରେ ପଛରୁ ଫାୟାର କରାହୋଇଥିଲା । ତାହା ଗୋଟିଏ ମାଛି ପରି ଉଡ଼ାଜାହାଜର ସାଥୀ ହୋଇ ଉଡ଼ୁଥିଲା ।

୧୯୩୫ରେ ଆଉ ଗୋଟିଏ ମଜାକଥା ଘଟିଲା । ବୋର୍ଷ୍ଟୋଭ ରେଳଗାଡ଼ି ଚଳାଉଥାନ୍ତି । ସେ ଏକ ଷ୍ଟେସନ୍‌ରେ ଅଟକି ଥାନ୍ତି । ତାଙ୍କ ଆଗରେ ଆଉ ଗୋଟିଏ ରେଳଗାଡ଼ି ଯାଉଥିଲା । ଉଠାଣି ପଡ଼ିଲା । ଇଞ୍ଜିନ ଏତେଗୁଡ଼ା ଡବା ଟାଣିପାରିଲା ନାହିଁ । ଚାଳକ ପ୍ରାୟ ୨୦ଟି ଡବା ଖୋଲି ଅନ୍ୟଗୁଡ଼ିକୁ ନେଇଗଲା । ଖୋଲିଥିବା ୨୦ଟି ଡବା ଏବେ ତଳକୁ ଗଡ଼ିଲା । ଏଗୁଡ଼ିକ ଘଣ୍ଟାକୁ ପ୍ରାୟ ୧୫ କିଲୋମିଟର ବେଗରେ ପଛକୁ ଆସୁଥାନ୍ତି ।

ବୋର୍ଷ୍ଟୋଭ ଦେଖିଲେ ଏ ଡବାଗୁଡ଼ିକ ଆସି ତାଙ୍କ ଠିଆ ହୋଇଥିବା ଇଞ୍ଜିନ୍‌ରେ ପିଟି ହେବ । ତାହା ହେବ ଘଣ୍ଟାକୁ ୧୫ କିଲୋମିଟର ବେଗରେ ଧାଇଁ ଆସୁଥିବା ଗୋଟିଏ ରେଳଗାଡ଼ିର ଧକ୍କା ପରି । ତାଙ୍କୁ ଟିକେ ଆପେକ୍ଷିକ ବେଗ ବିଜ୍ଞାନ ମାଲୁମ ଥିଲା । ସେ ତାଙ୍କ ଇଞ୍ଜିନକୁ ପ୍ରାୟ ସେଇ ବେଗରେ ପଛକୁ ଚଳେଇଲେ । ଏବେ ୨୦ଟି ଡବା ଆସି ତାଙ୍କ ଇଞ୍ଜିନ୍ ଦେହରେ ଧୀରେ ଅଟକିଲା । ଇଞ୍ଜିନ୍‌ର ବେଗ ଧୀରେ ଧୀରେ କମାଇ ସହଜରେ ସେ ଦୁର୍ଘଟଣାରୁ ରକ୍ଷା ପାଇଗଲେ । ଏକା ଦିଗରେ ସମାନ ବେଗରେ ଯାଉଥିବାରୁ ବାଡ଼େଇ ହେବା କଥା ଉଠିଲା ନାହିଁ ।

ଅଣୁମାନଙ୍କ ଚଗଲାମି

ଲିକି ଓ ମିକି ଦୁଇ ଭଉଣୀ । ଲିକିକି ତିନି ବର୍ଷ, ମିକିକି ନଅ ବର୍ଷ । ମିକି ସ୍କୁଲରେ ପଢ଼ିଲାଣି, ଲିକି ସ୍କୁଲକୁ ଯାଇନି । ହେଲେ ବି ବାପା ତାକୁ ବହି, ଖାତା ଓ କଲମ କିଣି ଦେଉଛନ୍ତି । ନହେଲେ ମିକିକି ସେ ପଢ଼ାଇ ଦିଅନ୍ତାନି । ସାଙ୍ଗ ହୋଇ ଦି'ଜଣ ସବୁବେଳେ ଖେଳନ୍ତି । ପଢ଼ିଲାବେଳେ ମିକି ଯେପରି ଯାହା କରେ ଲିକି ବି ଠିକ୍ ସେଇପରି କରେ ।

ଖରାଦିନ ହୋଇଥାଏ, ଭାରି ଗୁଳୁଗୁଳି ହେଉଥାଏ । ଉପରବେଳାକୁ ମେଘ ଉଠାଇଲା, ସଙ୍ଗେ ସଙ୍ଗେ ତାହା କଳାଘୁମର ହୋଇଆସିଲା, ବିଜୁଳି ମାରୁଥାଏ । ମା' ପାଟିକଲେ, ''ଲିକି ମିକି କୁଆଡ଼େ ଗଲ, ଘରକୁ ପଳାଇଆସ, ବିଜୁଳି ମାରିଲାଣି ।'' ମିକି ପାଟି କରୁଥାଏ, କହୁଥାଏ – ଏଇନେ କୁଆପଥର ପଡ଼ିବ । ଲିକି ବି ତା' ସଙ୍ଗେ ନାଚୁଥାଏ, କହୁଥାଏ କୁଆପଥର ପଡ଼ିବ ।

ସତକୁସତ ବତାସିଆ ପବନ ବହିଲା, ପହିଲୁ ବଡ଼ ବଡ଼ ବରକୋଳିଆ ଠୋପା ପଡ଼ିଲା, ତା'ପରେ ଥଣ୍ଡା ପବନ । ବର୍ଷା ବଢ଼ିବାକୁ ଲାଗିଲା । ଠକ୍‌ଠାକ୍ ହୋଇ କୁଆପଥର ପଡ଼ିଲା । ସତେକି ଧଳା ଧଳା କୋଳି କିଏ ଉପରୁ ବିଞ୍ଚୁଦେଉଛି । ପିଲାଏ କି ସମ୍ଭାଳି ହୁଅନ୍ତି ? ମା'ଙ୍କ କଥା ନ ମାନି କୁଆପଥର ଗୋଟାଇବାରେ ଲାଗିପଡ଼ିଲେ ।

ଲିକି ପିଣ୍ଡାରେ ଗୋଟିଏ ଗିନା ରଖିଥାଏ, ମୁଠା ମୁଠା କୁଆପଥର ଗୋଟେଇ ସେଥିରେ ରଖୁଥାଏ । କୁଆପଥର କି ଗିନାରେ ବେଶି ବେଳ ରହିବ ? ମିଳେଇ ପାଣି ହୋଇଗଲା । ଲିକି କି ସେ କଥା ବୁଝେ ? କାନ୍ଦି କାନ୍ଦି ସେ ତଳେ ଗଡ଼ିଗଲା । କହିଲା, ମୋ କୁଆପଥର ମିକି ଅପା ନେଇ ଗିନାରେ ପାଣି ପୂରେଇ ଦେଲା । କୁଆପଥର ହାତରେ ଧରିଲେ ଯେ ମିଳେଇ ପାଣି ହେଉଛି ଏକଥା ସେ ପିଲାଲୋକ ବୁଝିବ କିପରି ?

ମା' ଯେତେ କହିଲେ ବି ତା' ମନ ମାନିଲା ନାହିଁ । ମା' ଖଣ୍ଡେ ବରଫ ଆଣି ଗିନାରେ ଥୋଇଲେ, ତାହା ପାଣି ହୋଇଗଲା । ତା'ପରେ ସେ ଲଗାଇଲା

କାହିଁକି ବରଫ ପାଣି ହେଉଛି କହ । ଏଡ଼େ ଟିକେ ପିଲାକୁ ମା' ବି କିପରି ବୁଝାଇବେ ଭାବି ପାରିଲେନି । ମିକି କହୁଥାଏ, ''ବୋକୀଟା ଏତିକି ଜାଣିନି, ବହିରେ ପରା ଲେଖା ହୋଇଛି ବରଫ ହେଲା ଜଳର କଠିନ ଅବସ୍ଥା । ବରଫର ତରଳ ଅବସ୍ଥା ଜଳ । ଗ୍ୟାସ୍ ହେଲେ ତାକୁ କହନ୍ତି ଜଳୀୟବାଷ୍ପ । ଏହି ଜଳୀୟବାଷ୍ପ ଉପରକୁ ଉଠି ଆକାଶରେ ବାଦଲ ହୁଏ । ବାଦଲ ଥଣ୍ଡା ହେଲେ ବର୍ଷା ହୁଏ ।''



ମିକି ଏମିତି କହୁଥିଲା ବେଳେ ହଠାତ୍ ମା'କୁ ଅନାଇ ପଚାରିଲା, ''ମା' ସତରେ ଏପରି କାହିଁକି ହୁଏ ? ପାଖରେ ଆଈମା ଠିଆ ହୋଇଥିଲା ।

କହିପକାଇଲା, "ଆଲୋ ଏ କ'ଣ ମନକୁ ହୁଏ ? ସରଗ ରାଇଜର ଇନ୍ଦ୍ରଦେବତା ଏସବୁ କରାଏ । ନହେଲେ ଚାଷ କାମ ହେବ କିପରି ? ଆଜି ସଞ୍ଜକୁ ଭାଗବତ ବୋଲାହେଲେ ଶୁଣିବୁ ।"

ମିକି କହିଲା, "ନାହିଁଲୋ ଆଇମା, ଏ ପରା ଆମ ବିଜ୍ଞାନ ବହିର ପାଠ । ଆଜି ବାପାଙ୍କୁ ପଚାରି ବୁଝିବା ।"

ବର୍ଷା କମିଗଲା, ସଞ୍ଜ ହୋଇଯାଇଥାଏ । ବନମାଳୀବାବୁ ବାଟରେ କେଉଁଠି ଅଟକି ଥିଲେ, ଆସି ଗୋଡ଼ହାତ ଧୋଉଥାନ୍ତି । ଆଗତୁରା ଲିକି ଧାଇଁ ଯାଇ ବାପାଙ୍କୁ କହିଲା, କିପରି କୁଆପଥର ବର୍ଷା ହେଲା । ମିକି ପଛରେ ଠିଆ ହୋଇଥାଏ । ମା' ଜଳଖିଆ ବାଢ଼ିଲେ ।

ମିକି ପାଖରେ ଠିଆ ହୋଇ କହିଲା, "ବାପା, ଜଳ କିପରି ବାଷ୍ପ ଓ ବରଫ ହୁଏ ଆମକୁ କୁହ ।" ଲିକି ପାଲିଧରି କହୁଥାଏ, "କୁହନା ବାପା, କୁଆପଥର କାହିଁକି ପାଣି ହୁଏ ?"

ବାପା ଜଳଖିଆ ଖାଉ ଖାଉ ଭାବୁଥାନ୍ତି ଏ ଛୋଟ ପିଲାଗୁଡ଼ାକ କିପରି ବୁଝିବେ, "କୁଆପଥର କାହିଁକି ପାଣି ହୁଏ ?" ଲିକି ବାପା ପିଠିରେ ଲୋଟିପଡ଼ି କହିଲା, "କୁହନା ବାପା, କାହିଁକି ପାଣି ହୁଏ ?"

ବାପା ଭାବୁ ଭାବୁ କହିଲେ, "ଏସବୁ ଚଗଲା ଅଣୁଙ୍କ କାମ ।" ମିକି ପଚାରିଲା, "ଅଣୁ କିଏ, ସେମାନେ କେଉଁଠି ଥା'ନ୍ତି ? କାହିଁକି ଚଗଲା ହୁଅନ୍ତି ?"

ଅଣୁ ସେଇ ବରଫରେ ଥା'ନ୍ତି । ପ୍ରତ୍ୟେକ ଜିନିଷ ଗୁଡ଼ିଏ ଅଣୁକୁ ନେଇ ଗଢ଼ା । ସେମାନଙ୍କ ସଂଖ୍ୟା କେତେ ନା କେତେ, କୋଟି କୋଟି । ଜିନିଷରୁ ଟିକିଏ ନେଇ ସେଥିରେ ଥିବା ଅଣୁକୁ ଗଣିଲେ ବର୍ଷ ବର୍ଷ ଚାଲିଯିବ, କିନ୍ତୁ ସେଥିରେ ଥିବା ସବୁ ଅଣୁକୁ ଗଣି ହେବନି ।

କୁଆପଥର ବା ବରଫରେ ଥା'ନ୍ତି ଜଳ ଅଣୁ । ସଜେଇ ହୋଇଥାନ୍ତି । ତାଙ୍କ ଜାଗାରେ ଥାଇ ଖାଲି ଟିକେ ଏପଟ ସେପଟ ଦୋହଲୁଥାନ୍ତି । ବରଫ ଉଷୁମ ପାଇଲେ ତାଙ୍କ ଦୋଳି ଖେଳ ଜମିଉଠେ ।

ଜୋର୍‌ରେ ଦୋହଲିଲେ ଦୋଳି ଛିଣ୍ଡିଯାଏ । ଏମାନଙ୍କର ବି ଠିକ୍ ସେଇ ଅବସ୍ଥା । ଆଉ ଗୋଟିଏ ଜାଗାରେ ନ ଦୋହଲି ଏମାନେ ଏଣେତେଣେ

ବୁଲିବାକୁ ଆରମ୍ଭ କରନ୍ତି । ଦଳ ଦଳ ହୋଇ ବୁଲିଲାବେଳେ ଆମେ କହୁ ବରଫ ତରଳୁଛି । ଏ ହେଲା ପାଣି ।

ତା'ପରେ ପାଣିକୁ ଗିନାରେ ରଖି ଚୁଲି ଉପରେ ଗରମ କର । ପାଣି ଟକ୍‌ମକ୍ ହୋଇ ଫୁଟିବ । ସେତେବେଳେ ସେଇ ଅଣୁଗୁଡ଼ା ଏଣେତେଣେ ଦୌଡ଼ିବାକୁ ଆରମ୍ଭ କରନ୍ତି । ସାଙ୍ଗ ଅଣୁ ପାଖରେ ଦଳ ବାନ୍ଧି ରହିପାରନ୍ତି ନାହିଁ । ଖାଲି ଦୌଡ଼ାଦୌଡ଼ି ହୋଇ ଉପରକୁ ଉଠି ପଳାନ୍ତି । ଆମେ କହୁ ତାହା ଗ୍ୟାସ୍ ବା ଜଳୀୟ ବାଷ୍ପ ।

ସେତେବେଳେ ଅଣୁଗୁଡ଼ାକ ଘଣ୍ଟାକୁ ହଜାର ହଜାର କିଲୋମିଟର ବେଗରେ ଦୌଡୁଥାନ୍ତି । ହେଲେ ବେଶୀ ବାଟ ଯାଇ ନ ପାରି ଛନ୍ଦାଛନ୍ଦି ହୋଇ ଅଳ୍ପ ବେଗରେ ଉପରକୁ ଉଠନ୍ତି । ଏମିତି ଅଣୁର ବେଗ ଅନୁସାରେ ଓ ଗତିର ପ୍ରକାର ଭେଦରେ ଜିନିଷଟି କଠିନ, ତରଳ ଓ ଗ୍ୟାସୀୟ ହୁଏ । ଆମେ ଜିନିଷକୁ ତତେଇଲା ବେଳେ ଅଣୁଗୁଡ଼ାକ ତାପ ଶକ୍ତି ପାଇ ଏମିତି ଚଗଲା ହୋଇଉଠନ୍ତି ।

ମିକି– ବାପା, ଅଣୁକୁ ଚଗଲା କାହିଁକି କହୁଛ ? ବାପା କହିଲେ, ''ଆଲୋ ଓଲି ବୁଝି ପାରୁନୁ ? ଯେ ଟିକେ ଥୟ ହୋଇ ରହିପାରୁନି, ଦୋଳି ଖେଳୁଛି, ବୁଲୁଛି, ଦୌଡୁଛି, ତାକୁ କ'ଣ କହିବା ?''

ଲିକି ଜିଦ୍ ଧରିଲା, ''ବାପା ମୋ ପାଇଁ ଗୋଟିଏ ଦୋଳି ଆଣିବ, ମୁଁ ଚୁପ୍‌ଚାପ୍ ସେଥିରେ ବସି ଝୁଲିବି ।''

ଗରମ ପୋଷାକର ମରମ କଥା

ମାଣ୍ଡବୀଦେବୀ ଘର ଭିତରୁ ରଡ଼ିଛାଡ଼ିଲେ, ''ହଇହେ ଦେଖିଲଣି, ଏ ବୁଲ୍‌ବୁଲ୍ କ'ଣ କରୁଚି । ଗଲା ଗଲା, ଏ ଦାମିକା ଗରମ କୋଟ୍‌ଟା ନଷ୍ଟ ହୋଇଗଲା ।'' ମାଣ୍ଡବୀଙ୍କ ରଡ଼ି ଶୁଣି ମାର୍କଣ୍ଡବାବୁ ଦୌଡ଼ି ଆସିଲେ । ହାତ କାଦୁଅ ସାଲୁବାଲୁ । ବଗିଚାରେ ଗଛ ଲଗାଉଥିଲେ ବୋଧହୁଏ ।

ଘରେ ମାର୍କଣ୍ଡବାବୁ ଓ ମାଣ୍ଡବୀ ଦି'ଜଣ ଲୋକ । ପୁଅ-ବୋହୂ ଆମେରିକାରେ । ଝିଅ-ଜ୍ୱାଇଁ ବମ୍ବେରେ । ତାଙ୍କର ବୁଲା ଚାକିରି । ଆଜି ବମ୍ବେ ତ କାଲି କଲିକତା, କେଉଁଠି କେତେ ମାସ ରହିଗଲେ ଯଥେଷ୍ଟ । ସେଥିପାଇଁ ପୁଅ ବୁଲ୍‌ବୁଲ୍‌କୁ ଆଣି ଅଜା-ଆଈଙ୍କ ପାଖେ ଛାଡ଼ିଛନ୍ତି । ବୁଢ଼ାବୁଢ଼ୀ ବି ନାତି ସଙ୍ଗେ ହେଲମେଳ ହୋଇ ଦିନ କାଟୁଛନ୍ତି । ଖୁଆଇ ପିଆଇ ନାତିକୁ ବେଶ୍ ମୋଟା କରି ସାରିଲେଣି । ଦେହ ମୋଟା ହେଲେ ବି ତା' ବୁଦ୍ଧି ମୋଟା ନୁହେଁ, ଖୁବ୍ ଭଲ ପାଠ ପଢ଼େ ।

ସେଦିନ ତା' ମୁଣ୍ଡକୁ କ'ଣ ଜୁଟିଲା କେଜାଣି, ଅଜାଙ୍କ ଗରମ କୋଟ୍ ଭିତରେ ବରଫ ପୂରେଇଥାଏ । ଅବଶ୍ୟ ବରଫକୁ କନାରେ ଗୁଡ଼ାଇ କୋଟ୍ ଭିତରେ ରଖିଥାଏ । ଆଉ ଖଣ୍ଡେ ବରଫ ବାହାରେ ଥାଳିଆରେ ରଖିଥାଏ । ବଡ଼ପାଟିରେ କହୁଥାଏ, ''ଅଜା, ଦେଖ ଦେଖ ତମ ଗରମ କୋଟ୍ ପ୍ରକୃତରେ ଗରମ ନୁହେଁ । ବାହାରେ ଥିବା ବରଫ ଗରମ ହୋଇ ପାଣି ହେଲାଣି । କିନ୍ତୁ କୋଟ୍ ଭିତରେ ଥିବା ବରଫ ସେମିତି ମୁଣ୍ଡା ହୋଇ ରହିଛି । ବରଂ ଏ ଗରମ କୋଟ୍‌ଟା ବରଫକୁ ଥଣ୍ଡା ରଖିଛି । ଗରମ ପୋଷାକଟା କାହାକୁ ଗରମ କରେ ନାହିଁ, ନିଜେ ଗରମ ହୁଏ ।''

ମାର୍କଣ୍ଡବାବୁଙ୍କ ମୁଣ୍ଡରେ ଏସବୁ କିଛି ପଶିଲା ନାହିଁ । ସେ ତାଙ୍କ ସ୍ତ୍ରୀଙ୍କୁ 'ମାଣ୍ଡି, ମାଣ୍ଡି' ବୋଲି ଡାକ ପକାଇଲେ । ମାଣ୍ଡବୀଙ୍କୁ 'ମାଣ୍ଡି' ବୋଲି ଶରଧା ନାଁରେ ଡାକନ୍ତି ମାର୍କଣ୍ଡବାବୁ । ରକ୍ଷା, ମାଣ୍ଡି ଅର୍ଥ ତକିଆ ବୋଲି ସ୍ତ୍ରୀ ଜାଣନ୍ତି ନାହିଁ । ତଥାପି 'ମଣ୍ଡୂକୀ' ଅପେକ୍ଷା ତ ଭଲ ନାଁ । ମାର୍କଣ୍ଡବାବୁ ରାଗିଗଲେ

ମାଣ୍ଡି ନ ଡାକି 'ମଣ୍ଡୂକୀ' ବୋଲି ଡାକନ୍ତି । ଏବେ ଅଜା ଆଉ ଦି'ଜଣ ପାଖରେ ଠିଆ ହୋଇ ପଚାରିଲେ, "ହଇରେ ବୁଲ୍‌ବୁଲ୍, ତୁ ଏସବୁ କ'ଣ କରୁଛୁ ?"

"ପରୀକ୍ଷା କରୁଛି ଅଜା, ବିଜ୍ଞାନ ପରୀକ୍ଷା । ସାର୍‌ଙ୍କଠାରୁ ଶିଖିଛି । ମୁଁ ଦେଖେଇ ଦେବାକୁ ଚାହେଁ ଗରମ ପୋଷାକ ଗରମ କରେ ନାହିଁ, ନିଜେ ଗରମ ହୁଏ ।"

ଅଜା—ହଇରେ ସମସ୍ତେ ଜାଣନ୍ତି ଗରମ ପୋଷାକ ଦେହକୁ ଉଷୁମ ରଖେ । ତୁ ନୂଆ କଥା କ'ଣ କହୁଛୁ ?

ବୁଲ୍‌ବୁଲ୍—ହଁ ଅଜା, ଆମ ଦେହ ତ ଉଷୁମ, ତେଣୁ ତାକୁ ଉଷୁମ ରଖେ । ବରଫ ଥଣ୍ଡା ତାକୁ ଥଣ୍ଡା ରଖେ । ଏ ପୋଷାକ ନିଜେ ତାପ ଦିଏ ନାହିଁ । ଏ ଏପରି ତିଆରି ଯେ ଏହା ଭିତର ଦେଇ ତାପ ଯାଆସ କରିପାରେ ନାହିଁ । ଦେଖିଲ ନି ବାହାରେ ଥିବା ବରଫ ବାହାର ତାତିରେ ପାଣି ହୋଇଗଲା । ଠିକ୍ ସେହି ସ୍ଥାନରେ କୋଟ୍ ଭିତର ବରଫ ନ ତରଳି ସେମିତି କେତେବେଳଯାଏ ମୁଣ୍ଡା ହୋଇ ରହିଲା । ବାହାର ତାତି ତା' ପାଖକୁ ଯାଇପାରିଲା ନାହିଁ । ତମ ଗରମ କୋଟ୍ ବାହାର ତାପକୁ ଅଟକାଇ ରଖିଲା, ଭିତରଟା ସେମିତି ଥଣ୍ଡା ହୋଇ ରହିଲା ।

ଅଜା—ତାହାହେଲେ ଏ ପୋଷାକ ପିନ୍ଧିଲେ ଆମ ଦେହ ଉଷୁମ ରହେ କିପରି ?

ବୁଲ୍‌ବୁଲ୍—ଠିକ୍ ସେଇ କଥା ତ ମୁଁ କହିବାକୁ ଯାଉଛି । ଶୀତଦିନେ ଆମ ଦେହ ବାହାର ଅପେକ୍ଷା ଅଧିକ ଉଷୁମ । ଆମ ଦେହରୁ ତାପ ବାହାରକୁ ଚାଲିଯାଏ । ଆମକୁ ଥଣ୍ଡା ଲାଗେ, ଆମେ ଶୀତରେ ଥରୁ । କିନ୍ତୁ ଏହି ଗରମ ପୋଷାକ ପିନ୍ଧିଲେ, ତାପ ବାହାରକୁ ଯାଏ ନାହିଁ । ଦେହ ଓ ପୋଷାକ ମଧ୍ୟରେ ଥିବା ବାୟୁ ତାତି ଆମ ଦେହ ପରି ଉଷୁମ ହୋଇଯାଏ । ଆମକୁ ଗରମ ଲାଗେ । ଆମେ କହୁ ପୋଷାକ ଆମକୁ ଗରମ କଲା, ପ୍ରକୃତରେ ଆମ ଦେହ ତା' ପାଖରେ ଥିବା ବାୟୁ ଓ ପୋଷାକକୁ ଗରମ କରେ ।

ଅଜା—ତାହାହେଲେ ଲୋକେ ଏତେ ପଇସା ଦେଇ ଗରମ ପୋଷାକ କିଣନ୍ତି କାହିଁକି ? ସାଧାରଣ କପା ସୂତା ପୋଷାକରେ ତ କାମ ଚଳନ୍ତା ।

ବୁଲ୍‌ବୁଲ୍—ମୁଁ ଜାଣେ ଅଜା, ତମେ ସେଇ କଥା ପଚାରିବ । ଏହି ସୂତା ପୋଷାକ ଓ ପଶମ ପୋଷାକ ମଧ୍ୟରେ ତଫାତ୍ କ'ଣ ? ଏଇଆ ତ ? ସୂତା ପୋଷାକ ଦେଇ ବାୟୁ ଏପଟ ସେପଟ ହୁଏ, ପଶମ ପୋଷାକରେ ସେପରି ହୁଏ ନାହିଁ । ଏହାଛଡ଼ା କପା ତୂଳା ପରି ପଶମ, ତାପ ଏପଟରୁ ସେପଟକୁ ବହି ନେଇପାରେ ନାହିଁ । ସେଥିପାଇଁ ପଶମକୁ ତାପ କୁପରିବାହୀ କୁହାଯାଏ ।

ସାର୍ ଆଉ ଗୋଟିଏ ମଜା କଥା କହୁଥିଲେ । ଯେଉଁ ଅଞ୍ଚଳରେ ବେଶି ବରଫ ପଡ଼େ ବା ଭୟଙ୍କର ଶୀତ ହୁଏ, ସେ ଅଞ୍ଚଳରେ ଥିବା ଭାଲୁ ବା କୋକିଶିଆଳୀଙ୍କର ବେଶି ରୁମ । ତାଙ୍କ ଦେହ ରୁମୁରୁମିଆ, ଆପେ ଉଷୁମ ରହେ । ତାଙ୍କ ପାଇଁ ପୋଷାକ ଦରକାର ନାହିଁ ।

ମାଣ୍ଡବୀ ଦେବୀ ଅଜାଙ୍କୁ ଲକ୍ଷ୍ୟକରି କହିଲେ, ''ହଇହେ, ଆମ ବୁଲ୍‌ବୁଲ୍ ତ କେତେ କଥା ଜାଣିଲାଣି । ତମ ବେଳେ ଏସବୁ କ'ଣ ପଢ଼ା ହେଉ ନ ଥିଲା କି ? ଗରମ ପୋଷାକ ପିନ୍ଧି ସଜବାଜ ହୋଇ ବାହାରି ପଡ଼ିବ, ତା' ମରମ କଥା ଜାଣିଲେ ହେବ ନା ? ଖାଲି ସେଇ ପୁରୁଣା ସଂସ୍କୃତିଆ ନାଁରେ 'ମଣ୍ଡୂକୀ' 'ମଣ୍ଡୂକୀ' ଡାକି ମୋତେ ଥଟ୍ଟା କରିବ ।''

ମାର୍କଣ୍ଡବାବୁ ହେଁ ହେଁ ହସି କହିଲେ, ''ହେଉ, ହେଉ, ନିଜେ ତ ମଣ୍ଡୂକୀ, ନାତିଟିକୁ ଖୋଇ ପେଇ ଗୋଟିଏ ମଣ୍ଡୂକ ପରି ସଜେଇଲଣି ।''



ବୁଲ୍‌ବୁଲ୍‌ର ସ୍ୱପ୍ନ

ଦଶବର୍ଷର ପିଲା ବୁଲ୍‌ବୁଲ୍ । ଗାଁ ସ୍କୁଲରେ ପଢ଼େ । ସେଦିନ ତାଙ୍କ ସ୍କୁଲକୁ ଜଣେ ବୈଜ୍ଞାନିକ ବୁଲି ଆସିଥିଲେ । ସେଥିପାଇଁ ଗୋଟିଏ ସଭା ହେଲା । ସବୁ ଶ୍ରେଣୀର ପିଲା ଏକାଠି ହେଲେ । ବୁଲ୍‌ବୁଲ୍‌ର ସବୁ କଥା ଶୁଣିବାପାଇଁ ଆଗ୍ରହ । ସଭାର ଆଗ ଧାଡ଼ିରେ ଯାଇ ସେ ବସିପଡ଼ିଲା । ହେଲେ, ବୈଜ୍ଞାନିକ ମହାଶୟ



ଯାହା କହିଲେ ସେ ଭଲ ବୁଝିପାରିଲା ନାହିଁ । ବଡ଼ ସରଳ କରି ଅଣୁପରମାଣୁ କଥା ବୈଜ୍ଞାନିକ ବୁଝେଇଲେ । ସେ ଗୋଟିଏ ମଜା କଥା କହିଲେ– ଆମେ ପୃଥିବୀରେ କେତେ କ'ଣ ପଦାର୍ଥ ଦେଖୁଛୁ, କିଏ କ'ଣ ଏସବୁ ଗଣିପାରିବ ? କିନ୍ତୁ ସବୁଗୁଡ଼ିକ ଅଳ୍ପ କେତୋଟି ମୂଳ ପଦାର୍ଥ ବା ମୌଳିକରୁ ତିଆରି ।

ସଭା ସରିଲା । ଯେ ଯୁଆଡ଼େ ଘରକୁ ଫେରିଲେ । ବୁଲ୍‌ବୁଲ୍ ମୁଣ୍ଡରେ ସେଇ ଗୋଟିଏ ପ୍ରଶ୍ନ । ଅଳ୍ପ କେତୋଟି ମୌଳିକରୁ ଏଡ଼େ ସୁନ୍ଦର ପୃଥିବୀଟି ତିଆରି

ହୋଇଗଲା ? କେତେ ସବୁଜ ଗଛଲତା, କୌତୁକିଆ ପଶୁପକ୍ଷୀ, ବିଚିତ୍ର କୀଟପତଙ୍ଗ ସବୁ ତିଆରି ହେଲେ ସେଇ ୯୨ଟି ମୌଳିକରୁ ? ହଁ, ତା'ର ମନେପଡୁଛି ବୈଜ୍ଞାନିକ କହିଥିଲେ ପ୍ରକୃତିରେ ପ୍ରଥମେ ୯୨ଟି ମୌଳିକ ଥିଲା । ବୈଜ୍ଞାନିକମାନେ ପରେ ଆହୁରି ୨୪ଟି ନୂଆ ମୌଳିକ ତିଆରି କଲେଣି । ଆହୁରି ତିଆରି କରିବାକୁ ଲାଗିପଡ଼ିଛନ୍ତି । ସେମାନେ ଏସବୁ କୌଶଳ ଜାଣୁଛନ୍ତି କିପରି ?

ଏମିତି ଗୁଡ଼ାଏ ଏଣୁତେଣୁ ସେଦିନ ସଞ୍ଜବେଳେ ସେ ଭାବିଲା । ବହି ପଢ଼ାରେ ମନ ଲାଗିଲା ନାହିଁ । ବାପାଙ୍କୁ ଯାଇ କହିଲା, ''ବାପା, ମୁଁ ଜଣେ ବୈଜ୍ଞାନିକ ହେବି ଓ ନୂଆ ମୌଳିକ ତିଆରି କରିବି ?'' ବୁଲ୍‌ବୁଲ୍‌ର ବାପା ହସିଲେ । ସେ ଜଣେ ବିଜ୍ଞାନ ଶିକ୍ଷକ । ଉଚ୍ଚ ମାଧ୍ୟମିକ ସ୍କୁଲରେ ପଢ଼ାନ୍ତି, ସ୍କୁଲଟି ସହରରେ । ସେଠାରେ ସେ ବସାଘର ନେଇଛନ୍ତି । ସପ୍ତାହ ଶେଷରେ ଗାଁକୁ ପିଲାଙ୍କ ଦେଖାଶୁଣା କରିବାକୁ ଆସନ୍ତି । ବୁଲ୍‌ବୁଲ୍‌କୁ ବୁଝେଇ କହିଲେ, ''ହେଉ ବାପା, ତୁ ଆଗ ସ୍କୁଲ ପଢ଼ା ଶେଷ କରିଦେ; ପରେ ବିଜ୍ଞାନ ପଢ଼ି ଜଣେ ବୈଜ୍ଞାନିକ ହେବୁ । ବୈଜ୍ଞାନିକଙ୍କୁ ପ୍ରଥମେ ସ୍କୁଲ ପାଠ ଶେଷ କରିବାକୁ ହୁଏ ।''

ବାପାଙ୍କ କଥା ବୁଲ୍‌ବୁଲ୍ ମନକୁ ପାଇଲା । ସେ ଖାଇପିଇ ଶୋଇବାକୁ ଗଲା । ରାତି ଅଧବେଳକୁ ବୁଲ୍ ବୁଲ୍ ନିଦ ବାଉଳାରେ କ'ଣ ବିଳିବିଳେଇ ତାଳି ମାରୁଛି । ବାପା ଟର୍ଚ୍ଚ ଜାଳି ଦେଖିଲେ ସେ ଆଖି ମୁଦିଛି, ତା ଆଖି ପତା



ଥରୁଛି । ଜାଣିଲେ ବୁଲବୁଲ୍ କ'ଣ ଗୋଟିଏ ସ୍ୱପ୍ନ ଦେଖୁଛି । କି ସ୍ୱପ୍ନ ଦେଖୁଛି କିଛି ଅନୁମାନ କରିପାରିଲେ ନାହିଁ । ତା ନିଦ ଭାଙ୍ଗିଲେ ନାହିଁ, ମୁଣ୍ଡକୁ ଆଉଁଶି ଦେଲେ । ବୁଲବୁଲ୍ ଚୁପ୍ ହୋଇଗଲା । ସେ ତା' ପାଖରେ ଶୋଇଗଲେ ।

ସକାଳ ହେଲା, ବୁଲବୁଲ୍ ମୁହଁ ହାତ ଧୋଇ ଜଳଖିଆ ଖାଇଲା । ବାପା ପଚାରିଲେ, "ବୁଲବୁଲ୍, କାଲି ରାତିରେ କି ସ୍ୱପ୍ନ ଦେଖୁଥିଲୁ କି ?" ବୁଲବୁଲ୍ ଜଳଖିଆ ଖାଉ ଖାଉ କହିଲା, "ଭାରି ମଜା ସ୍ୱପ୍ନଟିଏ ବାପା, ତମେ କେମିତି ଜାଣିଲ ? ମୁଁ ଖାଇସାରେ, କହିବି ।"

ଟାଉ ଟାଉ କରି ସେ ଜଳଖିଆତକ ଖାଇଦେଲା । ମୁହଁ ହାତ ଧୋଇ ବାପାଙ୍କ ପାଖକୁ ଦୌଡ଼ିଗଲା । ଆରମ୍ଭ କଲା– ବାପା, କାଲି ସ୍ୱପ୍ନରେ ମୁଁ ଦେଖିଲି, ମୌଳିକମାନେ ଏକ ସଭା ଡାକିଥିଲେ । ୯୨ଟି ମୌଳିକରୁ ପ୍ରାୟ ୫୦ ଜଣ ଆସିଥିଲେ । କିଏ ସଭାପତି ହେଲା ଜାଣ ? ସୁନା, ଯାହାକୁ ଆମେ ଅଳଙ୍କାର କରି ପିନ୍ଧୁଛେ ମ, ସଭାପତି ପରି ସାଜୁଥିଲା ଏକା । କି ସୁନ୍ଦର ଚେହେରା ! ନ ହେଲେ କ'ଣ ଆମ ଲୋକେ ତାକୁ ବେକରେ ହାର, କାନରେ କୁଣ୍ଡଳ, ଆଙ୍ଗୁଠିରେ ମୁଦି କରି ପିନ୍ଧନ୍ତେ ? ଆମ ଡାଲି ଚାଉଳ ଦୋକାନୀ ପରା ତା' ଦାନ୍ତରେ ସୁନା ଛାଇଛି । ବାପା, ତା ଦାନ୍ତ ହଲି ଉପୁଡ଼ିଗଲେ ସେ କ'ଣ ସେଇ ସୁନା ଦାନ୍ତଟା ଫୋପାଡ଼ିଦେବ ?

ବାପା ବିରକ୍ତ ହୋଇ କହିଲେ, "ତାହା ମୁଁ କେମିତି କହିବି ? କିନ୍ତୁ ସୁନା ପାଇଁ କେତେ ଗଣ୍ଡଗୋଳ ତୁ ଜାଣୁ ? ଯେତେ ଚୋରି, ଡକାୟତି, ଛୁରିଭୁସା ଓ ଲୁଟତରାଜ ହୁଏ, ସେଥିରୁ ଅଧିକାଂଶ କେବଳ ଏଇ ସୁନା ପାଇଁ । ହଁ, ତା'ପରେ ତୁ ଆଉ କ'ଣ ସ୍ୱପ୍ନ ଦେଖିଲୁ ?"

କ'ଣ କହିବି ବାପା ! ଏତେ ମୌଳିକ ଥିଲେ, ସଭାପତି ଅନ୍ୟ କାହାକୁ ନ ଡାକି ଡାକିଲେ ଅଙ୍ଗାରକ ବା କାର୍ବନ୍‌କୁ । କି କିଟିକିଟି କଳା ଦେହ ତା'ର ! ସୁନା ପାଖରେ ଠିଆ ହେଲାବେଳକୁ ସେ ଆହୁରି ଅଧିକ କଳା ଦିଶୁଥାଏ । ସଭାପତି କହିଲେ, "ହେ ମୋର ଭାଇଭଉଣୀମାନେ, ଆମ ଏଇ ସଭାରେ ଉଦଜାନ ହେଉଛି ମୁଖ୍ୟବକ୍ତା । ତା ସହିତ ଅଙ୍ଗାରକ ବହୁଦିନୁ ପରିଚିତ । ଉଦଜାନର ଉପଯୁକ୍ତ ପରିଚୟ ଦେଇପାରିବ ଅଙ୍ଗାରକ ।"

ଅଙ୍ଗାରକ –"ଭାଇଭଉଣୀମାନେ, ସଭାପତି ଯାହା କହିଲେ – ତାହା ଅକ୍ଷରେ ଅକ୍ଷରେ ସତ । ଏ ବିଶ୍ୱରେ ଉଦଜାନ ଆମ ସମସ୍ତଙ୍କ ଆଗରୁ ଜନ୍ମ ହୋଇଛି । ମୁଁ ବହୁଦିନୁ ତା'ର ସାଥୀ । ପ୍ରାୟ ପନ୍ଦର ଶହ କୋଟି ବର୍ଷ ତଳେ ବିଶ୍ୱ ସୃଷ୍ଟି ହେଲା । ସେହି ସମୟରେ ଉଦଜାନର ଜନ୍ମ । ସେ ଆମ ସମସ୍ତଙ୍କଠାରୁ ବୟସ୍କ । ଉଦଜାନ ପ୍ରଥମେ ମୋ ସାଙ୍ଗରେ ମିଶି ମିଥେନ୍ ଗ୍ୟାସ୍ ହେଲା । ଯବକ୍ଷାରଜାନ ସଙ୍ଗେ ମିଶି ଏମୋନିଆ ଗ୍ୟାସ୍ ହେଲା । ସେତେବେଳକୁ ଏ ପୃଥିବୀରେ ବାୟୁମଣ୍ଡଳ ତିଆରି ହୋଇ ନ ଥାଏ, ଜଳ ବି ନ ଥାଏ, କୌଣସି ଜୀବ ଜନ୍ତୁ ହୋଇ ନ ଥାଏ ।"

ପରେ ଉଦଜାନ ସଙ୍ଗେ ଅମ୍ଳଜାନ ମିଳି ଜଳ ତିଆରି ହେଲା । ଏଇମାତ୍ର ଦୁଇ ଶହ କୋଟି ବର୍ଷ ପୂର୍ବରୁ ପୃଥିବୀରେ ଜୀବମାନେ ଦେଖାଦେଲେ । ମୁଁ ଆଉ ଅଧିକ ସମୟ ଉଦଜାନ ଓ ଆପଣମାନଙ୍କ ମଧ୍ୟରେ ଠିଆ ହେବାକୁ ଚାହେଁନା । ଏବେ ଆମର ମୁଖ୍ୟବକ୍ତା ଉଦଜାନ ତାଙ୍କ ନିଜ ବିଷୟରେ ଆପଣମାନଙ୍କୁ କିଛି କହିବେ ।

ଉଦଜାନ କହିବା ପାଇଁ ଠିଆ ହେଲା, ସଭାରେ ଚାରିଆଡ଼େ କରତାଳି । ଉଦଜାନ ଆରମ୍ଭ କଲା –"ହେ ମୋର ଭାଇଭଉଣୀମାନେ, ଅଙ୍ଗାରକ କିଛି ଛୋଟିଆ ନୁହେଁ । ତାକୁ ସିନା ଏମିତି କଳା ଦେଖୁଛ, କିନ୍ତୁ ତା'ର ସେଇ ଚକଚକିଆ ରୂପ ହେଲ ହୀରା । କେଉଁ ରାଜା ବା ରାଣୀ ତାଙ୍କ ମୁକୁଟରେ ହୀରା ପିନ୍ଧିବାକୁ ନ ଚାହେଁ ? କେବଳ ଖଣ୍ଡିଏ ହୀରା ପାଇଁ କେତେ ରାଜା ମରିଛନ୍ତି, କେତେ ରାଜ୍ୟ ଆକ୍ରମଣରେ ଛାରଖାର ହୋଇଛି । କେବଳ ସେତିକି ନୁହେଁ, ଅଙ୍ଗାରକ ସଙ୍ଗେ ମିଳି ମୁଁ ସମଗ୍ର ଗଛଲତାର ଶରୀର ଗଠନ କରିଛି ।

ମୋ କାହାଣୀ ବଡ଼ ଲମ୍ବା । ମୁଁ କେବଳ ଏତିକି ସୂଚେଇ ଦେଉଛି ଯେ ନକ୍ଷତ୍ର ଓ ସୂର୍ଯ୍ୟଠାରୁ ଯେଉଁ ଆଲୋକ ମିଳେ, ତାହା କେବଳ ମୋରି ଯୋଗୁଁ ସମ୍ଭବ ; ସୂର୍ଯ୍ୟ ଭିତରେ ତାପମାତ୍ରା କୋଟି କୋଟି ଡିଗ୍ରୀ ସେଲ୍‌ସିୟସ । ମାତ୍ର ୧୦୦ ଡିଗ୍ରୀ ସେଲ୍‌ସିୟସରେ ପୃଥିବୀର ଜଳ ଫୁଟି ବାମ୍ଫ ହୋଇଯାଏ । କିନ୍ତୁ ମୁଁ ସୂର୍ଯ୍ୟ ଓ ଅନ୍ୟ ନକ୍ଷତ୍ର ଭିତରେ ସେହି କୋଟି କୋଟି ଡିଗ୍ରୀ ତାପମାତ୍ରାରେ ରହିଛି । ମୋର ଚାରୋଟି ପରମାଣୁ ଏକାଠି ହୋଇ ହିଲିୟମ୍ ହୋଇଯାଏ । ସେଥିରୁ ଯେଉଁ ଶକ୍ତି ଜାତ ହୁଏ, ତାହା ହିଁ ସୂର୍ଯ୍ୟକିରଣ ରୂପେ ପୃଥିବୀରେ ପଡ଼େ ।

ସୂର୍ଯ୍ୟକିରଣ ନ ଥିଲେ ଗଛଲତା ବଢ଼ନ୍ତେ କିପରି ? ଗଛଲତା ନ ଥିଲେ ଜୀବଜନ୍ତୁ ଖାଆନ୍ତେ କ'ଣ ? ବିଶ୍ୱ ସହିତ ମୁଁ ଜନ୍ମ ହୋଇଛି । ବିଶ୍ୱ ଥିବାଯାଏ ମୁଁ ରହିବି ।''

ଚାରିଆଡ଼େ ତାଳି । ତାଙ୍କ ସଙ୍ଗେ ବୁଲ୍‌ବୁଲ୍ ନିଦରେ ଶୋଇ ମଧ୍ୟ ତାଳି ମାରୁଥିଲା । ସେତିକିବେଳେ ବାପା ବୁଲ୍‌ବୁଲ୍‌ର ମୁଣ୍ଡ ଆଉଁଶିଦେଲେ । ଏସବୁ ଶୁଣି ବୁଲ୍‌ବୁଲ୍ ବାପାଙ୍କ ଆଖିକୁ ଲୁହ ଆସିଗଲା । ସେ ମନେପକାଇଲେ ଜଣେ ବୈଜ୍ଞାନିକଙ୍କ କଥା । ବୈଜ୍ଞାନିକ କହିଥିଲେ –''ହେ ପିଲାମାନେ ! ସ୍ୱପ୍ନ ଦେଖି ଶିଖ, ସ୍ୱପ୍ନ ଦେଖିଲେ ହିଁ ବିଜ୍ଞାନ ଆଗେଇବ ଓ ତମେମାନେ ବୈଜ୍ଞାନିକ ହେବ ।''



ଅଙ୍ଗାର ରାଣୀ ଫୁଲେରିନ୍

ଯୁକ୍ତରାଷ୍ଟ୍ର ଆମେରିକାରେ ହ୍ୟୁସ୍‌ଟନ୍ ସହର । ସେଠା ରାଇସ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଥାନ୍ତି ରିଚାର୍ଡ ସ୍ମାଲି । ସ୍ମାଲି ଜଣେ ରସାୟନବିତ୍ । କାର୍ବନ ବା ଅଙ୍ଗାରକ ପରମାଣୁଗୁଡ଼ିକୁ ନେଇ ଅଣୁ କିପରି ଗଢ଼ି ହୁଏ, ତାହା ସେ ପରୀକ୍ଷା କରୁଥାନ୍ତି । ସେ ଜଞ୍ଜିର ଆକୃତିର ଏକ ଅଣୁ କଥା ପଢ଼ିଲେ । ଏଥିରେ ଥିଲା ନଅଟି ଅଙ୍ଗାରକ ପରମାଣୁ । ଗୋଟିକ ପରେ ଗୋଟିଏ ଲମ୍ବ ଭାବେ ସଜା ହୋଇଥିଲା ।

ଗୋଟିଏ ତାରା ଭିତରେ ଏହି ଲମ୍ବା ଅଙ୍ଗାରକ ଅଣୁ ତିଆରି ହୁଏ ବୋଲି ବୈଜ୍ଞାନିକମାନେ ଜାଣିଥିଲେ । ସେମାନେ ଭାବୁଥିଲେ କେବଳ ନଅଟି କାହିଁକି, ସୁବିଧା ହେଲେ ୩୩ଟି ପରମାଣୁ ମଧ୍ୟ ଲମ୍ବରେ ସଜେଇ ହୋଇ ଗୋଟିଏ ଅଣୁ ହୋଇଯିବେ । ତାରା ବୁଢ଼ା ହୋଇ ଲୋହିତ ଅସୁର ପାଲଟିଲେ ତା ଭିତରେ ଏଭଳି ଅଣୁ ମିଳିପାରେ । ସେତେବେଳେ ତାରା ଭିତରେ ଉଦଜାନ ସରିଯାଇଥିବ; ସବୁ ଉଦଜାନ ହିଲିୟମ୍ ହୋଇଯାଇଥିବ । ତାପମାତ୍ରା ଖୁବ୍ ଅଧିକ, ଶକ୍ତି ଯୋଗାଇବାକୁ ଆଉ ଉଦଜାନ ନାହିଁ, ଏବେ ହିଲିୟମ ପରମାଣୁ ମିଳି ଅଙ୍ଗାରକ ପରମାଣୁ ହେବେ । ସେଥିରୁ ଯେଉଁ ଶକ୍ତି ବାହାରିବ, ବିଚାରା ଲୋହିତ ଅସୁର ତାରି ବିକିରଣରେ ଲାଲ ଦିଶିବ । ଏସବୁ ଥିଲା ଅନୁମାନ ।

ସ୍ମାଲି ଭାବିଲେ ତାଙ୍କ ପରୀକ୍ଷାଗାରରେ ସେ ଏହି ପରୀକ୍ଷା କରିବେ । ସେତେବେଳକୁ ତାଙ୍କ ପାଖରେ ଥିଲା ଲେଜର ରଶ୍ମି । ଏହା ଅତି ତୀବ୍ର । ଯେଉଁ ପଦାର୍ଥରେ ଏହା ପଡ଼ିବ, ସେଠାରେ ତାପମାତ୍ରା ଖୁବ୍ ବଢ଼ିଯିବ, ସୁବିଧା ହେଲେ ତାରାର ଉଚ୍ଚ ତାପମାତ୍ରା ବି ସୃଷ୍ଟି କରିହେବ । ଏହା ୧୯୮୫ ମସିହା କଥା ।

ସେହି ବର୍ଷ ତାଙ୍କ ସହିତ ଯୋଗ ଦେଲେ ବୈଜ୍ଞାନିକ ହାରି କ୍ରୋଟୋ । ସେ ଇଂଲଣ୍ଡର ସସେକ୍‌ସ ବିଶ୍ୱବିଦ୍ୟାଳୟର ଅଧ୍ୟାପକ । ସ୍ମାଲିଙ୍କ ଖ୍ୟାତି ଶୁଣି ସେ ତାଙ୍କ ପାଖକୁ ଗବେଷଣା କରିବାକୁ ଆସିଥାନ୍ତି । ଯୋଡ଼ାକୁ ଘୋଡ଼ା ସରି ନୁହେଁ । କ୍ରୋଟୋ ଓ ସ୍ମାଲି ଏଣିକି ପୂରା ଦମ୍‌ରେ ଲାଗି ପଡ଼ିଲେ । ତା ଛଡ଼ା କ୍ରୋଟୋଙ୍କ ବୟସ ଅଳ୍ପ । ମନରେ ନୂଆ ନୂଆ ଆଶା । ଅଧିକ କାମ କରିବାକୁ

ସେ ଆଗ୍ରହୀ, ମନରେ ତାଙ୍କର ପ୍ରବଳ ଉତ୍ସାହ । ଲକ୍ଷ୍ୟ, ଯେତେ ଲମ୍ବର କାର୍ବନ ଅଣୁ ତିଆରି କରି ହେବ କରିବେ । ରାତିଦିନ ପରୀକ୍ଷା ଚାଲିଲା ।

ଶେଷରେ ଯେଉଁ ଫଳ ମିଳିଲା, ସେଥିରେ ସେମାନେ ଚମକିପଡ଼ିଲେ । ନିଜ କାମକୁ ନିଜେ ବିଶ୍ୱାସ କରିପାରିଲେ ନାହିଁ । ଲମ୍ବା ଆକୃତି ବଦଳରେ ନୂଆ ଅଙ୍ଗାରକ ଅଣୁ ଗୋଲିଆ ହୋଇଛି । ଏହି ଅଣୁରେ ଗୋଟିଏ ନୁହେଁ, କି ଦୁଇଟି ନୁହେଁ, ଏକାବେଳକେ ଷାଠିଏଟି ପରମାଣୁ ସଜାଇ ହୋଇଛି । ଏ ବିଷୟ ଲେଖି ସଙ୍ଗେ ସଙ୍ଗେ ସେମାନେ ଲଣ୍ଡନର ବିଖ୍ୟାତ ପତ୍ରିକା 'ନେଚର'କୁ ପଠାଇଲେ । ୧୯୮୫ ନଭେମ୍ବର ସଂଖ୍ୟାରେ ନେଚର ତାକୁ ଛାପିଦେଲା ।

କ୍ରୋଟୋ ଓ ସ୍ମାଲି କିପରି ପରୀକ୍ଷା କଲେ, ତାହା ସେମାନେ ଲେଖିଥାନ୍ତି । ଖୁବ୍ ତୀବ୍ର ଲେଜର ରଶ୍ମି ଗ୍ରାଫାଇଟ୍ ଉପରେ ପକା ହେଲା । ଗ୍ରାଫାଇଟ୍ ଗୋଟିଏ ଖୋଳ ଭିତରେ ଥାଏ । ସେଇ ଖୋଳ ଭିତରେ ଉଚ୍ଚ ଚାପର ହିଲିୟମ୍ ଗ୍ୟାସ୍ ଥାଏ । ରଶ୍ମି ପଡ଼ିଲା ମାତ୍ରେ ଗ୍ରାଫାଇଟ୍‌ରୁ ଅଙ୍ଗାରକ ପରମାଣୁ ବାଷ୍ପ ପରି ବାହାରି ହିଲିୟମ ଗ୍ୟାସ୍‌ରେ ଭାସି ବୁଲେ । ଏହି ପରମାଣୁଗୁଡ଼ିକ ନିଜ ନିଜ ଭିତରେ ଧକ୍କା ଲାଗି ଯୋଡ଼ି ହୋଇ ଯାଆନ୍ତି । ଫଳରେ ନୂଆ ନୂଆ ଆକାରର ଅଙ୍ଗାରକ ଅଣୁ ଗଢ଼ି ହେଉଥାଏ ଓ ଭାଙ୍ଗୁଥାଏ ।

ଉଚ୍ଚ ହିଲିୟମ ଚାପରେ ଥିବା ସେହି ଅଣୁଗୁଡ଼ିକୁ ଗୋଟିଏ ସରୁ ନଳୀ ମଧ୍ୟଦେଇ ଅନ୍ୟ ଏକ ଶୂନ୍ୟ ଖୋଳ ମଧ୍ୟକୁ ଛଡ଼ାଯାଏ । ସେଇ ଶୂନ୍ୟ ଖୋଳରେ ପ୍ରାୟ ଚାପ ନ ଥାଏ । ଏଥିରୁ ବାୟୁ କାଢ଼ି ନିଆ ହୋଇଥାଏ । ତାପମାତ୍ରା ମଧ୍ୟ କମ୍ । ଅଙ୍ଗାରକ ପରମାଣୁଗୁଡ଼ିକ ଏପାଖ ଉଚ୍ଚ ଚାପ ଓ ଉଚ୍ଚ ତାପମାତ୍ରାରୁ ହଠାତ୍ ଶୂନ୍ୟ ଚାପ ଓ ଶୀତଳ ଅବସ୍ଥାକୁ ଆସି ଏକାଠି ଲଗାଲଗି ହୋଇ ବଡ଼ ବଡ଼ ଅଣୁ ପାଲଟିଯାନ୍ତି । ୨୮ଟି, ୩୨ଟି, ୫୦ଟି, ୬୦ଟି ବା ୭୦ଟି ପରମାଣୁକୁ ନେଇ ଗୋଟିଏ ଗୋଟିଏ ଅଣୁ ଗଢ଼ି ହୋଇଯାଏ । ଦେଖାଗଲା, ଯେଉଁ ଅଣୁରେ ୬୦ଟି ପରମାଣୁ ଥାଏ, ତାହା ବେଶୀ ସମୟ ସ୍ଥାୟୀ ହୋଇ ରହେ ।

ଏହା ପେଣ୍ଡୁ ପରି ଗୋଲାକାର ହେଲେ ବି ଚିକ୍‌କଣିଆ ନୁହେଁ । ୬୦ଟି କୋଣ ବା ଶୃଙ୍ଗ ଏହାର ଦେହସାରା ଥାଏ । ପ୍ରାୟ ପନ୍ଦର ବର୍ଷ ପୂର୍ବରୁ ସ୍ଥାପତ୍ୟବିଜ୍ଞାନୀ ବକ୍‌ମିନ୍‌ଷ୍ଟର ଫୁଲର୍ ନୂଆ ନୂଆ ଆକାରର କୋଠାଘର କଥା ଭାବୁଥିଲେ । ସେତେବେଳେ ସେ ଏହିଭଳି ଆକାରର ଏକ କୋଠାଘର କଳ୍ପନା

କରିଥିଲେ । ସେ କହିଥିଲେ – ଏହିଭଳି ଆକାରର କୋଠା ଛାତ ଖୁବ୍ ମଜଭୁତ ହେବ । କିନ୍ତୁ କେହି ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ । ବକ୍‌ମିନ୍‌ଷ୍ଟର ଫୁଲରଙ୍କ ନାଁ ମନେ ରଖିବା ପାଇଁ ଏହି ନୂଆ ଅଙ୍ଗାରକ ଅଣୁକୁ କୁହାଗଲା ଫୁଲେରିନ୍ ।

ଫୁଲେରିନ୍ ପ୍ରକୃତରେ ନୂଆ ଅଣୁ ନୁହେଁ । ପ୍ରକୃତିରେ ଆଗରୁ ମିଳୁଥିଲା । କିନ୍ତୁ କେହି ତା କଥା ଜାଣି ନ ଥିଲେ । ମହମବତିଟି ଜଳିଲାବେଳେ ବି ଫୁଲେରିନ୍ ଅଣୁ ତିଆରି ହେଉଥାଏ । ବତି ଶିଖାର ଭିତର ନୀଳ ଅଂଶରେ ତାପମାତ୍ରା ଖୁବ୍ ବେଶୀ । ତାହା ପ୍ରାୟ ୩୪୦୦ ଡିଗ୍ରୀ ସେଲସିୟସ୍ । ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି, ସେଠାରେ ଫୁଲେରିନ୍ ଅଣୁ ତିଆରି ହେଉଛି । କାରଣ ମହମବତିର ବର୍ଣ୍ଣ ବୁଢ଼ା ତାରା ଲୋହିତ ଦାନବର ବର୍ଣ୍ଣ ସହ ମିଳିଯାଏ । ଫୁଲେରିନ୍ ତାତି ଉଜ୍ଜ୍ୱଳ ହେଲେ ସେଥିରୁ ଏହି ବର୍ଣ୍ଣର ଆଲୋକ ମିଳେ ।

ଫୁଲେରିନ୍ ଅଣୁର ସ୍ଫଟିକ ମିଳିଲାଣି । ତାକୁ ଫୁଲେରାଇଟ୍ କହୁଛନ୍ତି । ଏହାର ଏକଗ୍ରାମ୍‌କୁ ପ୍ରାୟ ୧୨୫୦ ଡଲାର । ହୀରାଠାରୁ ବି ଏହା ଦାମିକା । ଅଙ୍ଗାରକର ଗ୍ରାଫାଇଟ୍ ଓ ହୀରା ରୂପ କଥା ଆମେ ଜାଣିଥିଲୁ । ଏବେ ଫୁଲେରିନ୍ ହେଲା ହୀରାଠାରୁ ମୂଲ୍ୟବାନ । ଆମେରିକୀୟ ବୈଜ୍ଞାନିକମାନେ କହିଲେଣି ଫୁଲେରିନ୍ ଭିତରେ ପୋଟାସିୟମ ପରମାଣୁ ରଖିଲେ ତାହା ବିଦ୍ୟୁତ୍ ସ୍ରୋତକୁ ଆଦୌ ବାଧା ଦେବନି, ଅତିପରିବାହୀ ପାଲଟିବ । ଏଥିରୁ ଏକ ଜୈବ କମ୍ପ୍ୟୁଟର ତିଆରି କରିହେବ ।

ପାଠ ନ ପଢ଼ିଲେ ଗୁରୁଜୀ ଛାତ୍ରକୁ କହନ୍ତି କୁଳାଙ୍ଗାର । କଥା ନ ମାନିଲେ ବାପା ପୁଅକୁ କହନ୍ତି କୁଳାଙ୍ଗାର । ଆମେ ସେମାନଙ୍କୁ କହିବାକୁ ଚାହୁଁ ଅଙ୍ଗାରରୁ ଗ୍ରାଫାଇଟ୍ ମିଳେ, ହୀରା ମିଳେ । ଏବେ ଅଙ୍ଗାରରାଣୀ ଫୁଲେରିନ୍ ଚହଳ ପକାଇଲାଣି । ଏହାପରେ କାହାକୁ ଅଦରକାରୀ ବା ଅନାବଶ୍ୟକ କହିବାକୁ ଡର ମାଡ଼ିଲାଣି ।

କିଏ ଭାସେ କିଏ ବୁଡ଼େ

ଆମ ସହରକୁ ଗୋଟିଏ ଯାତ୍ରାଦଳ ଆସିଥିଲେ । ସେମାନେ ଭଲ ଭଲ ନାଟକ ଦେଖାଉଥିଲେ । କେଉଁ ରାତିରେ କି ନାଟକ ହେବ ତାହା ଆଗରୁ କହିଦିଆଯାଏ । ଦି'ଜଣ ସକାଳୁ ରିକ୍ସାରେ ବୁଲି ବୁଲି ଡାକବାଜି ଯନ୍ତ୍ରରେ ଘୋଷଣା କରନ୍ତି ।

ଦିନେ ସେମାନେ ଘୋଷଣା କଲେ ପୂରାପୂରି ଏକ ନୂଆ ନାଟକ କଥା । "ଭାସିଲା ପଥର, ବୁଡ଼ିଲା ସୋଲ" । କହୁଥାନ୍ତି– "ନୂଆ ନାଟକ ଚମକେଇ ଦେବ, ମନ ଚହଲେଇବ, ଥରେ ଦେଖିଲେ ଜୀବନରେ ଭୁଲିବେ ନାହିଁ ।" ସତ କଥା, ଯେ ଶୁଣିଲା ସେ ତାଜୁବ ହେଲା । ଏ କି ବିପରୀତ କଥା ! ପଥର ବୁଡ଼େ, ସୋଲ ଭାସେ, ଏହା କିଏ ନ ଜାଣେ ? ଏ ଯାତ୍ରାବାଲା ପୂରାପୂରି ଓଲଟେଇ ଦେବେ ।

ଟିକେଟ କାଟିବାକୁ ହେଲା, ପ୍ରବଳ ଭିଡ଼, ଖାଲି ମୁଣ୍ଡମାଳ, ସୋରିଷ ବିଞ୍ଚିଲେ ତଳେ ପଡ଼ିବ କି ନାହିଁ । କିନ୍ତୁ ନାଟକ ଶେଷରେ ଲୋକେ ନିରାଶ ହେଲେ । ଯାତ୍ରାରେ ପଥର ନାହିଁ, ସୋଲ ବି ନ ଥିଲା, ପାଣି ବି ଖୋଜିବ କିଏ ? ସାଧାରଣ କଥାପରି ଅଭିନୟ ଚାଲିଲା, ଅଧିକା ଥିଲା ମୁଠ ମରାମରି ଓ ଗଡ଼ାଗଡ଼ି, ଯେ ନିରୀହ ଥିଲା ତାକୁ ପୋଲିସ ଧରିନେଲା । ଯେ ଗୁଣ୍ଡାମି କରୁଥିଲା ସେ ଜମିଦାରର ଜୋଇଁ ହୋଇ ସୁଖରେ ରହିଲା ।

ଲୋକେ କୁହାକୁହି ହେଉଥାନ୍ତି– ବଡ଼ ମଜା କଥା, ନିରୀହ ଲୋକଟା ପଥର ପରି ବୁଡ଼ିଲା, ଗୁଣ୍ଡା ଲୋକଟା ସୋଲ ହୋଇ ଭାସିଲା । ଏ ଯୁଗରେ କ'ଣ ନ ହେଉଛି ?

ଅଜାଙ୍କ ସାଙ୍ଗରେ ଯାତ୍ରା ଦେଖିବାକୁ ଯାଇଥିଲା ମୁନା । କେବଳ ମୁଠ ମରାମରି ଓ ଗଡ଼ାଗଡ଼ି ତାକୁ ମଜା ଲାଗିଲା । ବୁଡ଼ିବା ଭାସିବା କଥା ସେ ବୁଝିପାରିଲା ନାହିଁ । ପଚାରିଲା, "ଅଜା, କିଏ ଭାସେ କିଏ ବୁଡ଼େ ?" ଅଜା ଚଟ୍‌କରି କହିଲେ, "ଏତିକି ଜାଣିନୁ ? ପଥର ପାଣିରେ ବୁଡ଼େ, ସୋଲ ଭାସେ ।"

ମୁନା ଛାଡ଼ିଲା ନାହିଁ । ପଚାରିଲା – "ଅଜା, କାହିଁକି ଏପରି ହୁଏ ?" ଅଜା ହସିକରି କହିଲେ, "ଆରେ ହୁଣ୍ଡା, ପଥର ଓଜନିଆ, ବୁଡ଼ିଯାଏ, ସୋଲ ହାଲୁକା, ଭାସେ । ଏ'ତ ତୋ' ବିଜ୍ଞାନ ପାଠ ।"

କିଛି ନ ଜାଣିଲାପରି ମୁନାର ଆଉ ଏକ ପ୍ରଶ୍ନ – "ଅଜା, କିଏ ହାଲୁକା ? କିଲେ ଲୁହା ନା ଦି'କିଲୋ ସୋଲ ?" ଅଜା ହଡ଼ବଡ଼େଇଲେ । ନାତି ଅଡୁଆରେ ପକାଇଲା । ଦି'କିଲୋ ସୋଲ ତ ଓଜନିଆ । କିନ୍ତୁ ସୋଲ କ'ଣ ବୁଡ଼ିବ ?

ଅଜାଙ୍କୁ ହଠାତ୍ ଗୋଟେ ବୁଦ୍ଧି ଜୁଟିଲା । ସେ କହିଲେ, "ପାଣିଠାରୁ ଯେ ହାଲୁକା ସେ ଭାସେ, ଯେ ଓଜନିଆ ସେ ବୁଡ଼େ । ଏଥରକ ବୁଝିଲୁ ତ ?" ମୁନା – "ନାହିଁମ ଅଜା, କେତେ ଲୁହା, କେତେ ପାଣି, କେତେ ସୋଲ କିଛି ନ କହିଲେ କିଏ ହାଲୁକା କ'ଣ ଜାଣି ହେବ ?"

ଅଜା ଚିଡ଼ିଉଠିଲେ । ଟୋକାଟା ଆଚ୍ଛା ବିଜ୍ଞାନ ପଢ଼ିଛି । ସବୁ କଥାକୁ ଏମିତି ନିଠେଇ ଧରୁଛି । ଟିକିଏ ଭାବିଲେ – କ'ଣ କହି ତାକୁ ବୁଝେଇବେ । ମନେ ପଡ଼ିଲା ତାଙ୍କର ବୈଜ୍ଞାନିକ ଆର୍କମେଡିସ୍‌ଙ୍କ କଥା । ମୁନାକୁ କହିଲାଗିଲେ –

"ବୈଜ୍ଞାନିକ ଆର୍କମେଡିସ୍ ଗାଧୁଆ ଘରକୁ ଗଲେ । ତାଙ୍କ ଦେଶରେ ଲୋକେ ଲଙ୍ଗଳା ହୋଇ ଗାଧାନ୍ତି । ସେ ଲଙ୍ଗଳା ହୋଇ ଗାଧୁଆ କୁଣ୍ଡରେ ପଶିଲେ । ଖୁବ୍ ବଡ଼ କୁଣ୍ଡ, ପଶିଲାମାତ୍ରେ କିଛି କିଛି ପାଣି ଉଛୁଳି ଉଠିଲା । ସେ ଅନୁଭବ କଲେ କେହି ଯେପରି ପାଣିରୁ ତାଙ୍କୁ ଉପରକୁ ଠେଲିଦେଉଛି । ଖୁସି ହୋଇ ବାହାରକୁ ଧାଇଁଲେ । "ଜାଣିଲି, ଜାଣିଲି" ବୋଲି ଚିତ୍କାର କରୁଥାନ୍ତି । ଦେହରେ ପୋଷାକ ନାହିଁ । ମଝି ଦାଣ୍ଡରେ ଏମିତି ପାଟି କରୁଛନ୍ତି । ଲୋକେ ଧରିନେଲେ, ଭାବି ଭାବି ଲୋକଟା ପାଗଳା ହୋଇଗଲା, ସେମାନେ ଠିଆହୋଇ ଖାଲି ଚାହିଁରହିଲେ ।

କିନ୍ତୁ ସେ ପ୍ରକୃତରେ ପାଗଳା ହୋଇ ନ ଥିଲେ । ସେ ପରା ଗ୍ରୀସ୍ ରାଜାଙ୍କର ବୈଜ୍ଞାନିକ । ଅସୁବିଧାରେ ପଡ଼ିଲେ ରାଜା ତାଙ୍କୁ ପଚାରନ୍ତି । ତାଙ୍କ ପରାମର୍ଶ ଶୁଣି ଯାହା କରିବାକୁ ହୁଏ କରନ୍ତି । ସେହି ବୈଜ୍ଞାନିକ ଆର୍କମେଡିସ୍ ସିଧା ଗାଧୁଆଘରୁ ଧାଇଁଥିଲେ ରାସ୍ତାକୁ ।

ରାଜାଙ୍କ ସୁନାମୁକୁଟ ଖାଣ୍ଟି ସୁନାରେ ତିଆରି କି ନୁହେଁ ରାଜା ଜାଣିବାକୁ ଚାହିଁଲେ । ମୁକୁଟ ନ ଭାଙ୍ଗି କିପରି ପରୀକ୍ଷା କରି ହେବ ? ତାହା ହିଁ ପଚରା

ହୋଇଥିଲା ଆର୍କମେଡିସ୍‌ଙ୍କୁ । ସେ ସେହି କଥା ଭାବି ହେଉଥିଲେ । ସେଦିନ ଗାଧୋଇଲାବେଳେ ସେ ପ୍ରଶ୍ନର ଉତ୍ତର ତାଙ୍କୁ ମିଳିଥିଲା ।''

ମୁନା ସେତେବେଳକୁ ବ୍ୟସ୍ତ ହୋଇପଡ଼ିଲାଣି । ଅଜା କୁଆଡ଼ କଥାକୁ ନେଇ କୁଆଡ଼େ ଉଠାଇଲେଣି । ଭାସିବା ବୁଡ଼ିବା କଥାରୁ ସୁନା ମୁକୁଟ ପରୀକ୍ଷା କଥା ଉଠିଲାଣି ।

ଅଜା ପୁଣି ଆରମ୍ଭ କଲେ– ''ପାଣିରେ କିଛି ବୁଡ଼େଇଲେ ପାଣି ତାକୁ ଉପରକୁ ଠେଲେ । ତେଣୁ ତା'ର ଓଜନ କମିଲାପରି ଲାଗେ । ଏବେ ତୁ ଭାବୁଥିବୁ ପାଣି ତାକୁ କେତେ ବଳରେ ଠେଲେ ବା ତା ଓଜନ କେତେ କମେ ? ସେହି କଥା ସେଦିନ ଆର୍କମେଡିସ୍‌ଙ୍କ ମୁଣ୍ଡକୁ ଜୁଟିଥିଲା । ବସ୍ତୁଟି ପାଣି ଭିତରେ ଯେତିକି ସ୍ଥାନ ଦଖଲ କରେ, ସେହି ସ୍ଥାନରେ ଥିବା ପାଣିର ଓଜନ ଯାହା, ବସ୍ତୁର ଓଜନ ସେତିକି କମେ । ମନେହୁଏ ବସ୍ତୁଟିକୁ କିଏ ଯେପରି ସେତିକି ବଳରେ ଠେଲିଦେଉଛି ।

କେବଳ ପାଣିର ନୁହେଁ, ଯେକୌଣସି ତରଳ ପଦାର୍ଥର ଏପରି ଗୁଣ ଅଛି । ତୁ ଜାଣୁ ଖଣ୍ଡେ ଲୁହାକୁ ପାଣିରେ ପକାଇଲେ ତାହା ବୁଡ଼ିଯିବ, କିନ୍ତୁ ପାରଦ ଧାତୁର ତରଳରେ ତାହା ଭାସେ । ତେଣୁ ବସ୍ତୁଟି ଭାସେ କହିଲେ ପୂରା ବୁଝିହୁଏ ନାହିଁ, କେଉଁ ତରଳ ପଦାର୍ଥରେ ଭାସେ ବୋଲି କହିବାକୁ ହୁଏ ।

ସେହି ଲୁହା କଥା ବିଚାର କର । ତାହା ପାଣିରେ ବୁଡ଼େ ଓ ପାରଦରେ ଭାସେ । କାହିଁକି ? ଲୁହା ପାଣିରେ ବୁଡ଼ିଲେ ଯେତେ ପାଣି ଉଛୁଳାଇ ଦିଏ, ସେଇ ପାଣିର ଓଜନ ଲୁହାଠାରୁ କମ୍ । ପାଣିର ଠେଲା ବଳ ଲୁହାର ଓଜନଠାରୁ କମ୍ ହେବାରୁ ଲୁହା ତଳକୁ ବୁଡ଼ିଯାଏ । କିନ୍ତୁ ଲୁହାଖଣ୍ଡକ ଯେଉଁ ପାରଦ ଉଛୁଳାଇଦିଏ ତାହାର ଓଜନ ଲୁହାଠାରୁ ବେଶୀ, ଠେଲା ବଳ ଲୁହାର ଓଜନଠାରୁ ବେଶୀ ହୁଏ, ଲୁହା ଉପରକୁ ଉଠି ଭାସେ ।''

ମୁନା କହିଲା– ''ଅଜା, ଟିକେ ରୁହ, ମୋ ମୁଣ୍ଡ ଗୋଳମାଳ ହୋଇଗଲାଣି, ଲୁହା ପାଣିରେ ବୁଡ଼ିଲାରୁ କିଛି ପାଣି ଉଛୁଳିଲା, ପାରଦରେ ବୁଡ଼ିବାରୁ କିଛି ପାରଦ ଉଛୁଳିଲା । ସେଗୁଡ଼ିକର ଓଜନ ଯାହା ସେମାନେ ସେହି ବଳରେ ଉପରକୁ ଠେଲନ୍ତି । ଓଜନ ତ ତଳକୁ ଝିଙ୍କିନିଏ, ଏଗୁଡ଼ିକ ଉପରକୁ ଠେଲନ୍ତି କିପରି ?''

ଅଜା – "ମୁନା, କଥାଟି ଠିକ୍ ଧରିଛୁ । ସମସ୍ତେ କହନ୍ତି ଆର୍କମେଡିସ୍‌ଙ୍କ ନିୟମରେ ଅଛି । କେହି ପଚାରନ୍ତି ନାହିଁ କାହିଁକି ତରଳ ଉପରକୁ ଠେଲେ । ବସ୍ତୁଟି ତରଳକୁ ଘୁଞ୍ଚାଇ ତା' ସ୍ଥାନ ଦଖଲ କଲା, ତରଳ ଚାହୁଁଛି ତାକୁ ଠେଲିଦେବ । ବସ୍ତୁର ଚାରିଆଡ଼େ ତରଳ, ସବୁଆଡୁ ବସ୍ତୁକୁ ଠେଲେ । କଡ଼ଆଡୁ ଯେଉଁ ଠେଲା ହୁଏ ତାହା ସମାନ ହୋଇଯାଏ । ତଳଆଡ଼କୁ ଯେଉଁ ଠେଲାହୁଏ ତାହା ଉପରଆଡ଼ ଠେଲାଠାରୁ କମ୍ । ତଳ ଠେଲା ଉପର ଆଡ଼କୁ ଅଧିକା ହୁଏ । ହିସାବ କଲେ ଦେଖାଯିବ ଏହି ଅଧିକା ଠେଲା ସେଠି ରହିପାରୁଥିବା ତରଳର ଓଜନ ସଙ୍ଗେ ସମାନ ।"

ମୁନା – "ଏବେ ବୁଝିଲି ଅଜା, ଯେଉଁ ବସ୍ତୁ ତା ସମାନ ଆୟତନର ଜଳଠାରୁ ବେଶୀ ଓଜନିଆ, ତାହା ଜଳରେ ବୁଡ଼େ, ହାଲୁକା ହେଲେ ଭାସେ ।

ଆର୍କମେଡ଼ିସ



ପଥର ଭିତରେ ଫମ୍ପା ଜାଗା ରହିଲେ ତାହା ଭାସିବ । ସୋଲ ଭିତରେ ଲୁହା ଖଣ୍ଡେ ରଖିଲେ ତାହା ବୁଡ଼ିବ । କଳସକୁ ସିଧା ବୁଡ଼ାଇଲେ ସେଥିରେ ପାଣି ପଶି ତାହା ବୁଡ଼ିବ । ତାକୁ ଓଲଟାଇ ଦେଲେ ତା' ଭିତରେ କିଛି ବାୟୁ ରହିବ ଓ ତାହା ଓଲଟିରହି ଭାସିବ । ଏକାବସ୍ତୁ ପାଣିରେ ଭାସୁଛି ଓ ବୁଡୁଛି । ଏ ତ ବଡ଼ ଗହନ କଥା ।"

ସୂର୍ଯ୍ୟ ଗୋଟିଏ ନା ଦୁଇଟି

ଆକାଶରେ କେତେ ତାରା ଢ଼ୁଲୁଢ଼ୁଲୁ ହୁଏ, ସେମାନଙ୍କ ଖବର ଆମେ ରଖୁନା, ରଖିବାକୁ ଅସମର୍ଥ ମଧ୍ୟ । କିନ୍ତୁ ଯେ ଢ଼ୁଲୁଢ଼ୁଲୁ ହୁଏନା, ଆମର ଅତି ପାଖରେ ଉଏଁ, ଉଇଁଲେ ଦିନ ହୁଏ ସେ ଆମ ଦିନବନ୍ଧୁ, ଅଦିତିନନ୍ଦନ ସୂର୍ଯ୍ୟ । ବୈଜ୍ଞାନିକମାନେ ତାକୁ ପରିହାସରେ କହନ୍ତି ସେ ହେଲା ଦିନ ତାରା । ଆମ ମୁନିଋଷିମାନେ ତାକୁ କହୁଥିଲେ ବିଶ୍ୱଚକ୍ଷୁ । ସେ ଉଇଁଲେ ବିଶ୍ୱବାସୀ, ପ୍ରକୃତରେ ପୃଥିବୀବାସୀ, ଦେଖିବାକୁ ସମର୍ଥ ହୁଅନ୍ତି ।

ଏବେ ପ୍ରଶ୍ନ ଉଠିଛି ବିଶ୍ୱଚକ୍ଷୁ ବା ପୃଥିବୀଚକ୍ଷୁ ଗୋଟିଏ ନା ଦୁଇଟି ? ଏଭଳି ଅବାନ୍ତର ପ୍ରଶ୍ନ କାହିଁକି ? ମଣିଷର ଆଖି ଫିଟିଲା ଦିନୁ ସେ ଦେଖୁଛି ଆକାଶରେ ସୂର୍ଯ୍ୟ ଗୋଟିଏ । ପ୍ରାୟ ଗତ ଦଶ ହଜାର ବର୍ଷ ହେଲା ଶୁଣାଶୁଣିରେ କୁହାକୁହିରେ ଲେଖାଲେଖିରେ ପୋଥିପୁରାଣରେ ମନ୍ଦିର ମସ୍‌ଜିଦ୍ ଗୁରୁଦ୍ୱାର ବା ଗିର୍ଜାରେ, ମାଟି ଉପର ପାହାଡ଼ ଗୁମ୍ଫାରେ ବା ମାଟିତଳ ଭଗ୍ନାବଶେଷରେ ଦୁଇଟି ସୂର୍ଯ୍ୟର କୌଣସି ସଙ୍କେତ ମିଳି ନାହିଁ । ଏଥିପାଇଁ ଦୁଇଟି ସୂର୍ଯ୍ୟର ପ୍ରଶ୍ନକୁ ଆମେ ଅବାନ୍ତର ଭାବୁଛୁ ।

କିନ୍ତୁ ଯେତେ ବୈଜ୍ଞାନିକ ଆବିଷ୍କାର ବା ଉଦ୍ଭାବନ ହୋଇଛି, ସବୁଗୁଡ଼ିକ ମୂଳରୁ ଅସମ୍ଭବ ବା ଅବାନ୍ତର ମନେ ହେଉଥିଲା । ଚନ୍ଦ୍ରରେ ନାଚକୁଦ କରିବା, ଶୂନ୍ୟରେ ଟ୍ରେନ୍ ଧାଇଁବା, କମ୍ପ୍ୟୁଟର କାରଖାନା ଚଳାଇବା, ଏପରିକି ଗୋଟିଏ ଟେଲିସ୍କୋପରେ ଦୂରବସ୍ତୁ ଦେଖିବା ଅସମ୍ଭବ ଜଣା ପଡୁଥିଲା । ଏବେ 'ଅସମ୍ଭବ' ଶବ୍ଦଟା ବିଜ୍ଞାନ ଅଭିଧାନରୁ ଉଠିବାକୁ ବସିଲାଣି । ଯାହା ଅସମ୍ଭବ ତାହା କୌଣସି ସ୍ଥାନ ପାଇଁ ବା କେତେକ ଲୋକଙ୍କ ପାଇଁ । ତାହା ବୋଲି କ'ଣ ଆମେ ଦୁଇଟା ସୂର୍ଯ୍ୟ ଥିବା କଥା ସ୍ୱୀକାର କରିବା ?

ହଠାତ୍ ସ୍ୱୀକାର ନ କଲେ ନାହିଁ, ଟିକିଏ ଭାବନ୍ତୁ । ଆମ ପାଖଆଖରେ ଗୋଟିକିଆ ନକ୍ଷତ୍ର ଅଛି କି ? ସୂର୍ଯ୍ୟ ଆମଠାରୁ ପ୍ରାୟ ୧୫ କୋଟି କିଲୋମିଟର ଦୂରରେ । ଅନ୍ୟ ଯେଉଁ ନକ୍ଷତ୍ର ଆମକୁ ଦେଖାଯାଏ ତାହା ପ୍ରାୟ ୪ କୋଟି

ନିୟୁତ କିଲୋମିଟର ଦୂରରେ । ସୂର୍ଯ୍ୟରୁ ଆଲୋକ ଆସିବାକୁ ନିଏ ପ୍ରାୟ ଆଠ ମିନିଟ୍, କିନ୍ତୁ ଏହି ନକ୍ଷତ୍ରରୁ ଆଲୋକ ଆସେ ପ୍ରାୟ ୪ ବର୍ଷ ୪ ମାସରେ । ଆଜି ଆମେ ନକ୍ଷତ୍ରକୁ ଯେପରି ଦେଖୁଛୁ, ତାହା ତାହାର ୪ ବର୍ଷ ୪ ମାସ ପୂର୍ବର ଅତୀତ ରୂପ ।

ଏତେ ଦୂରରେ ଥିବା ଏହି ନକ୍ଷତ୍ରଟି ଆମକୁ କେତେକ କଥା ସୂଚେଇ ଦେଇଛି । ପ୍ରଥମେ ଏହା ଗୋଟେ ତାରା ବୋଲି ମନେ ହେଉଥିଲା । ପରେ ଜଣା ପଡ଼ିଲା ଏହା ଦୁଇଟି ତାରା । ଆମେ ଗୋଟିକୁ କହିଲୁ ଆଲଫା ସେଣ୍ଟାଉରି ଓ ଅନ୍ୟଟିକୁ ବିଟା ସେଣ୍ଟାଉରି । ଏବେ ଏହା ସହିତ ଆଉ ଗୋଟିଏ ତାରା ଅଛି ବୋଲି ଜଣା ପଡ଼ିଲାଣି । ତା'ର ନାମ ରଖାଯାଇଛି ପ୍ରକ୍ସିମା ସେଣ୍ଟାଉରି । ଏହା ଅନ୍ୟ ଦୁଇଟି ଅପେକ୍ଷା ଆମର ନିକଟରେ ।

କେବଳ ଏହି ନକ୍ଷତ୍ର ନୁହେଁ, ବିଶ୍ୱର ଅନ୍ୟ ନକ୍ଷତ୍ରମାନେ ମଧ୍ୟ ସମସ୍ତେ ଏକକ ନକ୍ଷତ୍ର ନୁହନ୍ତି । ଅଧିକାଂଶ ହେଲେ ଦୁଇଟିକିଆ, ତିନିଟିକିଆ ବା ମେଞ୍ଚିଏ । ଗୋଟିକିଆ ନକ୍ଷତ୍ର ମଧ୍ୟ ଥିବେ । କିନ୍ତୁ ପ୍ରକୃତରେ ଏଗୁଡ଼ିକ ଗୋଟିକିଆ କି ନୁହେଁ, ହଠାତ୍ ଦୂରବୀକ୍ଷଣରେ ଧରା ପଡ଼ିବ ନାହିଁ । ଦୂରବୀକ୍ଷଣ ସୂକ୍ଷ୍ମତର ହେଲେ ତା'ର ବିଭେଦନ କ୍ଷମତା ବଢ଼େ । ନ ହେଲେ ଦି'ଟା ତାରା ଗୋଟିଏ ହୋଇ ଦିଶେ । କୋଟି କୋଟି କିଲୋମିଟର ଦୂରରେ ଥିବା ନକ୍ଷତ୍ରଦୁଇଟି ମଧ୍ୟରେ ବ୍ୟବଧାନ ଦୂରତା ଲକ୍ଷେ କିଲୋମିଟର ଥିଲେ ବି ତାହା ଆମକୁ ଗୋଟିଏ ନକ୍ଷତ୍ର ପରି ଦିଶେ । କେବଳ ବର୍ଣ୍ଣବୀକ୍ଷଣରେ ନକ୍ଷତ୍ରର ବର୍ଣ୍ଣ ବଦଳିବା ଦେଖି ଆମେ ସ୍ଥିର କରୁ ଯେ ତାହା ଗୋଟିଏ ନକ୍ଷତ୍ର ନୁହେଁ ।

ଯଦି ଅଧିକାଂଶ ନକ୍ଷତ୍ର ଗୋଟିକିଆ ନୁହନ୍ତି ତାହାହେଲେ ସୂର୍ଯ୍ୟ ଗୋଟିକିଆ ହେବ କାହିଁକି ? ଏପରି କହିଦେଲେ ତ ହେବ ନାହିଁ, ପ୍ରମାଣ କରିବାକୁ ହେବ । ପ୍ରମାଣ ଓ ପରୀକ୍ଷା ବିନା ବିଜ୍ଞାନରେ କେହି ସିଦ୍ଧାନ୍ତ ନେରେ ନାହିଁ । ଆମ ପୁରାଣରେ କେତେକ ସ୍ଥାନରେ ଲେଖା ଅଛି ୧୨ ମାସରେ ୧୨ଟି ସୂର୍ଯ୍ୟ ଆକାଶରେ ଉଏଁ । ବୈଶାଖର ସୂର୍ଯ୍ୟ କେବେ ମାଘମାସ ସୂର୍ଯ୍ୟ ନୁହେଁ ବୋଲି ଆମର କେତେକ ପୂର୍ବପୁରୁଷ ଭାବୁଥିଲେ । କାରଣ ଦୁଇଟି ମାସର ସୂର୍ଯ୍ୟକିରଣ ଓ ଗତିପଥ ସମାନ ନୁହେଁ । ସେପରି ଭାବିବାରେ ତାଙ୍କର ବା ଦୋଷ କ'ଣ ? ସେମାନେ ଯେପରି ଦେଖିଲେ ସେପରି ଲେଖିଲେ । ସେତେବେଳେ ଯାହା ଯେତିକି ଜଣା ପଡ଼ିଥିଲା, ସେଥିରୁ ଏ ପ୍ରକାର ସିଦ୍ଧାନ୍ତ ଅଯୌକ୍ତିକ ନୁହେଁ ।

ଭବିଷ୍ୟତରେ ଯଦି ୨ଟି ସୂର୍ଯ୍ୟ ପ୍ରମାଣିତ ହୁଏ ଆମକୁ ଆମର ଦାୟାଦମାନେ କ'ଣ ଉପହାସ କରିବେ ନାହିଁ ?

ଏବେ ଦେଖିବା, ଦୁଇଟି ସୂର୍ଯ୍ୟ କଥା କିପରି ଉଠିଲା । ଅନୁମାନ ହେଉଛି, ପ୍ରାୟ ପ୍ରତି ୩୦ ନିୟୁତ ବର୍ଷ ଅନ୍ତରରେ ପୃଥିବୀରେ ଗୋଟିଏ ପ୍ରଳୟ ହେଉଛି । ସେତେବେଳେ ପୃଥିବୀକୁ କେତୋଟି ଧୂମକେତୁ ଦେଖାଯିବା ସଙ୍ଗେ ସଙ୍ଗେ ଶହ ଶହ ବର୍ଷ ଧରି ପ୍ରବଳ ଉଲ୍‌କାପାତ ଲାଗି ରହୁଛି । ଏହାର ପ୍ରକୃତ କାରଣ ଏବେ ଖୋଜା ହେଉଛି ।

ଅନୁମାନ ହେଉଛି, ସେତେବେଳେ ସୂର୍ଯ୍ୟର ଅନ୍ୟ ଗୋଟିଏ ସହଚର ନକ୍ଷତ୍ର ପୃଥିବୀ ଆକାଶରେ ଦେଖାଯାଉଛି । କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଦି'ଜଣ ବୈଜ୍ଞାନିକ ମାର୍କ ଡେଭିସ ଓ ରିଚାର୍ଡ ଏ. ମୁଲର ଏବଂ ପ୍ରିନ୍‌ସଟନ୍‌ର ଉନ୍ନତ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ପି.ଏଚ୍. ହୁଟ୍ ଏଭଳି ଅନୁମାନ କରୁଛନ୍ତି । ସେମାନେ ସୂର୍ଯ୍ୟର ଏହି ସହଚର ନକ୍ଷତ୍ରର ନାମ ଦେଇଛନ୍ତି ନେମେସିସ୍ । ଗ୍ରୀକ୍‌ମାନେ ପ୍ରତିହିଂସାପରାୟଣ ଦେବୀଙ୍କୁ କହନ୍ତି ନେମେସିସ୍ । କାରଣ ଏହି ଦେବୀ ଆଗମନରେ ପ୍ରକୃତି କରାଳମୂର୍ତ୍ତି ଧାରଣ କରେ । ପୃଥିବୀରେ ଝଡ଼ବାତ୍ୟା, ମଡ଼କ ଓ ମହାମାରୀ ଲାଗିରହେ । ସୂର୍ଯ୍ୟର ସହଚର ନକ୍ଷତ୍ର ଅନୁରୂପ ପ୍ରତିହିଂସା ଜନ୍ମାଉଥିବାରୁ ତାକୁ ସେପରି ନାମକରଣ କରାଯାଇଛି ।

ଯେଉଁ ତିନିଜଣ ବୈଜ୍ଞାନିକ ପୃଥିବୀର ପ୍ରଳୟ କାରଣ ଅନୁସନ୍ଧାନ କରିବାକୁ ଯାଇ ନେମେସିସ ଉପରେ ଗବେଷଣା ପତ୍ର ଲେଖିଛନ୍ତି, ସେମାନେ କହନ୍ତି— ଯଦି ତାଙ୍କ ଅନୁମାନ ମିଥ୍ୟା ହୁଏ ତାଙ୍କ ଗବେଷଣା ପତ୍ରଟି ତାଙ୍କ ବୈଜ୍ଞାନିକ ଜୀବନର ସମାଧି ତିଆରି କରି ସେମାନଙ୍କ ପାଇଁ ନେମେସିସ ପାଲଟି ଯିବ । ବୋଧହୁଏ ତାହା ହିଁ ହେବ ।

ହିସାବରୁ ଜଣା ପଡୁଛି ନେମେସିସ୍‌ର ପରିକ୍ରମଣ କାଳ ୩୦ ନିୟୁତ ବର୍ଷ ହେଲେ ତାହା ପ୍ରାୟ ସୂର୍ଯ୍ୟଠାରୁ ହାରାହାରି ଦେଢ଼ କୋଟି ନିୟୁତ (୧୪.୪ ନିୟୁତ ନିୟୁତ) କିଲୋମିଟର ଦୂରରେ ଅଛି । ଏ ପର୍ଯ୍ୟନ୍ତ ଜ୍ୟୋତିର୍ବିଦ୍‌ମାନେ କୌଣସି ଯୁଗଳ ତାରା ମଧ୍ୟରେ ଏତେ ଅଧିକ ବ୍ୟବଧାନ ଦୂରତା ଲକ୍ଷ୍ୟ କରି ନାହାନ୍ତି । ସୂର୍ଯ୍ୟଠାରୁ ଏତେ ଅଧିକ ଦୂରରେ ରହିଲେ ଯେକୌଣସି ନଭୋପିଣ୍ଡ ନିଶ୍ଚୟ ଅନ୍ୟ ନଭୋପିଣ୍ଡର ଆକର୍ଷଣରେ ପ୍ରଭାବିତ ହେବ । ସୂର୍ଯ୍ୟର ଅନୁଗତ ହୋଇ ପାରିବ ନାହିଁ । ନେମେସିସ ଓ ସୂର୍ଯ୍ୟ ମଧ୍ୟରେ ବନ୍ଧନ ଶିଥିଳ ହୋଇଯିବ ।

ନେମେସିସ୍‌ର ପରିପଥ କିପରି ହେବ ତାହା ପାଇଁ ବୈଜ୍ଞାନିକ ହୁଟ୍ କେତେ ହିସାବ କରି ଲାଗିଛନ୍ତି । ଏକ ସ୍ଥାୟୀ ସମାଧାନ ପାଇବା ପାଇଁ, ତାଙ୍କ କମ୍ପ୍ୟୁଟର ଥକି ପଡ଼ିଲାଣି । ସେ କହନ୍ତି, ନେମେସିସ୍ ଥିଲେ ସୂର୍ଯ୍ୟ ଆଡ଼େ ଅଳ୍ପ କେତେ ଥର ଆସିବ । କିନ୍ତୁ ଯାହା ମନେ ହୁଏ, ପୃଥିବୀ ସୃଷ୍ଟି ହେଲା ଦିନୁ ପ୍ରାୟ ଦେଢ଼ଶହ ଥର, ପ୍ରତି ୩ କୋଟି ବର୍ଷରେ ଥରେ, ପ୍ରଳୟ ଘଟି ଲାଗିଛି । ନେମେସିସ୍ ତ ଏତେ ଥର ପୃଥିବୀ ଆକାଶକୁ ଆସିପାରିବ ନାହିଁ । ତାହା ହେଲେ ନେମେସିସ୍ ତତ୍ତ୍ୱ କ'ଣ କାଟ ଖାଇଯିବ ? ଡେଭିସ୍, ମୁଲର ଓ ହୁଟ୍‌ଙ୍କ ସୁନ୍ଦର ଗବେଷଣା ପତ୍ରଟି ଏତେ ଶୀଘ୍ର ନିଷ୍ଫଳ ହୋଇଯିବ ?

ବୈଜ୍ଞାନିକ ଗବେଷଣାରେ କେତେ ଡେଭିସ୍ ମୁଲର ଓ ହୁଟ୍ ଉଠିଛନ୍ତି ଓ ପଡ଼ିଛନ୍ତି । ସତ୍ୟ ବଡ଼ ନିଷ୍ଠୁର ଓ ଭୟାନକ । ପ୍ରକଟିତ ହେଲାବେଳେ ତାହା ମିଥ୍ୟା ମାୟାଜାଲକୁ ନିମିଷକେ ଛେଦନ କରେ । ଯେଉ ଶ୍ରମ ସାଧନା ବ୍ୟର୍ଥ ହୁଏ, ତାହା ପାଇଁ କେହି ଅନୁଶୋଚନା କରେ ନାହିଁ । ଯୁଗେ ଯୁଗେ ସତ୍ୟର ଜୟ ହୁଏ । କିନ୍ତୁ ମନେ ରଖିବାକୁ ହେବ, ମିଥ୍ୟାର ମାୟାଜାଲ ହିଁ ସତ୍ୟକୁ ଆହ୍ୱାନ କରେ ।



ସୁଶୀଳା ମା'ର ଭୂତପୂଜା

ମୁଁ ସେତେବେଳେ ଖୁବ୍ ଛୋଟ ପିଲା ହୋଇଥିଲି । ସ୍କୁଲରୁ ଆସିଲେ ସଙ୍ଗେ ସଙ୍ଗେ ବହି ଘରେ ରଖି କ'ଣ ଦି'ଟା ଖାଇଦିଏ, ତା'ପରେ ଯାଏ ସାହିକୁ । ସାହିରେ ମୋରି ପରି ଗୁଡ଼ିଏ ପିଲା ଥାନ୍ତି । ସେମାନେ ସ୍କୁଲକୁ ଯାଉ ନ ଥିଲେ । ହେଲେ ବି ମୋ ସଙ୍ଗେ ଖେଳନ୍ତି । ଆମେ ସବୁ ମିଳି ସଞ୍ଜଯାଏ ଖେଳୁଥାଉ । ଆମ ଖେଳପଡ଼ିଆ ହେଲା ସୁଶୀଳା ମା'ର ବାଡ଼ି । ସେ ଆମ ସମସ୍ତଙ୍କର ବୁଢ଼ୀମା ।

ବୁଢ଼ୀମାକୁ ବହୁତ ବୟସ ହୋଇଥିଲା, ବାଳ ପାଚି ଯାଇଥିଲା, ପାଟିରେ ଦାନ୍ତ ନ ଥିଲା, ବାଡ଼ିଖଣ୍ଡିଏ ଧରି ସେ ନଇଁ ନଇଁ ବାଟ ଚାଲୁଥିଲା । ତା ବାଡ଼ିରେ ୧୦/୧୫ଟା ନଡ଼ିଆଗଛ ଥାଏ । ବୁଢ଼ୀ ପିଣ୍ଡାରେ ବସି ଗଛ ଜଗିଥାଏ । ଆମେ ସବୁ ଯାଇ ତା ପାଖରେ ଜୁଟୁ । ବୁଢ଼ୀର ଝିଅ ସୁଶୀଳା ମରିଯାଇଥିଲା । ତା ପୁଅ କଲିକତାରେ ଥାଏ । ମଝିରେ ମଝିରେ ତା ପାଖକୁ ଟଙ୍କା ପଠାଏ । କେବେ କେମିତି ଚିଠି ଖଣ୍ଡିଏ ଲେଖେ । ବୁଢ଼ୀମା ସେଇ ପୁରୁଣା ଚିଠିକୁ ସାଇତି ରଖିଥାଏ । ମଝିରେ ମଝିରେ ଆମକୁ ପଢ଼ିବାକୁ କହେ ।

ବୁଢ଼ୀମା ପାଖକୁ ଆମର ଯିବାର ପ୍ରଧାନ କାରଣ ହେଲା ସେ ଆମକୁ ଖୁବ୍ ମଜା ଗପ କହେ । ସେ ଗପ ଭିତରୁ ବେଶି ଥାଏ ଭୂତ କଥା । ସେ କୁଆଡ଼େ ଅନେକ ଥର ଭୂତ ଦେଖିଛି । ପିଲାବେଳେ ତା ବାପା ତାକୁ ବାହା କରିଦେଇଥିଲେ । ବାରବର୍ଷର ଝିଅ ହୋଇଥିଲେ ବି ବୋହୂ ସାଜି ସେ ଆମ ଗାଁକୁ ଆସିଥିଲା । ସେ ଗୋଟିଏ ସବାରିରେ ବସିଥିଲା । ତାକୁ ଲୋକେ କାନ୍ଧେଇ ଆଣୁଥିଲେ । ସବାରି ଭିତରେ ତାକୁ ବଡ଼ ମଜା ଲାଗୁଥାଏ । ରାତି ହୋଇଥାଏ । କାନ୍ଧେଇବା ଲୋକେ ଠେଙ୍ଗା ଓ ଲଣ୍ଠନ ଧରି ଚାଲିଥାନ୍ତି ।

ସବାରି ଫାଙ୍କରେ ସେଇ ରାତିରେ ସେ ଭୂତ ଦେଖିଥିଲା । ଖୁବ୍ ଡେଙ୍ଗା ଡେଙ୍ଗା କଳା କଳା ଗୋଡ଼ । ନଈବନ୍ଧରେ ତାଙ୍କ ସବାରି ଚାଲିଥାଏ । ଭୂତର ଗୋଡ଼ ଦି'ଟା ନଈର ଏକୂଳରୁ ସେକୂଳକୁ ଲମ୍ବିଥାଏ । ତାଙ୍କ ସବାରି ସଙ୍ଗରେ ଭୂତ ବି ଚାଲିଥାଏ । ସେ ଛାନିଆ ହୋଇ ଶୋଇପଡ଼ିଲା । ନିଦ ଭାଙ୍ଗିଲାବେଳକୁ

ଘରେ ପହଞ୍ଚି ଯାଇଥିଲା । ସ୍ତ୍ରୀଲୋକେ ଦୀପଜାଳି ତାକୁ ବନ୍ଦେଇଲେ । ସେତେବେଳକୁ ତାକୁ ଜର ଆସି ଯାଇଥିଲା । ଗାଁ ଗୁଣିଆ ଆସି ଝଡ଼ାଫୁଙ୍କା କଲା । ଗୁଣିଆ କହିଲା, ବାଟରୁ ଗୋଟିଏ ମଶାଣି ଚଣ୍ଡୀ ତାକୁ ଗ୍ରାସିଥିଲା ।

ଏସବୁ ଶୁଣି ଆମ ଦେହ ଶୀତେଇ ପଡ଼େ । ରାତି ଅନ୍ଧାରରେ ଗହଳିଆ ପତ୍ର ଥିବା ଗଛକୁ ଚାହିଁ ହୁଏନା । ମନେ ହୁଏ ସତେ ଯେମିତି ଡାଳରେ ବସି ଭୂତ ଆମ ଆଡ଼କୁ ଅନେଇଛି । ସେତିକିବେଳେ ଛୋଟ ଝିଅ ଝରି ପଚାରେ, "ବୁଢ଼ୀମା, ପିଲାବେଳେ ସିନା ତତେ ମଶାଣି ଚଣ୍ଡୀ ଗ୍ରାସିଥିଲା, ଏବେ ତ ତୁ ଏଠି ଏକୁଟିଆ ଅଛୁ । ତୋତେ ଡର ମାଡୁନି ? ତୁ କ'ଣ ଏବେ ବି ଭୂତ ଦେଖୁଛୁ ?"

ବୁଢ଼ୀମା କହିଲା, ନାହିଁ ଲୋ ଝରି, ଏବେ ଆଉ ଭୂତ ଦେଖୁନି । କିନ୍ତୁ ଭୂତ ମୋ ନଡ଼ିଆ ଖାଇ ଯାଉଛନ୍ତି ! ତୁ ଭୂତଖିଆ ନଡ଼ିଆ ଦେଖିଛୁ ? ନଡ଼ିଆ ନାସି ପାଖରୁ କଣା କରି ସେ ମନଇଚ୍ଛା ପାଣି ପିଉଛି । ତା'ପରେ ନଡ଼ିଆଟି ଝଡ଼ି ପଡୁଛି । ମୋର କେତେ ନଡ଼ିଆ ଏମିତି ନଷ୍ଟ ହେଲାଣି । ଗାଁର ସନେଇ ବୁଢ଼ା ଟାଣୁଆ ଗୁଣିଆଟିଏ । ମନ୍ତ୍ର ବୋଲି ଗଛରେ ଲୁହାକଣ୍ଟା ମାରିଲା । ବୁଢ଼ା ବଢ଼େଇ କରି କହେ, ସେ କୁଆଡ଼େ ପୁଞ୍ଜା ପୁଞ୍ଜା ଭୂତଙ୍କୁ ଲୁଗାକାନିରେ ବାନ୍ଧି ଆଣିଛି । କିନ୍ତୁ କ'ଣ ହେବ ? ଏଇଠି ହଟିଲା । ତା' ପରଦିନକୁ ଯୋଉ କଥାକୁ ସେଇ କଥା । ନଡ଼ିଆକୁ ମୋର ଭୂତ ଖାଇଲା ।

ଯାହା ହେଉ, ସୀତା ମା ମୋତେ ଗୋଟେ ବୁଦ୍ଧି ଦେଲା । କହିଲା— ଭୂତ ପୂଜା କର । ତପ କଲେ ବର ମିଳିବ । ସତରେ ମିଳିଲା; ଗଛମୂଳ ସଫା କରି ଲିପାପୋଛା କଲି, ପଣା ଢାଳିଲି, ଓଳଗି ହୋଇ କହିଲି— ଯା' ଏଇଥିରେ ସନ୍ତୁଷ୍ଟ ହୋଇଯା, ଏ ନିଆଶ୍ରୀ ବୁଢ଼ୀଟା ପିଛା କାହିଁକି ଲାଗିଛୁ ? ସତକୁ ସତ ଫଳ ମିଳିଲା । ଭୂତର ଦୟା ହେଲା । ପଣାଖାଇ ମୋ ଗଛରୁ ସେ ଚାଲିଗଲା ।"

ସୁଶୀଳା ମା'ର ଏ ଗପ କଲେଜରେ ପଢ଼ିବାଯାଏ ମୋର ମନେଥାଏ । ନଡ଼ିଆଗଛଟିଏ ଦେଖିଲେ ମୋର ସୁଶୀଳାମା'ର ଭୂତପୂଜା କଥା ମନେପଡ଼େ । ଦିନେ ମୁଁ ଆମ ପ୍ରାଣିବିଜ୍ଞାନ ଅଧ୍ୟାପକଙ୍କୁ ନଡ଼ିଆଗଛର ଭୂତ କଥା କହିଲି । ସେ ଠୋ ଠୋ ହୋଇ ହସିଉଠିଲେ । କହିଲେ— ସୁଶୀଳା ମା'ର ଭୂତ ହେଲା କଙ୍କଡ଼ା ଜାତୀୟ ଏକ ଜୀବ; ସେଗୁଡ଼ିକ କଅଁଳିଆ ନଡ଼ିଆ ଭିତରେ କଣା କରି

ପଶିଯାନ୍ତି । ଗଛମୂଳ ଜଙ୍ଗଲିଆ ହେଲେ ପୋକଗୁଡ଼ିକ ଗଛମୂଳେ ଛୁଆ ବଢ଼ାନ୍ତି । ସେଗୁଡ଼ିକ ବଢ଼ି ନଡ଼ିଆଗଛକୁ ଚଢ଼ନ୍ତି । ସୁଶୀଳାମା' ସଫା କରି ତା' ଛୁଆଙ୍କୁ ମାରିଦେଲା । ପଣା ଢାଳିଲାରୁ ଢନ୍ଧା ପିମ୍ପୁଡ଼ି ସେଠି ପଲ ପଲ ହୋଇ ପୋକଛୁଆଙ୍କୁ ଆକ୍ରମଣ କରିଥିବେ, କାଉ ମଧ୍ୟ ଆସିଥିବ । ସେ ବି ତା' ଛୁଆଙ୍କୁ ଖାଇ ଦେଇଥିବ । ଏମିତି ଭୂତବଂଶ ଲୋପ ହୋଇଥିବ ।

ଏସବୁ ଶୁଣିଲା ପରେ ତାଙ୍କୁ ପଚାରିଲି– ସୁଶୀଳାମା' ବୋହୂ ହୋଇ ଆସିଲାବେଳେ ତା' ସବାରି ସଙ୍ଗରେ ଡେଙ୍ଗାଗୋଡ଼ିଆ କଳାଭୂତଗୁଡ଼ାକ ଗୋଡ଼େଇଥିଲେ । ସେଗୁଡ଼ାକ କ'ଣ କଙ୍କଡ଼ାପୋକ ?

ପ୍ରାଣିବିଜ୍ଞାନ ଅଧ୍ୟାପକ କହିଲେ– ପଦାର୍ଥ ବିଜ୍ଞାନ ଅଧ୍ୟାପକଙ୍କୁ ପଚାର । ଲଣ୍ଠନ ଆଲୁଅ ଧରି ଯେଉଁମାନେ ସବାରି କାନ୍ଧେଇଥିବେ ତାଙ୍କରି ଗୋଡ଼ର ଛାଇ ସେମିତି ଲମ୍ବିଥିବ । ବିଚାରୀ ଛୋଟ ଝିଅଟି ବୁଢ଼ୀବୁଢ଼ାଙ୍କଠାରୁ ଭୂତଗପ ଶୁଣି ଶୁଣି ସେମିତି ଡରିଯାଇଥିଲା । ଡରିଗଲେ ଛାନିଆ ହେଲେ ଜର ହୋଇଯାଏ । ଆମେ କହୁ ଭୂତ ଗ୍ରାସିଛି ।

ସୁଶୀଳା ମା'ର ଭୂତପୂଜା କଥା ସେତେବେଳେ ମୁଁ ବୁଝିପାରିଲି । ସତରେ ଗାଁ ଗଣ୍ଡାରେ, ସହରର ଗଳିକନ୍ଦିରେ କେଉଁଦିନୁ ଏଭଳି ଗୁଣିଗାରିଡ଼ି, ଝଡ଼ାଫୁଙ୍କା, ଡେଉଁରିଆ ବନ୍ଧା ଓ ଚିତାକଟା ଚଳୁଛି । କେତେକ ଠକ ଲୋକଙ୍କର ଏହା ଏକ ବେଉସା । ସରଳ ସାଦାସିଧା ଲୋକଙ୍କୁ ଭୂତ ନାଁରେ ଭୂତେଇ ସେମାନେ ବେଶ୍ ଦି'ପଇସା ରୋଜଗାର କରନ୍ତି ।

ସେଇ ସୁଶୀଳାମା' ଓ ସନେଇ ଅଜାଙ୍କ ଲୀଳାର ରହସ୍ୟକୁ ଆଜି ବିଜ୍ଞାନ ଧରା ପକାଇ ଦେଇଛି । ଆମେ ସବୁ ବିଜ୍ଞାନ ପଢ଼ିଲେ, ବୁଝିଲେ, ଚର୍ଚ୍ଚାକଲେ ଓ ଅନ୍ୟମାନଙ୍କୁ ବୁଝେଇଲେ ଆମ ମନରୁ ଏସବୁ ଭୁଲ୍‌ଧାରଣା ଲୋପ ପାଇବ । ନ ହେଲେ, ସୁଶୀଳାମା ଝିଅକୁ ଯେଉଁ କଥା କହୁଥିଲା ତାକୁ ଆହୁରି ଟିକଣେଇ ଝିଅ ତା ନାତିନାତୁଣୀଙ୍କୁ କହିବ । ଗଡ଼ି ଚାଲିବ ଏ ଗପ । ଏହାର ଶେଷ ନାହିଁ ।

ଗାଁ ବାଶୁଳେଇ ଗଲେ କୁଆଡ଼େ

ବାଶୁଳୀ ବା ବାଶୁଳେଇ ହେଲେ ଚଣ୍ଡୀଙ୍କର ଏକ ରୂପ । ଚେହେରା କିପରି କେହି ଠିକ୍ ଭାବେ କହି ପାରିବେନି, ତେବେ ଏହାଙ୍କର ଆଖି ଦି'ଟା ଖୁବ୍ ବଡ଼ ବଡ଼ ବୋଲି କେତେକ ଅଭିଧାନରେ ଲେଖାଅଛି । ଚଣ୍ଡୀଙ୍କୁ ଲୋକେ ଡରନ୍ତି କିନ୍ତୁ ପୂଜା କରନ୍ତି । ପୂଜା ନ ପାଇଲେ ଚଣ୍ଡୀ କୁଆଡ଼େ ବାଶୁଳେଇ ପାଲଟିଯା'ନ୍ତି । ଏହି ଅପାଣିଆ ବାଶୁଳେଇଙ୍କ ପ୍ରକୋପ କହିଲେ ନ ସରେ । ମୁଁ ଯେତେବେଳେ ପିଲା ଥିଲି, ମାନେ ପଚାଶ ପଞ୍ଚାବନ ବର୍ଷ ତଳେ, ଗାଁର ବୁଢ଼ାବୁଢ଼ୀ ଲୋକଙ୍କ ଠାରୁ ଶୁଣିଛି ଆମ ଗାଁରେ ବହୁତ ଅପାଣିଆ ବାଶୁଳେଇ ବୁଲୁଥିଲେ । ଯେଉଁ କୂଅ କାରବାର ନ ହୁଏ, ସେଠାରେ ବା ବଡ଼ ବଡ଼ ଧାନ ଅମାରରେ ସେମାନେ ମହା ଆରାମରେ ରହନ୍ତି । କ'ଣ ପାଇଁ କେଜାଣି, ପାହାନ୍ତିଆ ବେଳକୁ ସେମାନେ କୁଆଡ଼େ ବାହାରି ଟିକେ ବୁଲାବୁଲି କରନ୍ତି । ଯେ ତାଙ୍କ ହାବୁଡ଼ରେ ପଡ଼ିଲା ତା' କଥା ସରିଲା । କିଏ ଗୋଟିଏ ଝାଡ଼ାରେ ଶେଷ, କାହାର ଚେତାବୁଡ଼େ ଯେ ଆଉ ଫେରେନି, କାଳିଶି ଲାଗେ, ତାକୁ ବେତରେ ପିଟେ, ତା' ଉପରେ ପାଣି ଢଳା ହୁଏ, ଏଣେ ଝାଞ୍ଜ, ମୃଦଙ୍ଗ ଓ ଢୋଲ ବାଜୁଥାଏ । ଶେଷରେ କାଳିଶି ନିରାଶ ହୋଇ କହେ, ''ସେ ମୋର ବଡ଼ ଭଉଣୀ, ମୁଁ ନାଚାର, ଲୋକଟା ଦୋଷ କରିଛି, ତା' ହାବୁଡ଼ରେ ପଡ଼ିଲା, ସେ ଏ ମୁଣ୍ଡକ ନେବ ।

ଏବେ ସେହି ଗାଁ ଅଛି, ଅବଶ୍ୟ ବଦଳିଛି । ଗାଁ ଦାଣ୍ଡ ସଡ଼କ ହେଲାଣି । ସହରର ବସ୍ ଯାଇ ଗାଁରେ ରାତି କଟାଉଛି । ସେତେବେଳେ କେଉଁଠି ଗୋଟାଏ ଗୋଟାଏ ସାଇକେଲ ଚାଲୁଥିଲା, ଏବେ ସ୍କୁଟର, ମଟରସାଇକେଲ ପୁଞ୍ଜା ପୁଞ୍ଜା । ସବୁବେଳେ ପେଁ ପାଁ ଶବ୍ଦ । ପାହାନ୍ତିଆ ନ ହେଉଣୁ ଧାନକଳ, ଚୁଡ଼ାକଳ ଡବ୍ ଡବ୍ ଶବ୍ଦ କରି ଗାଁ ଦାଣ୍ଡ କମ୍ପାଉଛି । ବାଶୁଳେଇ ଆଉ ଶାନ୍ତିରେ ରହିବେ କିପରି ? କୁଆଡ଼େ ଅନ୍ତର୍ଦ୍ଧାନ ହୋଇ ଗଲେଣି ।

ପ୍ରକୃତ ରହସ୍ୟ ବୁଝିଲି ମୁଁ ରସାୟନ ବିଜ୍ଞାନ ପଢ଼ିଲାବେଳେ, ଅପାଣିଆ ବାଶୁଳେଇ ଚଣ୍ଡୀ ଚାମଣ୍ଡା ନୁହନ୍ତି । ଏ ହେଉଛି ଅଙ୍ଗାରକାମ୍ଳ ଗ୍ୟାସ । ବାୟୁର

ପ୍ରଧାନ ଉପାଦାନ ହେଲା ଅମ୍ଳଜାନ ଓ ଯବକ୍ଷାରଜାନ । ଆମେ ପ୍ରଶ୍ୱାସରେ ବାୟୁ ନେଇ ଅଧିକାଂଶ ଅମ୍ଳଜାନ ରକ୍ତ ଶୋଧନରେ ଲଗାଇଥାଉ । ନିଶ୍ୱାସରେ ଯେଉଁ ବାୟୁ ଛାଡୁ, ସେଥିରେ ଅଙ୍ଗାରକାମ୍ଳ ଅନୁପାତ ଅଧିକ ହୋଇଥାଏ । ନିଆଁ ଜଳାଇଲା ବେଳେ ମଧ ବହୁତ ଅଙ୍ଗାରକାମ୍ଳ ଜନ୍ମେ । ଏହା ଅମ୍ଳଜାନ ଓ ଯବକ୍ଷାରଜାନ ଠାରୁ ଭାରୀ ହୋଇଥିବାରୁ ବାୟୁସ୍ତରର ତଳକୁ ଚାଲିଆସେ । ଯେଉଁ କୂଅ କାରବାର ନ ହୁଏ ବା ଯେଉଁ ବଡ଼ ବଡ଼ ଧାନ ଅମାର ଅଳ୍ପ ସମୟ ପାଇଁ ମାସେ ବା ପନ୍ଦର ଦିନରେ ଥରେ ଅଧେ ଖୋଲେ, ସେଠାରେ ଏହି ଅଙ୍ଗାରକାମ୍ଳ ଗ୍ୟାସ୍ ଅଧିକମାତ୍ରାରେ ଜମା ହୋଇ ରହେ । କେହି ଯଦି ଆଗରୁ ପରୀକ୍ଷା ନ କରି ଭୁଲରେ ସେଠାକୁ ଚାଲିଯାଏ, ତାହା ହେଲେ ସେ ଅଣନିଶ୍ୱାସୀ ହୋଇ ଅଚେତ ହୋଇପଡ଼େ । ଆମେ କହୁ ତାକୁ ବାଶୁଳୀ ଗ୍ରାସିଲା । ପାଣିଛାଟି ବିଞ୍ଚାବିଞ୍ଚି କଲେ ଅଧିକ ଅମ୍ଳଜାନ ପାଇ ତା'ର ଚେତା ଫେରିପାରେ ।

ଚତୁର ଓ ଅଭିଜ୍ଞ କୂଅ-ବୁଡ଼ାଳିମାନେ ଆଗରୁ ମାଠିଆ ଭିତରେ ଭୋଗ ରଖି ଓ ଦୀପଜାଳି କୂଅ ଭିତରକୁ ପକାନ୍ତି । ଦୀପ ଲିଭିଗଲେ କହନ୍ତି ବାଶୁଳୀ ସନ୍ତୁଷ୍ଟ ହେଲେନି । ପ୍ରକୃତରେ ଅଙ୍ଗାରକାମ୍ଳ ଗ୍ୟାସରେ ଦୀପ ଜଳି ନ ପାରି ଲିଭିଯାଏ । ଯେ ଏପରି ପରୀକ୍ଷା ନ କରି ବୁଡ଼ନ୍ତି ସେ ଅଚେତ ହୋଇ ବୁଡ଼ନ୍ତି, ଯେ ଆଉ ଉଠିପାରନ୍ତି ନାହିଁ । ଆମେ କହୁ ବାଶୁଳୀ ତାକୁ ପାଣିରେ ମାଡ଼ି ବସିଲା ।

ଜଣେ ଜଣେ ଘରେ ଶୀତ ରାତିରେ ଉଷୁମ ପାଇଁ ଚୁଲି ବା ଲଣ୍ଠନ ଜାଳି ହେଁସ ବା କମ୍ବଳ ଘୋଡ଼ି ହୋଇ ଶୋଇପଡ଼ନ୍ତି । ଘର ଭିତରେ ନିଆଁ ଜାଳିବାରୁ ଅଙ୍ଗାରକାମ୍ଳ ଅଂଶ ବଢ଼ିଯାଏ । ଶୋଇଥିବା ଲୋକର ଶ୍ୱାସକ୍ରିୟା ବନ୍ଦ ହୋଇ ସେ ଗଁ ଗଁ ଶବ୍ଦ କରି ମରିଯାଏ । ଆମେ କହୁ ତାକୁ ବାଶୁଳୀ ମାଡ଼ି ବସିଛି । କେତେକ ଲୋକ ରାତିରେ ଗଛ ତଳେ ଶୋଇ ସକାଳୁ ମରିପଡ଼ିଥାନ୍ତି । କାରଣ ରାତିରେ ଗଛ ମଣିଷ ପରି ଶ୍ୱାସକ୍ରିୟା ଦ୍ୱାରା ଅଧିକ ଅଙ୍ଗାରକାମ୍ଳ ଛାଡ଼ିଥାଏ । ତଳକୁ ଆସି ତାହା ଶୋଇଥିବା ଲୋକ ଉପରେ ଅଜାଡ଼ି ହୋଇପଡ଼େ । ଲୋକଟି ଅନୁଭବ କରେ ସତେଯେପରି ଗଛରୁ ସଇତାନ କି ବାଶୁଳୀ ଓହ୍ଲାଇ ଆସି ତା ତଣ୍ଟି ଚିପିଦେଲା । ଦିନରେ ଗଛ ସୂର୍ଯ୍ୟକିରଣ ଯୋଗେ ଅଙ୍ଗାରକାମ୍ଳ ଗ୍ୟାସ୍ ଅଧିକ ଉପଯୋଗ କରୁଥିବାରୁ ଅଧିକ ଅମ୍ଳଜାନ ଛାଡ଼େ । ତେଣୁ ଦିନରେ ଗଛ ଛାଇରେ ଶୋଇଲେ ଏଭଳି ବିପଦ ନ ଥାଏ କି ବାଶୁଳୀ ଆଶଙ୍କା ନ ଥାଏ । ରାତିରେ ସୂର୍ଯ୍ୟକିରଣ ନ ଥିବାରୁ ଗଛର ଖାଦ୍ୟ ତିଆରି ବନ୍ଦ ହୋଇଯାଏ,

କେବଳ ଶ୍ୱାସକ୍ରିୟା ଚାଲୁଥାଏ । ତେଣୁ ଗଛ ଅମ୍ଳଜାନ ପ୍ରଶ୍ୱାସରେ ନେଇ ଅଙ୍ଗାରକାମ୍ଳ ତ୍ୟାଗ କରେ ।

କେହି କେହି ଗଛ ତଳେ କି ଚୁଲୀ ପାଖରେ ନ ଶୋଇଥିଲେ ମଧ ସକାଳୁ ଆଉ ବିଛଣାରୁ ଉଠନ୍ତି ନାହିଁ । ରାତିରେ ନିଦ୍ରା ତାଙ୍କର ମହାନିଦ୍ରା ପାଲଟି ଯାଏ । ସେତେବେଳେ ଏ ଦୁର୍ଘଟଣାକୁ ବାଶୁଳୀଙ୍କ କାରସାଦି ବୋଲି କୁହାଯାଉଥିଲା । ଏବେ ଡାକ୍ତରମାନେ ତାର କାରଣ ବୁଝିପାରିଲେଣି । ମୁଣ୍ଡରେ ରକ୍ତସ୍ରାବ ବା ରକ୍ତପ୍ରବାହ ବନ୍ଦ ହେତୁ ଲୋକ ଅଚେତ ହୁଏ ।

୧ । ବୟସ ଅନୁସାରେ ଧମନୀର କାନ୍ଥ ମୋଟା ହୋଇଯାଏ । ଟାଣ ହେବା ଯୋଗୁଁ ତାହା ରବର ପରି ସହଜରେ ସଂକୁଚିତ ଓ ପ୍ରସାରିତ ହୋଇପାରେ ନାହିଁ । ଫଳରେ ମସ୍ତିଷ୍କର ସ୍ନାୟୁକୁ ଉପଯୁକ୍ତ ରକ୍ତପ୍ରବାହ ହୁଏ ନାହିଁ ।

୨ । ଯେଉଁମାନଙ୍କର ଉଚ୍ଚ ରକ୍ତଚାପ ଥାଏ ଜୀବକୋଷ ଚାପ ସମ୍ଭାଳି ନ ପାରି ଫାଟିଯାଏ । ମସ୍ତିଷ୍କରେ ଏହି କାରଣରୁ ରକ୍ତସ୍ରାବ ହେଲେ ମଣିଷର ଚେତା ବୁଡ଼ିଯାଏ । ଚେତା ଫେରିଲା ବେଳକୁ ଦେଖାଯାଏ ଶରୀରର କୌଣସି ପାର୍ଶ୍ୱ ବା କେତେକ ଅଂଶର ଅଙ୍ଗ ଅଚଳ ହୋଇପଡ଼ିଛି ।

୩ । କାହାରି ଯଦି ରକ୍ତ ଜମାଟ ବାନ୍ଧିବାରେ ଦୋଷ ଥାଏ ତାହା ମଧ ମସ୍ତିଷ୍କକୁ ରକ୍ତ ପ୍ରବାହରେ ବାଧା ଜନ୍ମାଏ ।

୪ । ମସ୍ତିଷ୍କରେ ମାଂସ ବୃଦ୍ଧି ବା ଅର୍ବୁଦ ଶିରାକୁ ଚିପି ରକ୍ତ ପ୍ରବାହ କମାଇ ଦିଏ ।

୫ । କେତେକଙ୍କର ମସ୍ତିଷ୍କରେ ରକ୍ତନଳୀର ଦୋଷ ହେତୁ ତାହା ବେଲୁନ ପରି ଫୁଲି ଫାଟିଯାଏ ।

ମସ୍ତିଷ୍କରେ ରକ୍ତସ୍ରାବ ବ୍ୟତୀତ ଅନ୍ୟାନ୍ୟ ଅନେକ କାରଣରୁ ମଣିଷର ହୃଦଯନ୍ତ୍ର ହଠାତ୍ ବନ୍ଦ ହୋଇଯାଏ । ବିଶେଷତଃ ଉଚ୍ଚ ରକ୍ତଚାପ, ମଧୁମେହ ରୋଗ (ରକ୍ତରେ ଶର୍କରା ଅଂଶ ବଢ଼ିଯାଏ) ଓ ଅତିରିକ୍ତ କୋଲେଷ୍ଟାରଲ (ରକ୍ତରେ ଚର୍ବିଳ ଅଂଶ ବଢ଼ିଯାଏ) ହେତୁ ହୃଦାଘାତର ଆଶଙ୍କା । ନିୟମିତ ଶରୀରର ରକ୍ତଚାପ, ରକ୍ତ ଶର୍କରା ଓ କୋଲେଷ୍ଟରଲ ସ୍ତର ମାପି ଔଷଧ ସେବନ କରିବା ଉଚିତ । ତା ଛଡ଼ା ନିମ୍ନଲିଖିତ ସତର୍କତାମୂଳକ ପଦକ୍ଷେପ ନେବାକୁ ହେବ ।

(କ) ଖାଦ୍ୟରେ ତେଲ, ଲୁଣ, ମସଲା କମାଇବାକୁ ହେବ । ଚର୍ବିଯୁକ୍ତ ମାଂସ ଓ ଅଣ୍ଡାର ହଳଦିଆ ଅଂଶ ବୟସ୍କ ଲୋକଙ୍କ ପକ୍ଷେ ଅହିତକର । ମିଠା ନ ଖାଇଲେ ଭଲ । କଫି, ଚା', ମଦ୍ୟପାନ ବର୍ଜନୀୟ ।

(ଖ) ନିୟମିତ ଅଧଘଣ୍ଟା ଯୋଗାସନ (ବିଶେଷତଃ ଶବାସନ) ଓ ଏକ ଘଣ୍ଟା ସକାଳ ବୁଲା (୩/୪ କି:ମି:) ନିତାନ୍ତ ଆବଶ୍ୟକ । କୃଷକ ଓ ଶ୍ରମିକମାନଙ୍କ ପକ୍ଷେ ସକାଳ ବୁଲା ଆବଶ୍ୟକ ନାହିଁ ।

(ଗ) ଯେଉଁମାନେ ବସି ବସି ସମୟ କଟାଉଛନ୍ତି, ତାଙ୍କର ସପ୍ତାହରେ ଦିନେ ଉପବାସ ଓ ପ୍ରତିଦିନ ସକାଳୁ ବୁଲା ନିହାତି ଦରକାର ।

(ଘ) ଦିନକୁ ଦୁଇ ତିନି ଲିଟର ପାଣି (୮-୧୦ ଗ୍ଲାସ୍) ପିଇବା ଉଚିତ ।

(ଙ) ପାନ, ଜର୍ଦ୍ଦା, ଗୁଡ଼ାଖୁ, ବିଡ଼ି, ସିଗାରେଟ ନିଷିଦ୍ଧ ।

(ଚ) ମନରୁ କ୍ରୋଧ, ହିଂସା, ଈର୍ଷା ଓ ଭାବପ୍ରବଣତା ପରିହାର କରି ସଦା ପ୍ରଫୁଲ୍ଲ ରହିବା ଉଚିତ । ଦୁଶ୍ଚିନ୍ତା ଦୂରକରି ମନକୁ ଶାନ୍ତ ରଖିବା ପାଇଁ ଭଜନ, କୀର୍ତ୍ତନ ପ୍ରାର୍ଥନା ତଥା ଆନନ୍ଦଦାୟକ ଖେଳ ଓ ଆଳାପ ଆଲୋଚନାରେ ପ୍ରତିଦିନ କିଛି ସମୟ କଟାଇବା ଉଚିତ ।

ଉପଯୁକ୍ତ ସତର୍କତାମୂଳକ ବ୍ୟବସ୍ଥା ପ୍ରତି ଧ୍ୟାନ ଦେଲେ ଗାଁରେ ବାଶୁଳେଇ ଭୟ ପୂରାପୂରି ଦୂର ହୋଇଯିବ । ଅବଶ୍ୟ ଆଧୁନିକା ବାଶୁଳେଇ ଭିନ୍ନ ଭିନ୍ନ ରୂପରେ ଦିନ ଦି'ପହରେ ଗାଁରେ ଉପଦ୍ରବ ଆରମ୍ଭ କଲେଣି । ନାନା ପ୍ରକାର ରୋଜଗାର ଓ ଆବାସ ଯୋଜନା ଜରିଆରେ ସେମାନେ ଏବେ ଲୁଣ୍ଠନ ଓ ଶୋଷଣର ନାରକୀୟ ଲୀଳା ଲଗେଇଛନ୍ତି । ଏ ଯୁଗର ଯୁବସମାଜ ଏଥିପ୍ରତି ସତର୍କ ଓ ଜାଗ୍ରତ ନ ହେଲେ ସାମୟିକ ପ୍ରଲୋଭନରେ ନିଜର ବ୍ୟକ୍ତିତ୍ୱକୁ ଜଳାଞ୍ଜଳି ଦେବେ । ଜାତୀୟ କବି ବୀରକିଶୋରଙ୍କ ଭାଷାରେ ଶେଷରେ ଯୁବକମାନେ "ଜୁ' ନଥିବା ବକ" ଜୁଳୁଜୁଳୁ ଚାହିଁ ରହିଥିବେ ।

କିଏ କିପରି ପିଏ ?

ମାଧ ଅଜା ବସି ବାରଣ୍ଡାରେ ଚା' ପିଉଥାନ୍ତି । କୁଆଡ଼େ ଖେଳୁଥିଲା କେଜାଣି, ଲିକି ଧାଇଁ ଧାଇଁ ଆସିଲା । ଲିକି ଅଜାଙ୍କର ଗେଲବସର ନାତୁଣୀ । ପାଞ୍ଚ କି ଛଅ ବର୍ଷ ହେବ । ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଛି । ହେଲେ ପାଠପଢ଼ା ଚିନ୍ତା ନାହିଁ । ଖାଲି ଦିନରାତି ଖେଳ । ସେଆଡୁ ପାଟିକରି କହୁଥାଏ, "ଅଜା, ଅଜା, ଦେଖିଲଣି କାଉ କିପରି ଆମ ବାଲ୍‌ଟିରୁ ପାଣି ପିଉଛି ।"

ମାଧବାବୁ ଚାହିଁ ଦେଖିଲେ କୂଅ ପାଖରେ ପାଣି ବାଲ୍‌ଟି ଥୁଆ ହୋଇଛି । ବାଲ୍‌ଟି ପାଣିରେ ପୂରିଛି । କାଉଟାଏ ବାଲ୍‌ଟି ଉପରେ ବସି ଥଣ୍ଟ ବୁଡ଼ାଇ ପାଣି ଆଣୁଛି, ଉପରକୁ ଟିକେ ଥଣ୍ଟ ଟେକି ପାଣି ପିଉଛି, ପୁଣି ଥଣ୍ଟ ବୁଡ଼ାଉଛି । ଅଜାଙ୍କ ଚା'ପିଆ ଦେଖି ଲିକି କହିଲା, "ଅଜା, ତମେ ତ କାଉପରି ଟୋପିଏ ଟୋପିଏ ଚା' ପିଉଛ ।"

ମାଧବାବୁ ଜଣେ ପ୍ରାଣିବିଜ୍ଞାନ ଅଧ୍ୟାପକ ଥିଲେ । ଏବେ ଅବସର ନେଇ ଝିଅ ପାଖରେ ରହୁଛନ୍ତି । ନାତୁଣୀକୁ ପାଖକୁ ଡାକି ତା'ମୁଣ୍ଡ ଆଉଁଶି ଦେଲେ । ପଚାରିଲେ, "କାଉ ସିନା ଥଣ୍ଟ ବୁଡ଼ାଇ ପାଣି ପିଉଛି, ବିଲେଇ କିପରି ପାଣି ପିଏ କହିଲୁ ?"

ଲିକି – ହେ ଅଜା ତମେ କିଛି ଜାଣିନ । ବିଲେଇ କ'ଣ ପାଣି ପିଏ ? ବିଲେଇ ଦୁଧ ପିଏ । ତା' ଜିଭ ବୁଡ଼ାଇ ଜିଭରେ ଟୋପିଏ ଟୋପିଏ ଦୁଧ ଚାଉ ଚାଉ କରି ପିଇଦିଏ । ନନ୍ଦନକାନନରେ ବାଘ ବି ସେମିତି ଜିଭରେ ପାଣି ପିଉଥିଲା, ମୁଁ ଦେଖିଛି ।

ଅଜା – ତାହାହେଲେ କୁକୁର କିପରି ପିଏ ?

ଲିକି – ରୁହ, ମୁଁ ମନେପକାଏ । ହଁ, କୁକୁର ବି ସେମିତି ଚାଟି ଚାଟି ପାଣି ପିଏ । ମିନି ମାଉସୀ ଘରକୁ ଯାଇଥିଲି । ତାଙ୍କ ଧଳା ଟିପୁ କୁକୁର ପାଣି

ଥାକିଆରୁ ଭିତରେ ପାଣି ଉଠାଇ ପିଉଥିଲା । ଅଜା, ସବୁ ପ୍ରାଣୀ ଏମିତି କ'ଣ ପିଅନ୍ତି ନାହିଁ ?

ଅଜା – ଆଲୋ ଓଲୀ, ତୁ କ'ଣ କେବେ ଗାଈ, ମଇଁଷି ମେଣ୍ଢା କି ଛେଳିକୁ ପାଣି କି ତୋରାଣି ପିଇବାର ଦେଖି ନାହୁଁ ? ହଁ ତୁ ତ ସହରରେ ରହିଲୁ । ଏମାନଙ୍କ ପାଣି ପିଇବା ଦେଖିବୁ କିପରି ?

ଏମାନେ ମୁହଁ ବୁଡ଼ାଇ ପିଇଥାନ୍ତି, ତା'ପରେ ମୁହଁ ଉପରକୁ ଉଠାଇ ନିଶ୍ୱାସ ମାରନ୍ତି ଓ ପାଣି ସାଙ୍ଗରେ ଖାଇବା ଜିନିଷ ଥିଲେ ତାକୁ ପାଟିରେ ରଖି ଟିକେ ପାକୁଳି କରି ନିଅନ୍ତି । ରାସ୍ତା କଡ଼ରେ କେଉଁଠି ଗାଈ କି ଘୋଡ଼ା ପାଣି ପିଉଥିଲାବେଳେ ଦେଖିନେବୁ । ନ ହେଲେ ତମ ଟିଭିରେ, ସିନେମା କି ଛବି ଦେଖିଲା ବେଳେ ଏହାକୁ ଲକ୍ଷ୍ୟ କରିବୁ ।

ଏସବୁ ଶୁଣି ଲିକି ସତେବେଳକୁ ବ୍ୟସ୍ତ ହୋଇ ପଡ଼ିଲାଣି । କହିଲା, "ଅଜା, ମଣିଷ ସେମିତି ମୁହଁ ବୁଡ଼ାଇ ପାଣି ପିଉ ନାହିଁ ?"

ଅଜା – ମଣିଷ ସେମିତି ଦିନେ ପିଉଥିଲା ଯେ । ତୋର କ'ଣ ବିଶ୍ୱାସ ହେଉନି ? ଆଜି ପିଇବା ପାଇଁ ତାଟିଆ, ଗିନା, କପ୍, ଚାମଚ, ବୋତଲ, ଚୁଚୁମା କେତେ କ'ଣ ବାହାରିଲାଣି । ଏସବୁ କ'ଣ ଆଗରୁ ଥିଲା ? ସେ ତ ବଣରେ ବୁଲୁଥିଲା, ଗଛ କୋରଡ଼ରେ କି ଗୁମ୍ଫାରେ ରହୁଥିଲା । ମୁହଁ ବୁଡ଼ାଇ ପାଣି ନ ପିଇ କ'ଣ ଶୋଷରେ ମରିଥାନ୍ତା ?

ସେତିକିବେଳେ ଲିକି ପଚାରିଲା, – ଅଜା, ତମେ ଏକଥା ଜାଣିଲ କିପରି ? ତମେ କ'ଣ ସେତେବେଳେ ଥିଲ ? ନା ବହିରୁ ପଢ଼ି କହୁଚ ।

ଅଜା – ଆରେ ସେତେବେଳେ ନ ଥିଲେ କ'ଣ ଜାଣି ହେବନି ? ମଣିଷଙ୍କ ମୁହଁ ପରି ମାଙ୍କଡ଼ଙ୍କ ମୁହଁ । ସେମାନେ ଏବେ ପାଣି କିପରି ପିଉଛନ୍ତି ? ନନ୍ଦନକାନନକୁ କି ଅନ୍ୟ କେଉଁ ପ୍ରାଣିଉଦ୍ୟାନକୁ ଯାଇ ଏକଥା ଲକ୍ଷ୍ୟ କର । ସେମାନେ ବି ମୁହଁ ବୁଡ଼ାଇ ପାଣି ପିଅନ୍ତି । ଦେଖିବୁ ଏକାଥରକେ ସେମାନେ ମୁହଁ ବୁଡ଼ାଇ ପାଣି ପିଅନ୍ତି ନାହିଁ । ଅଣନିଶ୍ୱାସୀ ହୋଇଯିବେ । ମଝିରେ ମଝିରେ ଉପରକୁ ମୁହଁ ଉଠାନ୍ତି ।



ହଁ, ଆଉ ଗୋଟିଏ କଥା କହିବାକୁ ଭୁଲିଗଲି । ପାଣି ପିଇଲା ବେଳେ ନାକରେ ନିଶ୍ୱାସ ମାରିହୁଏ ନାହିଁ । ନ ହେଲେ ସେବାଟେ ପାଣି ପଶିଯିବ ।

ଲିକି – ହଁ ଅଜା, ଥରେ ମୁଁ ଅସାବଧାନ ହେଲି ଯେ ମୋ ଶ୍ୱାସନଳୀରେ ପାଣି ପଶିଗଲା । ଭୟଙ୍କର କାଶ ଉଠିଲା, କାଶି କାଶି ମୁଁ ବେଦମ୍ ହୋଇଗଲି ।

ଅଜା – ହେବୁ ନାହିଁ କିମିତି ! ପାଣି ତୋ ଛାତି ଭିତରେ ଥିବା ଫୁସ୍‌ଫୁସ୍‌କୁ ପଶି ଯାଇଥାନ୍ତା । ସେଥିପାଇଁ କାଶ ଉଠି ପାଣିକୁ ବାହାର କରିଦେବାକୁ ଚେଷ୍ଟା କଲା । ଶରୀର ନିଜକୁ ବିପଦରୁ ରକ୍ଷା କରିବା ପାଇଁ ଆପେ ଆପେ କେତେ ଚେଷ୍ଟା କରେ । ଏସବୁ ଆମ ଅଜାଣତରେ ଘଟିଯାଏ ।

ମଣିଷ ତ ବୁଦ୍ଧିଆ, ସେ ଏ ଅସୁବିଧା କଥା ଲକ୍ଷ୍ୟ କରି ପିଇବା ପାଇଁ କେତେ ସୁବିଧା ଖଞ୍ଜିଲା । କପ୍, ଗିନା, ଚାମଚ, ନଳୀଲଗା ବୋତଲ ବାହାର କଲା ।

ହଁ, ଏ ବିଷୟରେ ତୋତେ ଆଉ ଗୋଟିଏ କଥା କହିଦିଏ । ଆମେ କହୁ ଆମେ ପାଟିରେ ଢୋକିନେଇ ପାଣି ପିଉ । ପାଟିକୁ ଆମେ ପାଣି ଶୋଷିନେଉ କିପରି ? ଆମେ ନାକରେ ନିଶ୍ୱାସ ନ ନେଇ ପାଟି ପବନକୁ ଫୁସ୍‌ଫୁସ୍ ଭିତରକୁ ଟାଣିନେଉ । ଆମ ଛାତି ଫୁଲିଯାଏ । ପାଟି ଭିତରୁ ବାୟୁ କମି ଯିବାରୁ

ସେଠାରେ ଚାପ କମିଯାଏ, ବାହାର ଚାପରେ ପାଣି ପାଟିକୁ ଠେଲିହୋଇଯାଏ । ତା'ପରେ ଆମେ ତାକୁ ଢୋକି ନେଉ ।

ଲିକି – ଅଜା ଏଗୁଡ଼ା ମୋ ମୁଣ୍ଡରେ ପଶୁନି । ତମେ କ'ଣ କହିବାକୁ ଚାହୁଁଛ ? ଆମକୁ ପିଇବାରେ ପାଟି ଯେତେ ସାହାଯ୍ୟ ନ କରେ, ଛାତି ବେଶୀ ସାହାଯ୍ୟ କରେ, ଏଇଆତ ? ଏ ତ ଆଶ୍ଚର୍ଯ୍ୟ କଥା । ତାହାହେଲେ ସମସ୍ତେ ଛାତି ସାହାଯ୍ୟରେ ପିଅନ୍ତି । ଅଜା, ଆଜି ଏତିକି ଥାଉ । ମୁଁ ଯାଉଛି ଟିକେ ଖେଳିବି ।

ଅଜା କହିଲେ – ହଉ ଯା ଖେଳିବୁ । କିନ୍ତୁ ଦିନ ଆସିବ ଏମିତି ତୁ ଯାହା ଦେଖୁଚୁ ତା ବିଷୟରେ ଭାବିଲେ ତୁ ପ୍ରକୃତ ବିଜ୍ଞାନ କ'ଣ ଜାଣିବୁ ।



ଯେ ପଛରେ ଗୋଡ଼ାଇଛି ତାକୁ ତଡ଼ିଦିଅନା

ସେଦିନ ମୁଁ ଅଧକ୍ଷଙ୍କ ବସାଆଡ଼େ ଯାଉଥିଲି । ସଂଜ ହୋଇ ଆସୁଥାଏ । ଦେଖିଲି ଖଣ୍ଡେ ଦୂରରେ ଗୋଟିଏ ବୁଲା କୁକୁର ମୋତେ ଅନେଇଛି । ବୁର୍ଲାକୁ ମୁଁ ନୂଆ ହୋଇ ଯାଇଥାଏ । ଭାବିଲି କୁକୁରଟା ମୋତେ ଅଚିହ୍ନା ଦେଖି ସେପରି ଅନେଇଛି । କିଛି ସମୟପରେ ସେ ମୋ ଆଡ଼କୁ ଆସିଲା । ପାଖରୁ ଦେଖି ଚିହ୍ନିଲି– ଏ ମୋ ନୂଆ ବସା ପାଖରେ ବୁଲୁଥିବା କୁକୁର । ଗତ ରାତିରେ ଖାଇସାରିଲାପରେ ବଳକା ଅଇଁଠା ତା ଆଡ଼କୁ ଫିଙ୍ଗି ଦେଇଥିଲି । ସେତକ ଖାଇ ସେ ଆଜି ମୋର ଅନୁଗତ । ତାକୁ 'ହାସୁ ହାସୁ' କହି ତଡ଼ିଲି । ସେ କିନ୍ତୁ ମୋ ପିଛା ଛାଡ଼ିବାକୁ ନାରାଜ ।

ଦୂରରୁ ଅଧକ୍ଷ ମୋର ଏ ଦୂରବସ୍ଥା ଦେଖିଲେ । ବଡ଼ପାଟିରେ କହିଲେ, ''କ'ଣ ସେଇଟିକି ପାଳିଛ ? ଆସୁ, ଆସୁ । ଯେ ପଛରେ ଗୋଡ଼ାଇଛି ତାକୁ ତଡ଼ିଦିଅନା ।'' ସେ ମୋ ପଛେ ପଛେ ଆସିଲା । ଆମେ ବହୁ ସମୟଯାଏ କଥାବାର୍ତ୍ତା ହେଲୁ । ସେ ସେମିତି ଅପେକ୍ଷା କରି ବସିଥାଏ ।

ବସାରେ ମୁଁ ଏକୁଟିଆ ଥାଏ । ବସାକୁ ଫେରି ଭାବିଲି, ଯେ ଥରେ ବଳକା ଅଇଁଠାତକ ଖାଇ ମୋତେ ମନେ ରଖିଛି, ତାକୁ ପାଖରୁ ତଡ଼ିବା ଉଚିତ ନୁହେଁ । ଅଧକ୍ଷ ଠିକ୍ କହିଛନ୍ତି । ଏଣିକି ମୋ ପାଇଁ ଆସୁଥିବା ମେସ୍ ଖାଦ୍ୟରୁ କିଛି ବଳେଇ ତାକୁ ନିୟମିତ ଖାଇବାକୁ ଦେଲି । ସେ ଅନ୍ୟ କୁଆଡ଼େ ନ ଯାଇ ମୋ ବଙ୍ଗଳାର ବାରଣ୍ଡାରେ ପଡ଼ି ରହିଲା ।

ପ୍ରାୟ ମାସକ ପରେ ମୋ ପରିବାର ଭୁବନେଶ୍ୱରରୁ ବୁର୍ଲା ଆସିଲେ । ସଙ୍ଗରେ ସେମାନେ ଧଳା କୌତୁକିଆ କୁକୁରଛୁଆଟିଏ ଆଣିଥାନ୍ତି । ଦେଖିବାକୁ ଛୋଟ ଭାଲୁଛୁଆପରି । ପିଲାଏ ଜିଦ୍ କଲେ ଯେ ସେ ବୁଲା ବଡ଼ କୁକୁରଟାକୁ ତଡ଼ିବାକୁ ହେବ, ନ ହେଲେ ସେ ତାଙ୍କ ଟିପୁକୁ କାମୁଡ଼ି ପକାଇବ । ବଡ଼ ଅଡୁଆ ହେଲା । ଯେ ଆମ ପାଖରେ ମାସେ ରହିଲାଣି, ଏବେ ଯିବ କୁଆଡ଼େ ? ଆମ ବାହାରପଟେ ରହୁଥିବା ସାହୁବୁଢ଼ା ସେତେବେଳକୁ ତାକୁ 'ଭାଲୁଆ' ବୋଲି ନାଁ ଦେଇସାରିଥିଲା ।

ନିଜେ ଭାଲୁଆ ଆମକୁ ଏ ଅଡୁଆରୁ ରକ୍ଷା କରିଦେଲା । ତାକୁ ତଡ଼ା ଖାଇବାକୁ ପଡ଼ିଲା ନାହିଁ । ସେ ଜାଣିନେଲା ଯେ 'ଟିପୁ ଆମର', ତେଣୁ ସେ ଟିପୁକୁ ଆଦରି ବସିଲା । ତା ପଛେ ପଛେ ଗୋଡ଼ାଇ ତାକୁ ଗୋଡ଼େ ଗୋଡ଼େ ଜଗି ରହିଲା । ଟିପୁ ଥାଳିଆରେ ମାଂସ ଭାତ ବଢ଼ା ହୋଇଥିଲେ ଭାଲୁଆ ତାକୁ ଛୁଇଁବ ନାହିଁ । ତାକୁ ସାଦା ଡାଲି ଭାତ ଗଣ୍ଡେ ଦେଲେ ସେ ଟାଉ ଟାଉ କରି ଗିଳି ପକାଇବ । ଯାହାର ଖାଇବା ପାଇଁ ଏତେ ଲୋଭ, ସେ ଟିପୁ ପାଇଁ ବଢ଼ା ହୋଇଥିବା ମାଂସ ଭାତକୁ ଅନାଉ ନାହିଁ, କି କେହି ନ ଥିଲାବେଳେ ରୋଷାଇଘରେ ପଶିଯାଉ ନାହିଁ । କୁକୁରଟିର କି ଆଶ୍ଚର୍ଯ୍ୟ ଧରଣର ବିଚାର ! ଟିପୁକୁ ଆମେ ସମସ୍ତେ ଆଦର କରୁଛୁ ଦେଖି ସେ ମଧ ଆଦରି ନେଲା । ବାହାର କୁକୁରଙ୍କଠାରୁ ଟିପୁକୁ ସେ ଅଲଗା କରି ରଖେ । ଆମର ସବୁ ଜିନିଷପରି ତାକୁ ମଧ ଜଗେ ।

ଆଶ୍ଚର୍ଯ୍ୟର କଥା, ଟିପୁ ଖୁବ୍ ଜୋର୍‌ରେ ଭୁକିଲା ବେଳକୁ ଭାଲୁଆ ଆଦୌ ଭୁକେ ନାହିଁ । ସାହୁବୁଢ଼ା କହିଲା– ତାକୁ ଭୁକି ଆସେ ନାହିଁ । ଜଣେ ପ୍ରାଣିବିଜ୍ଞାନୀକୁ ପଚାରିଲି କୁକୁରଟା ଭୁକୁ ନାହିଁ କାହିଁକି ? ସେ କହିଲେ, "ବଣୁଆ କୁକୁର ଭୁକେ ନାହିଁ, ପୋଷା ହେଲେ କୁକୁର ଭୁକେ । ତା'ର ନିଜର କିଛି ନ ରହିଲେ ସେ କାହାପାଇଁ ଭୁକିବ ?" ସତକୁ ସତ, ଆମ ପାଖରେ ଭାଲୁଆ ତିନି ଚାରିମାସ, ରହିଲାପରେ ଅନ୍ୟ କୁକୁରକୁ ଦେଖି ତାର ଭୁକା ଆରମ୍ଭ କଲା ।

ଦିନେ ବାରଣ୍ଡାରେ ମୁଁ ବସିଛି, ପାଖରେ ଭାଲୁଆ ଶୋଇଛି । ହଠାତ୍ କାନ୍ଥଆଡ଼କୁ ଅନାଇ ସେ ଭୁକି ଉଠିଲା । ପଛକୁ ଚାହିଁ ଦେଖେ ତ ଏକ ମସ୍ତବଡ଼ ରଣା ସାପ କାନ୍ଥ କଡ଼େ କଡ଼େ ଘର ଆଡ଼କୁ ମୁହାଁଇଛି । ମୁଁ ଚିତ୍କାର କରି ଉଠିଲି । ଘରୁ ଚାକର ପିଲାଟି ଧାଇଁ ଆସି ବାଡ଼ିରେ ସାପଟିକୁ ମାରିଦେଲା । ଭାଲୁଆ ନ ଭୁକିଥିଲେ ବିଷାକ୍ତ ରଣାସାପଟା ନିଶ୍ଚୟ ଘରେ ପଶିଥାନ୍ତା । ଲୁଚି ରହି କେତେବେଳେ କ'ଣ କରିଥାନ୍ତା ଭାବି ପାରିଲି ନାହିଁ ।

ଆଉ ଦିନେ ରାତି ନଅଟା । ସାନପୁଅ ପଢୁଛି । ତା ପଢ଼ାଘର ଦୁଆର ମୁହଁରେ ଭାଲୁଆ ଶୋଇଛି । ହଠାତ୍ ସେମିତି ଲହରେଇ ସେ ଭୁକି ଉ[illegible] ସାପ ହୋଇଥିବ ଭାବି ଆମେ ବାଡ଼ି ଓ ଟର୍ଚ୍ଚ ଧରି ଧାଇଁଲୁ । ଦେଖିଲା ବେଳକୁ ଭାଲୁଆ ଗୋଟିଏ ବଡ଼ ବୋଡ଼ା ସାପକୁ ଭୁକି ଭୁକି ଅଟକାଇଛି । ସେ ସେଠି

ଶୋଇ ନ ଥିଲେ ବୋଡ଼ା ସାପଟି ପଢ଼ାଘରେ ପଶିଥାନ୍ତା । ସାନ ପୁଅ ପଢ଼ିଲାବେଳେ ପାଖରେ ଭାଲୁଆ ଶୋଇଥିଲେ ଆମେ ନିଶ୍ଚିନ୍ତ ଥାଉ ।

ଥରେ ଆମର ଅନ୍ୟ କୁକୁର 'ଟିପୁ' ହଜିଗଲା । ବୋଧହୁଏ ତାକୁ କିଏ ତା ଘରେ ଅଟକାଇ ଦେଲା । ଦୁଇ ତିନି ଦିନ ସେ ଆସିଲା ନାହିଁ । ଆମେ ବ୍ୟସ୍ତ ହୋଇ ପଡ଼ିଲୁ । କାରଣ ସେ ଅଖିଆ ଥିବ । ଭାତ ଖାଏ ନାହିଁ, ରୁଟି ଟିକି ଟିକି ଛିଣ୍ଡାଇ ନ ଦେଲେ ସେ ଖାଇବ ନାହିଁ । ଏମିତି ତାର ଅନେକ ବଦଭ୍ୟାସ ଥିଲା । ତାକୁ ଖଣ୍ଡେ ରୁଟି ଦେଲେ ସେ ଯେତେ ଭୋକିଲା ହେଲେ ବି ଛୁଇଁବ ନାହିଁ, ଭୁକି ଭୁକି ତାକୁ ଛିଣ୍ଡାଇବା ପାଇଁ ଅନୁରୋଧ କରୁଥିବ ।

ତୃତୀୟ ଦିନ ସଂଜ ବେଳକୁ କଲେଜରୁ ଫେରି ମୁଁ ତାକୁ ଶେଷଥର ପାଇଁ ଖୋଜିବାକୁ ବାହାରିଲି । ଭାଲୁଆ କିପରି ଠଉରେଇଲା । ଫାଟକ ବାଟେ ଗଳି ସେ ମୋ ପଛେ ପଛେ ଚାଲିଲା, ରାସ୍ତାରେ କିଛି ବାଟ ଗଲା ପରେ ସେ ଏକ ବୁଦୁବୁଦିକିଆ ଜଙ୍ଗଲ ଭିତରେ ପଶିଲା । ମୁଁ ସେ ଘୂରାଣିଆ ରାସ୍ତାରେ ଆଉ ପଟକୁ ଆସିଲି । ସେପଟେ ଦେଖେ ତ ଭାଲୁଆ ଜଙ୍ଗଲ ପାର ହୋଇ ରାସ୍ତାକଡ଼ରେ ଥିବା ଜଣକ ଘର ଫାଟକ ପାଖରେ ବସିଛି । ମୁଁ ଫାଟକ ଖୋଲି ତାଙ୍କ ଘର ଦ୍ୱାରମୁହଁ ପାଖକୁ ଗଲି । ସେଠାକୁ 'ଟିପୁ'ର ଭୁକା ସ୍ପଷ୍ଟ ଶୁଭୁଛି । ତାଙ୍କ ଘର ଭିତରେ କବାଟ ଦେଇ ତାଙ୍କ ପିଲାମାନେ ଟିପୁକୁ ଅଟକାଇ ରଖିଛନ୍ତି । ମୁଁ କବାଟ ବାଡ଼େଇଲାରୁ ସେମାନେ କବାଟ ଖୋଲିଲେ ଓ ଟିପୁକୁ ଫେରାଇ ଦେଲେ ।

ଟିପୁକୁ ଖୋଜି ପାଇବାରେ ଭାଲୁଆ ସେଦିନ ମୋତେ ସାହାଯ୍ୟ କରିଥିଲା । ଏବେବି ମୁଁ ଭାବିପାରେନା ଯେ ସେ କିପରି ଜାଣିଲା ଯେ ମୁଁ ଟିପୁକୁ ଖୋଜିବାକୁ ଯାଉଛି । ପୋଲିସ କୁକୁର ଚୋର ଗନ୍ଧ ବାରି ଖୋଜେ, ଏଥିପାଇଁ ସେ ତାଲିମ ପାଇଥାଏ । କିନ୍ତୁ ଭାଲୁଆର ଅନୁମାନ ଶକ୍ତି ଅତି ପ୍ରଖର । ସେ ଆମର କଥାବାର୍ତ୍ତାରୁ ଠଉରେଇ ନେଇଥିଲା ଯେ ମୁଁ ବ୍ୟସ୍ତ ହୋଇ ଟିପୁକୁ ଖୋଜିବାକୁ ଯାଉଛି ।

ଦିନେ ରାତି ୯ଟା ବେଳକୁ ଭାଲୁଆର କରୁଣ ଚିତ୍କାର ଶୁଭିଲା । ଜାଣିଲୁ ଯେ ସେ କେଉଁଠି କଷ୍ଟ ପାଉଛି । ଟର୍ଚ୍ଚ ନେଇ ଦେଖିଲୁ ସେ ଆମ୍ବଗଛ ମୂଳ ଘାସ ଭିତରେ ପଡ଼ି ମୁଣ୍ଡ ଗଡ଼େଇଲାଣି । କ୍ଷୀର ନେଇ ତା ପାଟିରେ ଦେଲୁ, ତାହା ମାଟିକୁ ବୋହିଗଲା । ଭଲ ବେଳ ହୋଇଥିଲେ ସେ ଚାଉ ଚାଉ କରି

ଚାଟିପକାଇ ଥାନ୍ତା । ତା'ର ଶେଷ ବେଳ ଆସିଗଲା । ସେ ମୁଣ୍ଡ ଗଡ଼େଇଲା । ଆଖି ଡୋଳା ସ୍ଥିର ହୋଇଆସୁଥାଏ । ବୋଧହୁଏ ବହୁତ କଷ୍ଟ ହେଲା । କୁଁ କୁଁ ହୋଇ ସେ ଗୋଡ଼ ବାଡ଼େଇଲା । ତା'ପରେ ସବୁ ସ୍ଥିର ହୋଇଗଲା ।

ପରଦିନ ସକାଳୁ ଜଣେ ଲୋକକୁ ଡକାଇଲୁ । ସେ ଛଘେ ଗହୀରର ଗାତ ଖୋଳିଲା । ତା ଭିତରେ ଭାଲୁଆକୁ ଶୁଆଇ ଦେଲୁ । ଆମେ ସମସ୍ତେ ତା ଉପରେ କିଛି ଫୁଲ ପକାଇଲୁ । ଗାତରେ ଦୁଇ କିଲୋ ଲୁଣ ଦେଇ ତାକୁ ପୋତି ଦେଲୁ । ଆମ ଛଡ଼ା ଆଉ କେହି ଜାଣିଲେନି ଯେ ସେଠି ଭାଲୁଆ ପୋତା ହୋଇଛି । ଦଶବର୍ଷ କାଳ ସେ ଆମ ପଛରେ ଗୋଡ଼ାଇଥିଲା । ତାକୁ ତଡ଼ି ନ ଦେଇ ଆମେ ତାକୁ ଗଣ୍ଡିଏ ଗଣ୍ଡିଏ ଖାଇବାକୁ ଦେଉଥିଲୁ । ତା ବଦଳରେ ସେ ଆମକୁ ଅନେକ ଦୁର୍ଘଟଣାରୁ ରକ୍ଷା କରିଛି ।

ଯା ଭିତରେ ପାଞ୍ଚ ଛଅ ବର୍ଷ ବିତିଗଲାଣି । ରାସ୍ତାକଡ଼ରେ ବୁଲା କୁକୁରଟିଏ ଦେଖିଲେ ଏବେ ବି ଭାଲୁଆ କଥା ମନକୁ ଆସିଯାଏ । ମନେହୁଏ ସବୁ ବୁଲା କୁକୁର ଭିତରେ ଭାଲୁଆ ଯେମିତି ଲୁଚି ରହିଛି । ଆମ ବୁଢ଼ୀମା ବୁଲା କୁକୁରକୁ ଦେଖିଲେ ଚିଡ଼େ । କହେ, "ସବୁ କୁକୁର ଯଦି ବାରାଣସୀ ଯିବେ ଅଇଁଠା ପତ୍ର ଚାଟିବ କିଏ ?" ଅବଶ୍ୟ ତା ମତକୁ ବି ହସି ଉଡ଼େଇ ଦେଇ ହେବନି ।





ପକ୍ଷୀ ବି ଘର ଜଗେ



ଆମେ ଜାଣୁ ଯେ କୁକୁର ଘର ଜଗେ । ଏବେ ଜାପାନରେ ବିଲେଇ ଏ କାମ କଲାଣି । କୁକୁରର ସିନା କର୍କଶ ଭୋ ଭୋ ଚିତ୍କାର, ବିଲେଇର କିନ୍ତୁ କଅଁଳିଆ ମ୍ୟାଉଁ ମ୍ୟାଉଁ ଡାକ । ବହୁମହଲା କୋଠାରେ ଗୁଡ଼ିଏ ପରିବାର ଘର ଜଗିବା ପାଇଁ ଯଦି କୁକୁର ପାଳିବେ, ସେ କୋଠାରେ ରହି ହେବ ? ଅଥଚ ଗୁଡ଼ିଏ ବିଲେଇ ରହିଲେ ଚଳିବ । ତାଲିମ ପାଇଲେ ବିଲେଇ ବାହାରେ ଅତିଥି ଅଭ୍ୟାଗତଙ୍କୁ ଦେଖିଲେ ଝରକା ଡେଇଁ ଘରେ ପଶିବ । ତା' ଗୁମୁରୁମିଆ ମୁଣ୍ଡ ମା'ଙ୍କ ଗୋଡ଼ରେ ଘଷି, ମ୍ୟାଉଁ ମ୍ୟାଉଁ ହୋଇ ଜଣେଇ ଦେବ, "ମା, କବାଟ ଖୋଲ, ତେଣେ ପରା ଅତିଥି ଆସି ଅପେକ୍ଷା କଲେଣି ।"

ଅତିଥି ଜାଣିଲେନି, ଅଥଚ ତାଙ୍କ ଆସିବା କଥା ଘରେ ଜଣାଇ ଦିଆଗଲା । କିନ୍ତୁ କୁକୁର ହୋଇଥିଲେ ସେ ଯେଉଁ ରଡ଼ି ଛାଡ଼ିଥାନ୍ତା, ସେଥିରେ ସମୁଦାୟ କୋଠାଟା ଥରି ଉଠିଥାନ୍ତା । ଜଣେ ମା' କାହିଁକି, କୋଠାରେ ଯେତେ ଯିଏ ଥିବେ ସମସ୍ତେ ଝରକାରେ ଉଣ୍ଡିବେ, "କିଏ ଆସିଲା ?" ଏମିତି ଚାରି ପାଞ୍ଚୋଟି କୁକୁର ଯଦି ସେ କୋଠାରେ ଥିବେ ନା, କେହି ଆଉ ଶୋଇ ବସି ପାରିବେନି । ତାଛଡ଼ା ଯେ ଅତିଥି ହୋଇ ଆସିଥିବେ, ଥରେ ସେହି ଝରକା ପଛପଟ ଡିମା ଡିମା ଆଖି ଓ ବିକୃତ ମୁହଁମାନ ଦେଖିଲେ ଜୀବନରେ ଆଉ କେବେ ସେହି କୋଠା ଆଡ଼େ ମୁହାଁଇବେ ନାହିଁ । ଏଥିପାଇଁ ବହୁମହଲା କୋଠାର ଅଧିବାସୀମାନେ କୁକୁର ଅପେକ୍ଷା ବିଲେଇ ପୋଷିବାକୁ ଅଧିକ ପସନ୍ଦ କରୁଛନ୍ତି ।

କିନ୍ତୁ ଚଢ଼େଇ ଯେ ଘର ଜଗିପାରନ୍ତି, ଏହା କେହି ଜାଣି ନ ଥିବେ । ଚଢ଼େଇମାନେ ତାଙ୍କ ନିଜ ବସା ଜଗନ୍ତି ଏହା ମୁଁ ଆମ ବଗିଚାରେ ଦେଖିଛି । ନଡେଙ୍ଗା ଓ ଝଙ୍କାଳିଆ ମହୁଲ ଗଛରେ କାଉ ଓ ଚଢ଼େଇମାନେ ବସା କରିଥାନ୍ତି । ଢମଣା ସାପ ପତ୍ର ଗହଳରେ ଲୁଚି ଲୁଚି ଡାଳେ ଡାଳେ ତାଙ୍କ ବସା ଆଡ଼େ ଯାଏ । ପକ୍ଷୀ ଅଣ୍ଡାର ସ୍ୱାଦ ସେ ଚାଖିଛି । ତେଣୁ ନିତି ସେ ଓର ଉଣ୍ଡି ବୁଲୁଥାଏ । ଚଢ଼େଇମାନଙ୍କୁ ବି ସେ କଥା ଜଣା । ସେମାନେ ବି ଛକିଥାନ୍ତି ।

ଏମିତି ପ୍ରାୟ ପ୍ରତିଦିନ ମହୁଲ ଗଛରେ ଚଢ଼େଇ ଓ ଡମଣା ମଧ୍ୟରେ ଖଣ୍ଡଯୁଦ୍ଧ ଲାଗିଥାଏ । କିନ୍ତୁ ଚଢ଼େଇମାନେ ଯେ କୁକୁର ଓ ବିଲେଇଙ୍କ ପରି ମାଲିକର ଘର ଜଗିପାରିବେ, ଏହା ମୁଁ ଜାଣି ନ ଥିଲି ।

ଦିନେ ମୁଁ ସଞ୍ଜବେଳେ ଜଣେ ରସାୟନ ବିଜ୍ଞାନ ଅଧ୍ୟାପକଙ୍କ ଘରକୁ ବାହାରିଲି । ସେ ମୋର ଛାତ୍ର ଥିଲେ, ସହକର୍ମୀ ହୋଇ କଲେଜରେ ଯୋଗ ଦେଇଥାନ୍ତି । ଠିକ୍ ଯାଇ ତାଙ୍କ ବାରଣ୍ଡାରେ ତାଙ୍କ ନାଁ ଧରି ଡାକିଲା ବେଳକୁ କୁଆଡୁ ଗୋଟିଏ ପାରା ଆସି ମୋ କାନ୍ଧରେ ବସି ପଡ଼ିଲା । ମୁଁ ଚମକି ଉଠି ବ୍ୟସ୍ତ ହୋଇପଡ଼ିଲି । ସଙ୍ଗେ ସଙ୍ଗେ ଅଧ୍ୟାପକ ଜଣକ ଘରୁ ଦୌଡ଼ି ଆସି ପାରାକୁ ଧରିନେଲେ । ମୋ କାନ୍ଧକୁ ଝାଡ଼ି ଦେଇ ସେ କହିଲେ, ''ସାର୍, ଆପଣଙ୍କୁ ଖୁମ୍ପାଖୁମ୍ପି କରି ନାହିଁ ତ ?''

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, ''ଆରେ, ତମେ ଏ ପାରାଟି ପୋଷିଛ ନା କଅଣ ? ଏ ତ ତମ ଘରୁ ନ ଆସି ବାହାର ବଉଳ ଗଛରୁ ଆସିଲା ।'' ସେ କହିଲେ, ''ସାର୍, ସେ ଆମ ବଉଳ ଗଛରେ ରହେ । ଅଳ୍ପଦିନ ତଳେ କୁଆଡୁ ଉଡ଼ି ଉଡ଼ି ଆସି ଦୁଆରେ ବସିଲା । ମୋ ଝିଅ ତାକୁ ଚାଉଳ ଖାଇବାକୁ ଦେଲା । ସେହଦିନୁ ସେ ଏ ଘର ଛାଡ଼ି ଯାଉନି । ବଣୁଆ ପାରାଟିଏ । ଏଇ ବଉଳ ଗଛରେ ରହୁଛି । ଆମ ବାରଣ୍ଡାରେ ବୁଲାବୁଲି କରେ । ଆମ ହାତରୁ ନେଇ ଖାଉଛି । ଆମ ହାତରେ ଓ କାନ୍ଧରେ ବସାବସି କରେ । ସେ ବଉଳ ଗଛ ଛାଡ଼ି ଅନ୍ୟ କୁଆଡ଼େ ଯାଉନି ।

''ଆମ ବାରଣ୍ଡାକୁ କେହି ନୂଆ ହୋଇ ଆସିଲେ ସେ ଗଛରୁ ଉଡ଼ିଆସି ତାଙ୍କ କାନ୍ଧରେ ବ୍‌ସିପଡ଼େ । କେତେଜଣଙ୍କୁ ମଧ୍ୟ ଖୁମ୍ପାଖୁମ୍ପି କରିଛି । କିନ୍ତୁ ଘର ଲୋକ ବାରଣ୍ଡାରେ ବସିଲେ କି ବୁଲିଲେ ସେ ସେପରି କରେ ନାହିଁ । କେବଳ ବାରଣ୍ଡାରେ ବୁଲି ବୁଲି ଘୁମୁରେ ।''

ଭାବିଲି ଏ ପାରାଟି ଅଦ୍ଭୁତ ଧରଣର । ତା'ର ଏ ବ୍ୟବହାର ବିଷୟରେ ପ୍ରାଣିବିଜ୍ଞାନୀମାନେ ଗବେଷଣା କରିବା ଉଚିତ । ବହୁ ବର୍ଷ ତଳର କଥା ମନେପଡ଼ିଲା । ମୋର ପଦାର୍ଥବିଜ୍ଞାନ ଅଧ୍ୟାପକ ଥରେ ବକ୍ତୃତାରେ କହୁଥିଲେ, ''ତିରିଶ ଚାଳିଶ କିଲୋମିଟର ଦୂରରୁ ପୋଷା ପାରାଟିଏ ଚିଠିପତ୍ର ଧରି ଉଡ଼ି ଆସେ ଓ ନିଜ ଘର ଚିହ୍ନେ । ବାଟବଣା ହୁଏ ନାହିଁ । ପାରାର ଏ ଗୁଣଟି ବଡ଼ କୌତୂହଳଜନକ । ଏ ବିଷୟରେ ମୋର ଗବେଷଣା କରିବାକୁ ମନ ଥିଲା ।''

ରସାୟନ ଅଧ୍ୟାପକଙ୍କ ପାରାଟି ଆଉ ପାଦେ ଆଗେଇଛି । ଘର ତ ଚିହ୍ନିଛି, ଘରେ ଯେ ରହୁଛନ୍ତି ତାଙ୍କୁ ମଧ୍ୟ ଚିହ୍ନିଛି । ନୂଆ ହୋଇ ଆସିଥିବା ଲୋକଙ୍କୁ ଖୁମ୍ପାଖୁମ୍ପି କରି ଡରଉଛି ମଧ୍ୟ । ଯେ ଥରେ ପାରା ଖୁମ୍ପା ଖାଇଛି ସେ ହଠାତ୍ ଅଧ୍ୟାପକଙ୍କ ପିଣ୍ଡା ଉପରକୁ ଉଠିବାକୁ ସାହସ କରିବ ନାହିଁ ।

ଏ ଆଉ ଗୋଟିଏ କଥା । କଟକର ରାଣୀହାଟରେ ରହୁଥିବା ଜଣେ ଭଦ୍ରଲୋକଙ୍କ ପାଖରେ କାମ ଥାଏ । ସେ ଦୋମହଲା କୋଠାର ଉପର ମହଲାରେ ରହୁଥାନ୍ତି । ପାହାଚ ଚଢ଼ିଲାବେଳେ ମୁଁ ତାଙ୍କ ନାଁ ଧରି ଡାକି ଡାକି ଯାଉଥାଏ । ଗୋଟିଏ ପିଞ୍ଜରାରେ ସେ ଶୁଆଟିଏ ରଖିଛନ୍ତି । ମୋ ଡାକ ଶୁଣି ଶୁଆଟି ବୋବାଇ ବୋବାଇ ପିଞ୍ଜରାରେ ଡେଇଁଲା । ଭଦ୍ରଲୋକଙ୍କ ସ୍ତ୍ରୀ ଘରୁ ବାହାରି ଆସି ଦେଖିଲେ, ମୁଁ ଶୁଆଆଡ଼େ ଅନେଇଛି । "କ'ଣ ଦେଖୁଛନ୍ତି, ସାର୍ ? ସେ ଆମ ଆଲସିସିଆନ୍ କୁକୁର । ଘରକୁ ନୂଆ ଲୋକ ଆସିଲେ ସେ ଏମିତି ବୋବାଇ ବୋବାଇ ପିଞ୍ଜରାରେ ଡେଇଁବ ।" ତାଙ୍କର ଏକଥା ଶୁଣି ମୋର ପୂର୍ବ ପାରା କଥା ମନେପଡ଼ିଲା ।

ଜାଣିଥିଲି, ନିଜ ବସା ଜଗିବା ପାଇଁ, ନିଜ ଜୀବନ ବଞ୍ଚେଇବା ପାଇଁ, ଚଢ଼େଇମାନେ ଚିଁ ଚାଁ ହୋଇ ଡିଆଁ ଡେଇଁ କରନ୍ତି । କିନ୍ତୁ ମାଲିକଙ୍କ ଘରକୁ ନୂଆ ଲୋକ ଆସିଲେ ଯେ କେତେକ ଚଢ଼େଇଙ୍କ ମୁଣ୍ଡ ବଥାଏ, ଏ କଥା ଜାଣି ନ ଥିଲି । ଯେ ବଣରେ ଗଛକୁ ଗଛ ଉଡ଼ି, ଫଳଫୁଲ ଖାଇ, ଝରଣାର ପାଣି ପିଇ ନୀଳ ଆକାଶରେ ଉଡ଼ି ବୁଲିବା କଥା, ସେ ପିଞ୍ଜରାରେ ବନ୍ଦୀ ହୋଇ ମାଲିକ ଘର ଜଗିପାରିବ, ଏକଥା ମୁଁ କେବେ ଭାବି ନ ଥିଲି ।

କାରଣ ମୁଁ ଆମ ମଣିଷଙ୍କ ଲେଖା ପଢ଼ିଥିଲି

"କ୍ଷୀରରେ ଧୋଇଲେ ଖଣ୍ଡରେ ମୋହିଲେ
ନିମ କି ମଧୁର ହୋଇବ,
ଯେତେ ପରକାରେ ବୁଝାଇ କହିଲେ
ପର କି ଆପଣା ହୋଇବ ?"

କିନ୍ତୁ ଗାନ୍ଧିଜୀ କହୁଥିଲେ, "ସବୁ ଲୋକ ଭଲ । କେବଳ ଉତ୍ତମ ବ୍ୟବହାର ଦେଖାଅ । ଶତ୍ରୁ ବି ମିତ୍ର ପାଲଟିଯିବ । ଶତ୍ରୁକୁ ଜିଣିବାର ଏହାହିଁ ଏକମାତ୍ର ପନ୍ଥା ।" ଗାନ୍ଧିଜୀ ଚାଲିଗଲେ । ତାଙ୍କ ପରି ଭେକ ଧରି ଅନେକ ବୁଲୁଛନ୍ତି । କିନ୍ତୁ ତାଙ୍କ ଆଚରଣର ଆଦର କମିଯାଉଛି ।

ଭୋଳି ଅଜାଙ୍କ ଭାଳେଣି

ଭୋଳାନାଥ ବାବୁଙ୍କୁ ୮୦ ବର୍ଷ ପାଖାପାଖି ହେଲାଣି । ମୁଣ୍ଡବାଳ ପୂରା ଧଳା, କିନ୍ତୁ ଚନ୍ଦା ହୋଇନି । ଭୋଳାନାଥବାବୁ ବଡ଼ ଭୁଲା ଲୋକ, ଦିନକରେ ଚାରି ଚାରି ଥର ଚଷମା ହଜାନ୍ତି, ହେଲେ ବି ଥରେ ସୁଦ୍ଧା ପାନିଆ ପକେଟରୁ ହଜାନ୍ତି ନାହିଁ । ମଝିରେ ମଝିରେ ମୁଣ୍ଡ କୁଣ୍ଡାଇ ଟେରି ଭାଙ୍ଗନ୍ତି । ପାନ, ସିଗାରେଟ ପାଖ ପଶନ୍ତି ନାହିଁ । ସକାଳୁ ସକାଳୁ ଯାହା ସାମାନ୍ୟ ଚିନି ଦେଇ କପେ ଚା' ପିଅନ୍ତି । ଦାନ୍ତ ପଡ଼ିବା ଦୂରେ ଥାଉ ଗୋଟିଏ ବି ହଲି ନାହିଁ । କଥା କଥାକେ ଗୋଛେ ଦାନ୍ତ ଦେଖାଇ କହନ୍ତି– ''କହି ଜାଣିଲେ କଥା ସୁନ୍ଦର, ଚଳି ଚାଣିଲେ ଚେହେରା ସୁନ୍ଦର ।'' ଏହି ଜଣାଶୁଣା ଭୋଳାନାଥବାବୁ ତାଙ୍କ ସାହିରେ ସମସ୍ତଙ୍କର ''ଭୋଳି ଅଜା'' ।

ଭୋଳି ଅଜାଙ୍କର ସକାଳ ବୁଲା ଏକ ନିଶା । ଏଟା ତାଙ୍କର ସକାଳ ବୁଲା ନୁହେଁ ତ ପାହାନ୍ତା ବୁଲା କହିଲେ ଚଳିବ । ଭୋର ୪ଟାରୁ ଉଠି ଅଜା ନଈକୂଳଆଡ଼େ ଧାଆନ୍ତି । ହାତରେ ବାଡ଼ି ଖଣ୍ଡେ ଥାଏ, ସେଟା ବଙ୍କୁଲି ବାଡ଼ି ନୁହେଁ । ବଙ୍କୁଲି ବାଡ଼ିକୁ ଅଜା ପସନ୍ଦ କରନ୍ତି ନାହିଁ । କହନ୍ତି, ସେ କ'ଣ ବଙ୍କା ହେଲେଣି ଯେ ବଙ୍କାବାଡ଼ି ଧରିବେ ? ପ୍ରକୃତରେ ଅଜା ବଡ଼ ମଉଜିଆ, ଫୂର୍ତ୍ତିବାଜ ଓ ହସକୁଡ଼ା । କ'ଣ ହେଲା କେଜାଣି ଅଜା ଏଣିକି ଭାବନା କରି ବସିଲେ । 'ଭୋଳି ଅଜାଙ୍କର ପୁଣି ଭାଳେଣି' ଏକଥା କେହି ବିଶ୍ୱାସ କଲେନି ।

ଦିନେ ରବିବାର ହୋଇଥାଏ । ଅଜାଙ୍କର ସକାଳ କାମ ସବୁ ସରିଲା । ଅଜା ତାଙ୍କ ପୁରୁଣା ସାଇକଲ ଚଢ଼ି କୁଆଡ଼େ ଗଲେ । ଫେରୁ ଫେରୁ ଖରାବେଳ ହେଲା । ଘଣ୍ଟାରେ ଗୋଟାଏ ବାଜିଥାଏ । ଅଜା ଖାଇସାରିଲେ । ଏତିକିବେଳେ ଅଜାଙ୍କ ଗେହ୍ଲାନାତି ବୁଲ୍‌ବୁଲ୍ ଆସି ପହଞ୍ଚିଗଲା ।

ବୁଲ୍‌ବୁଲ୍ କହିଲା– ''ଅଜା, ଆଜି ସାଇକଲରେ କୁଆଡ଼େ ଯାଇଥିଲ କି ? ତମେ ତ ସବୁଦିନେ ୧୨ଟା ବେଳେ ଖାଅ, ଆଜି ଘଣ୍ଟାଏ ଡେରି ହେଲା । ଆଜିକାଲି ତ ତମ ମନ କାହିଁକି ଭଲ ରହୁ ନାହିଁ । ତମେ କ'ଣ ଭାବୁଛ ?'' ଅଜା ଖୁବ୍ ଜୋର୍‌ରେ ନିଃଶ୍ୱାସଟାଏ ପକାଇ କହିଲେ– ''କ'ଣ ଶୁଣିବୁରେ

ବୁଲ୍‌ବୁଲ୍ । ଏଣିକି ମୋତେ ଆଉ ଭଲ ଲାଗୁ ନାହିଁ । ଲୋକେ ବଡ଼ବଡ଼ଙ୍କ କଥା ଶୁଣୁ ନାହାନ୍ତି । ତୁ ତ ଜାଣୁ ମୁଁ ପାହାନ୍ତାରୁ ଆନିକଟ ଆଡ଼େ ବୁଲିଯାଏ । ଏବେ ସେଠାରେ ଏପରି ଗନ୍ଧ ହେଉଛି ଯେ ନାକ ଫାଟି ପଡ଼ୁଛି ।''



ବଡ଼ଲୋକମାନେ ରାସ୍ତା କଡ଼ରେ ମଳତ୍ୟାଗ କରୁଛନ୍ତି । ସେଦିନ ଜଣକୁ ବାରଣ କରିବାରୁ ସେ କହୁଛି ଯେ ତାହା ସର୍ବସାଧାରଣ ଜମି । ଆରେ ବାବୁ, ସର୍ବସାଧାରଣଙ୍କ ଜମି ସ·ାସ୍ତଙ୍କର । ସେଠି ଆମେ ମଳମୂତ୍ର ତ୍ୟାଗ କରି ଦୂଷିତ କଲେ ସମସ୍ତଙ୍କର କ୍ଷତି ହେବ । ରୋଗ ମାଡ଼ିଯିବ । ସ୍ୱାସ୍ଥ୍ୟ ହାନି ଘଟିବ ।

ରାସ୍ତାରେ କଣ୍ଟାଟିଏ ପଡ଼ିଥିଲେ ଲୋକେ ଆଗେ ତାକୁ ଦୂରକୁ ଫିଙ୍ଗି ଧର୍ମ କରୁଥିଲେ । ବାଟୋଇକୁ ଛାଇ ହେବ ବୋଲି ରାସ୍ତା କଡ଼ରେ ଗଛ ଲଗାଉଥିଲେ । କୁଆଡ଼େ ଗଲା ସେ ଯୁଗ !

ବୁଲ୍‌ବୁଲ୍ ହସିପକାଇ କହିଲା– "ଅଜା, ତମେ ଏଇଥିପାଇଁ ବ୍ୟସ୍ତ ? କେତେ କଥା ତ ଘଟିଯାଉଛି, ଏ ଛୋଟ କଥାକୁ ଏମିତି ଧରିବସିଲେ ଚଳିବ ? ଆମ ଘର ଆଗରେ ଯେଉଁ ନଳା ଯାଇଛି ସେଥିରେ ଲୋକେ ସବୁ ମଇଳା ଜମା କରୁଛନ୍ତି । ନଳାଟା ରୁନ୍ଧି ହୋଇଗଲାଣି । କାଠି, କୁଟା, କାଗଜ, ଠୁଙ୍ଗା, ଏପରିକି ପଇଡ଼ ଓ ଡବା ବି ପକାଉଛନ୍ତି । କି 'ପଚାଗନ୍ଧ' ! ମଶା ମାଛି ଭଣଭଣ ହେଉଛନ୍ତି । ଛୋଟ ପିଲାଙ୍କର ତ ତାହା ଧରାବନ୍ଧା ପାଇଖାନା । ନଗରପାଳିକା ମଧ ତାକୁ ସଫା କରି ସେଇ ରାସ୍ତାରେ ୪।୫ ଦିନ ଜମେଇ ରଖୁଛି । ତାହା ସବୁ ପୁଣି ଯାଇ ସେଇ ନଳାରେ ପଶୁଛି । ଏକଥା କ'ଣ କାହାକୁ ଦେଖାଯାଉ ନାହିଁ ? ତମେ ଅଜା ଏକା ଏ ସବୁରେ ମୁଣ୍ଡ ପୂରେଇଲେ କିପରି ଚଳିବ ? ସମସ୍ତେ ଭାବିଲେ ହେବ ନା ?"

ଅଜା– ହଁରେ ବୁଲ୍‌ବୁଲ୍ ତୁ ଯାହା କହୁଛୁ ସତ । ସମସ୍ତେ ପୁଣି କିପରି ଭାବିବେ ? ଜଣକଠାରୁ ତ ଆରମ୍ଭ ହେବ । ସଭା ଡାକି ସମସ୍ତଙ୍କୁ ବୁଝେଇଲେ କ'ଣ ବା କରି ହୁଅନ୍ତା । ଆଜି ରବିବାର ଏକ ସଭା ଡକା ହୋଇଥିଲା । ସେଠି ଦି'ଜଣ ବକ୍ତା ପରିବେଶ ଉପରେ ଖୁବ୍ ଭଲ ଆଲୋଚନା କଲେ ।

ଜଣେ ଗଛ ଲଗାଇବା ଉପରେ ବହୁତ କହିଲେ । ଗଛ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଭାଗ କମାଇବ । କାରଣ ଗଛର ପତ୍ର ଅଙ୍ଗାରକାମ୍ଳ ଗ୍ୟାସ୍‌କୁ ନେଇ ତାହାର ଖାଦ୍ୟ ତିଆରି କରେ । ଏ ଗ୍ୟାସ୍ ବଢ଼ିଲେ ଆମର ଅନେକ ଅସୁବିଧା ହେବ । ମାଟି ସହଜରେ ଥଣ୍ଡା ହେବ ନାହିଁ, ପାଣିପାଗ ବଦଳି ଯିବ । ଗଛ ବର୍ଷା କରାଇବ, ଗଛର ଚେର ମାଟିକୁ ଧରି ରଖିବ, ମାଟି ସହଜରେ ଧୋଇ ହେବନି । ତା'ଛଡ଼ା ଗଛର ଫୁଲ, ଫଳ, ପତ୍ର ଓ କାଠ ଆମର ଖୁବ୍ ଦରକାରୀ । ଏମିତି ଅନେକ କଥା ସେ କହିଲେ ।

ବୁଲ୍‌ବୁଲ୍– ହଁ ଅଜା, ତମେ ତ ଆମ ବଗିଚାରେ ଗଛ ଲଗାଇଛ । ତମେ ସେଦିନ କହୁଥିଲ ନା ସମସ୍ତେ ନିଜ ବଗିଚାରେ ନିହାତି କମ୍‌ରେ ପାଞ୍ଚପ୍ରକାର ଗଛ ଲଗାଇବା ଦରକାର । କ'ଣ କ'ଣ ସେ ଗଛ ତ ? ହଁ, ମନେ ପଡ଼ିଲା– ପିଜୁଳି, କାଗିଜି, ଅମୃତଭଣ୍ଡା, କଦଳୀ ଓ ସଜନା । ତା'ଛଡ଼ା ତ ତମେ କୋଠା



ଉପରେ କୁଣ୍ଡରେ ବାଇଗଣ, ବିଲାତି ବାଇଗଣ ଓ ଲଙ୍କାମରିଚ ଲଗାଇଛ । ତମେ ସେ ସଭାକୁ ଆଉ କ'ଣ ଅଧିକା ଶିଖିବାକୁ ଯାଇଥିଲ ?

ଅଜା – ସତ କହିଛୁ ବୁଲ୍‌ବୁଲ୍, ଯେଉଁମାନେ କିଛି ଜାଣୁ ନାହାନ୍ତି ବା କିଛି କରୁ ନାହାନ୍ତି, ସେମାନଙ୍କୁ ସଭାକୁ ଡାକି ଏସବୁ ବୁଝେଇବା ଦରକାର । ସେମାନେ କିପରି ଗଛ ହାଣିବେ ନାହିଁ, ଜଙ୍ଗଲ ନଷ୍ଟ କରିବେ ନାହିଁ ତାହା ବୁଝିବା ଉଚିତ । ଖାଲି ତ ସେତିକି ବୁଝେଇଦେଲେ ହେବନି, ସେମାନେ କିପରି ନୂଆ ଜାଳେଣି ଜଙ୍ଗଲ ଲଗାଇ ତାଙ୍କ କାମ ଚଲେଇବେ ତାହା ମଧ୍ୟ ଜାଣିବା ଦରକାର । ସ୍କୁଲ, କଲେଜ ପିଲାଙ୍କୁ ମଧ୍ୟ ଏସବୁ ବୁଝେଇଲେ ସେମାନେ ବଡ଼ ହେଲାବେଳକୁ ହୁସିଆର ହେବେ ।

ଏସବୁ ହେଉଛି ଯେ ବେଳେବେଳେ କେବଳ ଜାଣିଥିବା ଲୋକଙ୍କୁ ନେଇ ବାରମ୍ବାର ସଭା କରାହେଉଛି । ଏଥିରୁ କି ଲାଭ ମିଳିବ ? ଖାଲି ସଭା କରିବା ସାର ହେବ ।

ସେତିକିବେଳେ ବୁଲ୍‌ବୁଲ୍ ପଚାରିଲା– ଅଜା ଆଉ ଜଣେ ବକ୍ତା କ'ଣ କହିଲେ ସେ ବିଷୟରେ କିଛି କହିଲ ନାହିଁ ତ ?

ଅଜା କହିଲେ– କ'ଣ ବା ସେ କହିବେ ? ଠିକ୍ ସେହି ପୁରୁଣା କଥା । ଜନସଂଖ୍ୟା କମାଅ । ତା' ନ କଲେ ଯେତେ ଗଛ ଲଗାଇଲେ କ'ଣ ହେବ ସବୁ ଜାଳେଣିକୁ ନିଅଣ୍ଟ । ଗୋଟିଏ ମଣିଷ ପରିବେଶକୁ କିଛି ଦିଏ ନାହିଁ, ତା' ଚଳିବା ପାଇଁ ପରିବେଶରୁ ବରଂ ସବୁ ନେଇଥାଏ । ଗଛ କାଟି ଜଙ୍ଗଲ ସଫା କରେ । ଘର କରିବା ପାଇଁ ତା'ର କାଠ, ବାଉଁଶ ଓ ଛଣ ବା ପତ୍ର ଦରକାର । ରାନ୍ଧିବା ପାଇଁ ଜାଳେଣି ଲୋଡ଼ା । ତା' ପାଇଁ ଜଳ ଓ ବାୟୁ ଦୂଷିତ ହୁଏ, ମାଟି ବିଷାକ୍ତ ହୁଏ, ତାହା ସବୁଦିନେ ଉର୍ବର ହୋଇ ରହେ ନାହିଁ । ଜନସଂଖ୍ୟା ଯେତିକି ବଢ଼ିବ ପରିବେଶ ସେତିକି ନଷ୍ଟ ଓ ଦୂଷିତ ହେବ ।

ତେଣୁ ଲୋକେ ଆଜି ଚିତ୍କାର କରୁଛନ୍ତି, "ଆମର ଦରକାର ଗଛ, ମଣିଷ ନୁହେଁ ।" ଏସବୁ ପୁରୁଣା କଥା ହେଲେ ବି ପରିବେଶ ସୁରକ୍ଷା ପାଇଁ ଅସଲ କଥା ।

ବୁଲ୍‌ବୁଲ୍– ତାହା ହେଲେ ଅଜା, ତମର ଭାଳେଣି କ'ଣ ପାଇଁ ?

ଅଜା ହାତରେ ମୁଣ୍ଡ କୁଣ୍ଡାଇ କୁଣ୍ଡାଇ କହିଲେ– ଲୋକେ ପରିବେଶ ସଭାରେ ଯୋଗଦେଇ ଧରିନେଲେଣି ଗଛ ଲଗାଇଦେଲେ ପରିବେଶ ବଞ୍ଚିଗଲା । ପରିଷ୍କାର ପରିଚ୍ଛନ୍ନତା କଥା ପୂରାପୂରି ଭୁଲିଗଲେଣି । ନାଳନର୍ଦ୍ଦମା ସଫା ରଖିବା, ଏଣେତେଣେ ଛେପ ଖଙ୍କାର ନ ପକାଇବା, ନଈନାଳ ପାଣିକୁ ଦୂଷିତ ନ କରିବା ମଧ୍ୟ ପରିବେଶ ସୁରକ୍ଷା ପାଇଁ ନିହାତି ଦରକାର । ଏକଥା ଶୁଣିବାକୁ ବା କାର୍ଯ୍ୟରେ କରି ଦେଖାଇବାକୁ କେହି ପ୍ରସ୍ତୁତ ନୁହେଁ ।

କହିଲେ କହୁଛନ୍ତି ବୁଢ଼ାଙ୍କ କଥା ଅନୁସାରେ କିଏ ଏତେ ଜଗିରଖି ଚଳିବ ହୋ ?

ବୁଲ୍‌ବୁଲ୍ କହିପକାଇଲା– ତା'ହେଲେ ଏଇଥିପାଇଁ ତମର ଭାଳେଣି !

ପୃଥିବୀ ଛାତରେ ଛିଦ୍ର

ଧନି ମଉସା ଘର ଧାନମଣ୍ଡଳ ଗାଁରେ । ତା' ଭଲ ନାଁ ଧନେଶ୍ୱର । କିନ୍ତୁ କେବେ ସିଏ ଧନୀ ହୋଇନି କି ଧନର ଈଶ୍ୱର ହୋଇନି । ନିତି ଖଟି ଯାହା ମଜୁରି ପାଏ ତାହା ହିଁ ତା'ର ଧନ; ଆସେ ଓ ଯାଏ । ଆଜି ଯାହା ଆସେ ତାହା କାଲିକି ନ ଥାଏ ।

ହେଲେ ବି ଏଥିପାଇଁ ଧନି ମଉସାର ଚିନ୍ତା ନ ଥାଏ । ବରଂ ଅନ୍ୟମାନଙ୍କ ଠାରୁ ସେ ଖୁସି ଥାଏ । କାରଣ ସେ ଘର ଛାଇ ଜାଣେ । ଖରାଦିନ ଆସିଲେ ସେ ଆଉ ଦି'ତିନିଜଣଙ୍କୁ ସାଙ୍ଗ କରି ଘର ଛପର କରିବାକୁ ବାହାରି ପଡ଼େ । ସେତେବେଳେ ବେଶ୍ ଦି' ପଇସା ହୁଏ, ସେଥିରୁ ସେ ନିଅଣ୍ଟିଆ ଦିନ ପାଇଁ କିଛି ସାଇତି ରଖେ ।

ଦିନେ କ'ଣ ହେଲା କି ତାଙ୍କ ଗାଁରେ ସଞ୍ଜବେଳକୁ ଗୋଟିଏ ବଡ଼ ସଭା ହେଲା । ପାଖଆଖ ଗାଁରୁ ବି ବହୁତ ଲୋକ ଆସିଲେ । ମାଇକ୍ ଖଞ୍ଜା ହେଲା, ୪।୫ ଜଣ ବାବୁ ଭାଷଣ ଦେଲେ । ସମସ୍ତେ ଖାଲି ପରିବେଶ କଥା କହୁଥାନ୍ତି । ସମସ୍ତଙ୍କ ମୁହଁରେ ସେଇ ଏକା କଥା ପରିବେଶ ଉଜୁଡ଼ି ଯାଉଛି, ଧ୍ୱଂସ ହେଉଛି, ତାକୁ ରକ୍ଷାକର, ତାକୁ ରକ୍ଷା ନ କଲେ ଜନ୍ତୁଜୁନ୍ତା ମରିଯିବେ, ବର୍ଷା ହେବନି, ମାଟି ଧୋଇ ହୋଇଯିବ, ବଢ଼ିହେବ, ମରୁଡ଼ି ହେବ ଏମିତି କେତେ କଥା ।

ତାଙ୍କ ଭିତରୁ ଜଣେ ଚଣ୍ଡୀଖୋଲ ଜଙ୍ଗଲ କଥା କହିଲେ । ଆଗ ଜଙ୍ଗଲ ନାହିଁ, ଆଗେ ଚଣ୍ଡୀଖୋଲକୁ ବାଘ ଆସୁଥିଲେ, ବଣବୁଦା କାଟି ସଫା କରିଦେଲେ, ଦେଖ କିପରି ପାହାଡ଼ରୁ ମାଟି ଧୋଇ ହୋଇ ଗଲାଣି ।

ଏସବୁ ଶୁଣି ଧନି ମଉସାକୁ ବଡ଼ ଅଡୁଆ ଲାଗିଲା । ସେ ଭାବୁଥାଏ ଗରିବଗୁରୁବା ଆଉ କ'ଣ କରିଥାନ୍ତେ ? ଚୁଲି ଜାଳିଥାନ୍ତେ କିପରି ? ଜଙ୍ଗଲର ତାଳପତ୍ର ନ ଆଣିଲେ ଚଳିବେ କିପରି ? ତାଙ୍କର କ'ଣ ଜମି ଅଛି ଯେ ସେଥିରେ ଗଛ ଲଗାଇବେ ? ସେ ଗଛ ତ ଉଠି ସଙ୍ଗେ ସଙ୍ଗେ ତାଙ୍କୁ ଜାଳ

ଦେବନି । ତାଙ୍କ ବାପଅଜା ସମସ୍ତେ ଜଙ୍ଗଲକୁ ଯାଉଥିଲେ ଜାଳ ପାଇଁ । ସେମାନେ ବି ଯିବେ ।

କିନ୍ତୁ ଏହା ସତକଥା ନୂଆ ଜଙ୍ଗଲ ନ ଉଠେଇଲେ ଜଙ୍ଗଲରୁ ଗଛ ସରିଯିବ । ଗଛ ଲଗେଇ ତାକୁ ବଢ଼େଇବାକୁ ହେବ । ଯେଉଁମାନେ ପାରିବେ କାଠ ଜାଳେଣି ନ କରି ଅନ୍ୟ କିଛି ଜାଳନ୍ତୁ । ଏହାର ଗୋଟିଏ କିଛି ଠିକଣା ହେବା ଦରକାର ।

ଯା ଭିତରେ ଜଣେ ବାବୁ କହିଲେ, ‘‘ପୃଥିବୀ ଛାତ ଫୁଟି ଗଲାଣି, ପୃଥିବୀର ଗଛଲତା, ଜୀବଜନ୍ତୁ ଓ ମନୁଷ୍ୟଙ୍କ ଉପରକୁ ବିପଦ ଓ ରୋଗ ମାଡ଼ି ଆସୁଛି । ତା’ ପାଇଁ ପ୍ରତିକାର କରିବାକୁ ହେବ ।’’

ଏହା ଶୁଣି ଧନି ମଉସାକୁ ଡ଼ର ମାଡ଼ିଲା । ପ୍ରକୃତରେ ତା’ର ରୋଗକୁ ଭାରି ଡର । ରୋଗ ହେଲେ ଗରିବ ଲୋକେ କରିବେ କ’ଣ ? ଚିକିତ୍ସା କରିବାକୁ ପଇସା ଲୋଡ଼ା । ସତରେ ବଡ଼ ବିପଦ ମାଡ଼ି ଆସୁଛି ।

ସେ ଭାବିଲା ତାକୁ ଯଦି କିଏ ପୃଥିବୀ ଛାତ ପାଖକୁ ନେଇ ଯାଆନ୍ତା ସେ ନିଶ୍ଚୟ ଛାତ ମରାମତି କରିଦିଅନ୍ତା । କିନ୍ତୁ ନେବ କିଏ ? ତାହା କେତେ ଉଚ୍ଚ ? କେଉଁ ଯାନରେ ଯାଇହେବ ? ଏମିତି ଭାବି ଭାବି ସେ ଘରକୁ ଫେରିଲା । ରାତିରେ କ’ଣ ଗଣ୍ଡେ ଖାଇ ମାଉସୀକୁ କହିଲା, ‘‘ଦେ, ଆଉ କେତେ ଦିନ, ପୃଥିବୀ ଛାତ ତ ଫୁଟିଲାଣି । ଆମ ଦିନକାଳ ସରି ଆସିଲା ।’’

ମାଉସୀ କହିଲା, ‘‘ଘର ଛାଇ ଛାଇ ଖରାରେ ତମ ମୁଣ୍ଡ ବିଗିଡ଼ି ଗଲାଣି, ସବୁବେଳେ ଖାଲି ଛାତ ଚିନ୍ତା ।’’

ପରଦିନ ସକାଳୁ ଉଠି ମଉସା ତା’ ସାଙ୍ଗ ରତନା, ଭୀମା ଓ ଦାମାକୁ ଡାକି ସେଇକଥା କହିଲା । ପୃଥିବୀ ଛାତ ତ ଫୁଟି ଗଲାଣି । ଏବେ କେମିତି ସେଠିକି ଯାଇ ଛପର କରିବା ଚିନ୍ତା କର । ସେମାନେ ପୃଥିବୀ ଛାତ କ’ଣ କିଛି ବୁଝି ପାରିଲେନି । ସେମାନେ ଠିକ୍ କଲେ ସଞ୍ଜବେଳକୁ ଗୋକୁଳି ପାଖକୁ ଯିବେ ।

ଗୋକୁଳି କଲେଜରେ ପଢ଼େ । ପାଠପଢ଼ା କଥା ଗାଁ ଲୋକଙ୍କୁ ସେ ବଡ଼ ସହଜିଆ ଢଙ୍ଗରେ ବୁଝାଏ । ଚନ୍ଦ୍ରକୁ କିପରି ମଣିଷ ଗଲା ଗୋକୁଳି ତାଙ୍କୁ ବୁଝେଇ ଦେଇଥିଲା । ମଣିଷ ଯଦି ଚନ୍ଦ୍ରକୁ ଗଲାଣି ପୃଥିବୀ ଛାତ କାହିଁକି ଛପର ନ କରିବ ? ବୋଧହୁଏ ଅଳସୁଆମି ପାଇଁ କାମ ବାକି ପଡ଼ିଛି ।

ପରଦିନ ସହଳ ସହଳ ସେମାନେ କାମଧନ୍ଦା ସାରିଦେଲେ ଓ ସଞ୍ଜ ନ ହେଉଣୁ ଗୋକୁଳି ପାଖରେ ପହଞ୍ଚିଲେ । ଗୋକୁଳି ଖେଳି ବାହାରିଥିଲା; ଏମାନଙ୍କୁ ଦେଖି ଅଟକିଗଲା । ଧନି ମଉସା ଆଗତୁରା କହିପକାଇଲା, "ହଇରେ ପୁଅ, ପୃଥିବୀ ଛାତ କ'ଣ ସତରେ ଫୁଟି ଯାଇଛି ? ଆମେ କ'ଣ ସେଠିକି ଯାଇ ମରାମତି କରିପାରିବା ନାହିଁ ?"

ଏକଥା ଶୁଣି ଗୋକୁଳି ଠୋ ଠୋ ହସିଲା । କହିଲା, "ମଉସା, ତମେ ସେଦିନ ସଭାରୁ ଶୁଣି ଏପରି ଛାନିଆ ହୋଇଛ, ନା ? ହଁ ହେବା କଥା । ପ୍ରକୃତରେ ଛାତ ଫୁଟି ଯାଇଛି । କିନ୍ତୁ ଏ ତମ ଘର ଛା' କଥା ନୁହେଁ ଯେ ତମେ ଗଲେ ନୂଆ ଛା'ଣି କରିବ । କେବଳ ବୈଜ୍ଞାନିକମାନେ ତା'ର ପ୍ରତିକାର କରିବେ । କ'ଣ କରିବାକୁ ହେବ ସେମାନେ ଏବେ ଠାରୁ ଲାଗି ପଡ଼ିଲେଣି ।"

ରତନା କହିଲା, "ପୁଅ, ତୁ ସେ ଛାତ କ'ଣ ମୋତେ ଆଗ ବୁଝେଇ ଦେଲୁ ।"

ଗୋକୁଳି ଆରମ୍ଭ କଲା, "ହଁ, ମଉସା, ଆଗ ଛାତ କ'ଣ ଶୁଣ, ପରେ ସେ କିପରି ଫୁଟିଲା ଜାଣିବ । ତମେ ଜାଣ, ଏ ପୃଥିବୀରେ ବାୟୁ ରହିଛି, ତା' ପାଇଁ ଆମେ ବଞ୍ଚିଛେ, କିଛି ନ ଖାଇ ନ ପିଇ ଆମେ କେତେ ସମୟ ବଞ୍ଚିବା, କିନ୍ତୁ ବାୟୁ ନ ଥିଲେ ଅଣନିଃଶ୍ୱାସୀ ହୋଇ ମରିଯାନ୍ତେ ।

ପୃଥିବୀଠାରୁ ଉପରକୁ ଉପରକୁ ଏହି ବାୟୁ ପ୍ରାୟ ୩୦୦ କିଲୋମିଟର ଉଚ୍ଚକୁ ଲମ୍ବିଛି । କିନ୍ତୁ ଆମ ଏଠି ଯେପରି ବାୟୁ ଅଛି ଉପରେ ଠିକ୍ ସେମିତି ନାହିଁ । ଆସ୍ତେ ଆସ୍ତେ ପତଳା ହୋଇଯାଇଛି । ମେଘ ଉଠାଏ, ଝଡ଼ତୋଫାନ ହୁଏ, ଏସବୁ ଏଇ ୧୦।୧୫ କିଲୋମିଟର ଉଚ୍ଚତା ଭିତରେ । ତେଣିକି ପ୍ରାୟ ୩୫ କିଲୋମିଟର ଭିତରେ ବାୟୁ ଅଲଗା ପ୍ରକାରର । ଆମ ବାୟୁରେ ଥାଏ ଅମ୍ଳଜାନ ଓ ଯବକ୍ଷାରଜାନ । ଏଠି କିନ୍ତୁ ଅଛି ଓଜୋନ ବୋଲି ଗୋଟିଏ ପ୍ରକାର ଗ୍ୟାସ ।

ଏ ପ୍ରାୟ ୨୦ କିଲୋମିଟର ବହଳରେ ସାରା ପୃଥିବୀକୁ ଛାତ ପରି ଘେରି ରହିଛି । ସୂର୍ଯ୍ୟକିରଣରେ ଆସୁଥିବା କ୍ଷତିକାରକ ରଶ୍ମି (ଅତି ବାଇଗଣି)କୁ ଏ ଗ୍ୟାସ ବହୁ ପରିମାଣରେ ଅଟକାଇ ଦିଏ । ଏ ଯଦି ପୂରାମାତ୍ରାରେ ଆସନ୍ତା ଆମ ଚମ ଓ ଆଖିରେ କେତେ ପ୍ରକାର ରୋଗ କରାନ୍ତା ।

ଆମ କଳକାରଖାନା ଓ ଶୀତଳ ଭଣ୍ଡାରରୁ ଏକପ୍ରକାର ଗ୍ୟାସ ଉଠି ଓଜୋନକୁ ନଷ୍ଟ କରୁଛି । ଓଜୋନ ସ୍ତରରେ ଛିଦ୍ର ହୋଇଗଲାଣି । ଏହାକୁ କହୁଛନ୍ତି ପୃଥିବୀ ଛାତରେ ଛିଦ୍ର । ଏଭଳି ଗ୍ୟାସ ଅଧିକ ନ ଗଲେ ଛିଦ୍ର ଆପେ ବନ୍ଦ ହୋଇଯିବ ।''



ଧନି ମଉସା କହିଲା, ''ତାହାହେଲେ ଏଭଳି କଥା ! ଉଠରେ ରତନା ଉଠ । ଏସବୁ ବଡ଼ବଡ଼ିଆଙ୍କ କଥା । ସେମାନେ କରିଛନ୍ତି, ସେମାନେ ବୁଝିବେ ।

ଗୁରୁବାରେ ପୁଣି ଅଣ୍ଡାଖିଆ

ମଳୟବାବୁ ସକାଳୁ କୁଆଡ଼େ ବାହାରକୁ ଯାଇଥିଲେ । ଘରକୁ ଫେରିଲାବେଳକୁ ଆଠଟା ବାଜିଲାଣି । ଦଶଟାବେଳକୁ ପୁଣି କଲେଜ ଯିବେ । ତରତର ହୋଇ ଘରକୁ ପଶିଲା ବେଳକୁ 'ମାଳା' ପାଟି କରୁଛନ୍ତି, ''ଗୁରୁବାରେ ପୁଣି ଅଣ୍ଡାଖିଆ'' ?

''କଅଣ ହୋଇଛି ?'' ପଚାରିଲା ବେଳକୁ 'ମାଳା' ଗୋଟି ଗୋଟି କରି ସବୁ କହିବସିଲେ । ''ଦେଖୁଛ, ଆଜି ଗୁରୁବାର, ଲକ୍ଷ୍ମୀଠାକୁରାଣୀଙ୍କ ପୂଜା ହେବ । କାଲି ରାତିରେ କୁକୁଡ଼ା ମାଂସ ରାନ୍ଧି ଖାଇସାରିଲାବେଳକୁ ୧୧ଟା ବାଜିଲା । ସବୁ ଧୁଆଧୋଇ କରି ଶୋଉ ଶୋଉ ରାତି ୧୨ ହେଲା । ତଥାପି ଆଜି ଭୋରୁ ମୁଁ ଉଠିଛି । ଗାଧୋଇ ସାରିଲିଣି, ଘର ଲିପାପୋଛା କରି ଚିତା ପକାଇଲି, ଏବେ ଫୁଲ ଆଣି ପୂଜା କରିବାକୁ ବାହାରିଛି ବାପି ଉଠି କି ନବରଙ୍ଗ ହେଉଛି ଦେଖ ।

ଘର କୋଣରେ ତଳେ ବସି 'ବାପି' ନାକ ସୁଁ ସୁଁ କରୁଛି । ବାପାଙ୍କୁ ଦେଖି ଜୋର୍‌ରେ କାନ୍ଦିଉଠିଲା । କହିଲା, ''ବାପା, ମୁଁ ଅଣ୍ଡା ଆମଲେଟ୍ ଖାଇବି । ମାଆ କହୁଛନ୍ତି ଆଜି ଗୁରୁବାର । ଡାକ୍ତରବାବୁ ପରା କହିଥିଲେ ମୋର ସବୁଦିନେ ଗୋଟିଏ ଗୋଟିଏ ଅଣ୍ଡା ଖାଇବା କଥା । ମା' କ'ଣ ଆମଲେଟ୍ ଦେଇସାରି ତାଙ୍କ ଲକ୍ଷ୍ମୀପୂଜା କଲେ ହୁଅନ୍ତା ନାହିଁ ।

ମଳୟବାବୁ ବଡ଼ ଅଡୁଆରେ ପଡ଼ିଗଲେ । ସେ ବିଜ୍ଞାନ ପଢ଼ାନ୍ତି, ଦେଶବିଦେଶ ବୁଲିଛନ୍ତି । ଅଣ୍ଡା ଏକ ପୁଷ୍ଟିକର ଖାଦ୍ୟ । ଯାହା ଦେହରେ ଚଳିବ ସେ ଖାଇବ । ଛୋଟ ଛୋଟ ପିଲା ଅଣ୍ଡା ଖାଇବା ଉଚିତ । ପିଲାଙ୍କର ବଢ଼ିଲା ବେଳ, ଦୃଷ୍ଟିଶକ୍ତି ଭଲ ରହିବ, ଅଣ୍ଡାରେ ବି କିଛି ମିଶାମିଶି ହୋଇପାରିବନି । ପୁଅ ଠିକ୍ କହୁଛି, ଲକ୍ଷ୍ମୀପୂଜା ଯେଉଁଦିନ ବି କରିହେବ, ସୁବିଧାପାଇଁ ଆଗରୁ ଗୋଟିଏ ବାର ଠିକ୍ ହୋଇଛି । ଅଣ୍ଡା ଦେଇସାରି ପୂଜା କଲେ ବି ଚଳନ୍ତା ।

ହେଲେ ବି ଏସବୁ କଥା 'ମାଳା' କ'ଣ ଶୁଣିବେ ? ବାପି ତ ବାପାମା'ଙ୍କର ଗେହ୍ଲା ପୁଅ । ଯେଉଁ ଜିଦ୍ ଧରିଥିବ ସେୟା । ସେ କ'ଣ ସହଜରେ ଭୁଲିବ ?

ପୁଅ ପିଠି ଆଉଁଶୁ ଆଉଁଶୁ ମଳୟବାବୁ ଭାବି ହେଉଥିଲେ, କ'ଣ କରିବେ ? କିପରି ଉଭୟଙ୍କୁ ବୁଝାଇବେ ?

ଏତିକିବେଳେ 'ମାଳା ମାଳା' ଡାକି ପହଞ୍ଚିଗଲେ ବିଷ୍ଣୁବାବୁ, ମାଳାଙ୍କ ସ୍କୁଲ ସାର୍ । ମାଳାଙ୍କୁ ସେ ବିଜ୍ଞାନ ପଢ଼ାଉଥିଲେ । ମାଳା ତାଙ୍କୁ ଭାରି ମାନନ୍ତି । ତାଙ୍କୁ ଦେଖୁ ଦେଖୁ ତାଙ୍କ ପାଦଧୂଳି ଆଣି ମୁଣ୍ଡରେ ମାରିଲେ । ଏହି ସୁଯୋଗରେ ମଳୟବାବୁ ତାଙ୍କୁ ନମସ୍କାର ଜଣାଇ କହିଲେ, ''ସାର୍, ଟିକେ ଏମାନଙ୍କ କଥା ବୁଝନ୍ତୁ । ସେ ତରବରରେ ଗାଧୋଇବାକୁ ଚାଲିଗଲେ ।



ବିଷ୍ଣୁବାବୁ କହିଲେ, ''କ'ଣ ହୋଇଛି କି ମା' ? ମାଳା ନରମ କଣ୍ଠରେ ବ୍ୟସ୍ତ ହୋଇ ଆରମ୍ଭ କଲେ, ''ସାର୍, କଅଣ କହିବି ଆପଣଙ୍କୁ ? ମୋ ପୁଅ ବାପି ବଡ଼ ଦୁଷ୍ଟ ହୋଇପଡ଼ିଲାଣି । ଆଜି ଏକା ଜିଦ୍ ଅଣ୍ଡା ଖାଇବ । ଯେ ବି ପୁଅକୁ ଟିକେ ଆକଟ କରୁନାହାନ୍ତି । ଗୁରୁବାରେ ଅଣ୍ଡା ରାନ୍ଧିଲେ ମୁଁ ଆଉ ଲକ୍ଷ୍ମୀପୂଜା କରିବି କ'ଣ ?''

ବିଷ୍ଣୁବାବୁ ହସିଲେ । ପିଣ୍ଡାରେ ପଡ଼ିଥିବା ଚୌକିରେ ବସୁ ବସୁ କହିଲେ, ''ଓହୋ, ମୁଁ ତ କେତେ କଅଣ ଭାବି ପକାଇଥିଲି । ଏ ସାମାନ୍ୟ କଥା ପାଇଁ ଏତେ ହୋହଲ୍ଲା । ମାଳା, ମନେଥିବ ସ୍କୁଲରେ ମୁଁ ବିଜ୍ଞାନ ପଢ଼ାଇଲା ବେଳେ ଏ ବାରଗୁଡ଼ିକର ନାଁ କିପରି ଦିଆହେଲା କହିଥିଲି । ପରେ ତୁ କଲେଜରେ ଏତେ ପାଠ ପଢ଼ିଲୁ, ଏ ବିଷୟରେ କିଛି ଚିନ୍ତା କଲୁନୁ ? ଆମେ କ'ଣ ଖାଲି ପାସ୍ କରିବାକୁ ବିଜ୍ଞାନ ପଢୁଛେ ? ଜୀବନରେ ବିଜ୍ଞାନ ଆମକୁ ବୁଝିବିଚାରି କାମ କରାଇବ ଓ ଠିକ୍ ବାଟରେ ନେବ । ଏ କଥା ଭୁଲିଲେ ହେବ କିପରି ?

ମାଳା– ସାର୍, ମୁଁ କ'ଣ ବିଜ୍ଞାନର ନିନ୍ଦା କରୁଛି ?

ବିଷ୍ଣୁବାବୁ– କିଏ କହିଲା ସେ କଥା ? ପାଠ ପଢ଼ିବ ଗୋଟିଏ କଥା, କାମରେ କରିବ ଅନ୍ୟ କଥା ।

ମଣିଷ ପୃଥିବୀକୁ ଆସିବାର ବହୁ ବର୍ଷପରେ ଦିନଗୁଡ଼ିକୁ ନାଁ ଦେବା କଥା ଉଠିଲା । ତା' ନ ହେଲେ କିଏ କେଉଁଠି କିପରି ଭେଟ ହେବେ ଜାଣି ହେବ ନାହିଁ । ଲୋକ ବ୍ୟବସାୟ, ବାଣିଜ୍ୟ କିପରି କରିବେ ? ମେଳା, ମଉଚ୍ଛବ ଓ ଯାତ୍ରାରେ ଏକାଠି ହେବ କିପରି ?

ସେମାନେ ବର୍ଷ, ମାସ ଓ ସପ୍ତାହ ଠିକଣା କଲେ। ୭ ଦିନକୁ ସପ୍ତାହ କୁହାଗଲା। ଠାକୁର, ଠାକୁରାଣୀ, ସୂର୍ଯ୍ୟ, ଚନ୍ଦ୍ର ଓ ଗ୍ରହ ନାଁରେ ବାର ନାଁ ହେଲା।

ମିଶର ଦେଶ ଲୋକେ ସୂର୍ଯ୍ୟ, ଚନ୍ଦ୍ର ଓ ୫ଟି ଗ୍ରହ ନାଁରେ ସପ୍ତାହକୁ ରବିବାର (ସୂର୍ଯ୍ୟ), ସୋମବାର (ଚନ୍ଦ୍ର), ମଙ୍ଗଳବାର (ମଙ୍ଗଳ), ବୁଧବାର (ବୁଧ), ଗୁରୁବାର (ବୃହସ୍ପତି), ଶକ୍ରବାର (ଶୁକ୍ର) ଓ ଶନିବାର (ଶନି) ବୋଲି ନାଁ ଦେଲେ । ରୋମ୍‌ରେ ଲୋକେ ତାକୁ ମାନିଲେ । ଏବେ ପୃଥିବୀ ସାରା ସେଇ ନାଁ ଚଳୁଛି ।

ପ୍ରକୃତରେ ଏଇ ବାର ସହ ସୂର୍ଯ୍ୟ, ଚନ୍ଦ୍ର ବା ଗ୍ରହର କିଛି ସମ୍ପର୍କ ନାହିଁ । ମନେକର, ଆମେ ପୃଥିବୀରେ ବାର ନାଁ ଭୁଲିଯିବା । ଆକାଶରେ ସୂର୍ଯ୍ୟ, ଚନ୍ଦ୍ର

ପୁଅ ପିଠି ଆଉଁଶୁ ଆଉଁଶୁ ମଳୟବାବୁ ଭାବି ହେଉଥିଲେ, କ'ଣ କରିବେ ? କିପରି ଉଭୟଙ୍କୁ ବୁଝାଇବେ ?

ଏତିକିବେଳେ 'ମାଳା ମାଳା' ଡାକି ପହଞ୍ଚିଗଲେ ବିଷ୍ଣୁବାବୁ, ମାଳାଙ୍କ ସ୍କୁଲ ସାର୍ । ମାଳାଙ୍କୁ ସେ ବିଜ୍ଞାନ ପଢ଼ାଉଥିଲେ । ମାଳା ତାଙ୍କୁ ଭାରି ମାନନ୍ତି । ତାଙ୍କୁ ଦେଖୁ ଦେଖୁ ତାଙ୍କ ପାଦଧୂଳି ଆଣି ମୁଣ୍ଡରେ ମାରିଲେ । ଏହି ସୁଯୋଗରେ ମଳୟବାବୁ ତାଙ୍କୁ ନମସ୍କାର ଜଣାଇ କହିଲେ, ''ସାର୍, ଟିକେ ଏମାନଙ୍କ କଥା ବୁଝନ୍ତୁ । ସେ ତରବରରେ ଗାଧୋଇବାକୁ ଚାଲିଗଲେ ।



ବିଷ୍ଣୁବାବୁ କହିଲେ, "କ'ଣ ହୋଇଛି କି ମା' ? ମାଳା ନରମ କଣ୍ଠରେ ବ୍ୟସ୍ତ ହୋଇ ଆରମ୍ଭ କଲେ, "ସାର୍, କଅଣ କହିବି ଆପଣଙ୍କୁ ? ମୋ ପୁଅ ବାପି ବଡ଼ ଦୁଷ୍ଟ ହୋଇପଡ଼ିଲାଣି । ଆଜି ଏକା ଜିଦ୍ ଅଣ୍ଡା ଖାଇବ । ଯେ ବି ପୁଅକୁ ଟିକେ ଆକଟ କରୁନାହାନ୍ତି । ଗୁରୁବାରେ ଅଣ୍ଡା ରାନ୍ଧିଲେ ମୁଁ ଆଉ ଲକ୍ଷ୍ମୀପୂଜା କରିବି କ'ଣ ?"

ବିଷ୍ଣୁବାବୁ ହସିଲେ । ପିଣ୍ଡାରେ ପଡ଼ିଥିବା ଚୌକିରେ ବସୁ ବସୁ କହିଲେ, "ଓହୋ, ମୁଁ ତ କେତେ କଅଣ ଭାବି ପକାଇଥିଲି । ଏ ସାମାନ୍ୟ କଥା ପାଇଁ ଏତେ ହୋହଲ୍ଲା । ମାଳା, ମନେଥିବ ସ୍କୁଲରେ ମୁଁ ବିଜ୍ଞାନ ପଢ଼ାଇଲା ବେଳେ ଏ ବାରଗୁଡ଼ିକର ନାଁ କିପରି ଦିଆହେଲା କହିଥିଲି । ପରେ ତୁ କଲେଜରେ ଏତେ ପାଠ ପଢ଼ିଲୁ, ଏ ବିଷୟରେ କିଛି ଚିନ୍ତା କଲୁନୁ ? ଆମେ କ'ଣ ଖାଲି ପାସ୍ କରିବାକୁ ବିଜ୍ଞାନ ପଢୁଛେ ? ଜୀବନରେ ବିଜ୍ଞାନ ଆମକୁ ବୁଦ୍ଧିବିଚାରି କାମ କରାଇବ ଓ ଠିକ୍ ବାଟରେ ନେବ । ଏ କଥା ଭୁଲିଲେ ହେବ କିପରି ?

ମାଳା – ସାର୍, ମୁଁ କ'ଣ ବିଜ୍ଞାନର ନିନ୍ଦା କରୁଛି ?

ବିଷ୍ଣୁବାବୁ – କିଏ କହିଲା ସେ କଥା ? ପାଠ ପଢ଼ିବ ଗୋଟିଏ କଥା, କାମରେ କରିବ ଅନ୍ୟ କଥା ।

ମଣିଷ ପୃଥିବୀକୁ ଆସିବାର ବହୁ ବର୍ଷପରେ ଦିନଗୁଡ଼ିକୁ ନାଁ ଦେବା କଥା ଉଠିଲା । ତା' ନ ହେଲେ କିଏ କେଉଁଠି କିପରି ଭେଟ ହେବେ ଜାଣି ହେବ ନାହିଁ । ଲୋକ ବ୍ୟବସାୟ, ବାଣିଜ୍ୟ କିପରି କରିବେ ? ମେଳା, ମଉଚ୍ଛବ ଓ ଯାତ୍ରାରେ ଏକାଠି ହେବ କିପରି ?

ସେମାନେ ବର୍ଷ, ମାସ ଓ ସପ୍ତାହ ଠିକଣା କଲେ। ୭ ଦିନକୁ ସପ୍ତାହ କୁହାଗଲା। ଠାକୁର, ଠାକୁରାଣୀ, ସୂର୍ଯ୍ୟ, ଚନ୍ଦ୍ର ଓ ଗ୍ରହ ନାଁରେ ବାର ନାଁ ହେଲା।

ମିଶର ଦେଶ ଲୋକେ ସୂର୍ଯ୍ୟ, ଚନ୍ଦ୍ର ଓ ୫ଟି ଗ୍ରହ ନାଁରେ ସପ୍ତାହକୁ ରବିବାର (ସୂର୍ଯ୍ୟ), ସୋମବାର (ଚନ୍ଦ୍ର), ମଙ୍ଗଳବାର (ମଙ୍ଗଳ), ବୁଧବାର (ବୁଧ), ଗୁରୁବାର (ବୃହସ୍ପତି), ଶକ୍ରବାର (ଶୁକ୍ର) ଓ ଶନିବାର (ଶନି) ବୋଲି ନାଁ ଦେଲେ । ରୋମ୍‌ରେ ଲୋକେ ତାକୁ ମାନିଲେ । ଏବେ ପୃଥିବୀ ସାରା ସେଇ ନାଁ ଚଳୁଛି ।

ପ୍ରକୃତରେ ଏଇ ବାର ସହ ସୂର୍ଯ୍ୟ, ଚନ୍ଦ୍ର ବା ଗ୍ରହର କିଛି ସମ୍ପର୍କ ନାହିଁ । ମନେକର, ଆମେ ପୃଥିବୀରେ ବାର ନାଁ ଭୁଲିଯିବା । ଆକାଶରେ ସୂର୍ଯ୍ୟ, ଚନ୍ଦ୍ର

ବା ଗ୍ରହଙ୍କ ସ୍ଥାନ ଦେଖି ଆମେ ବାରର ପୂର୍ବ ନାଁ ଫେରି ପାଇବା ନାହିଁ । କ'ଣ ବୁଝୁଛୁ ଟି ? ଏବେ ଆମେ ଯାହାକୁ ରବିବାର କହିବା ଆଗରୁ ତାହା ଅନ୍ୟ ଗୋଟିଏ କିଛି ବାର ହୋଇଥିବ ।

ଯେଉଁ ବାରଗୁଡ଼ିକ ନାଁ ଏମିତି ହୋଇଛି ତା ସହିତ ଖାଦ୍ୟ ଖାଇବାର କି ସମ୍ପର୍କ ? ଅଣ୍ଡା ଏକ ପୁଷ୍ଟିକର ଖାଦ୍ୟ । ମୋ ଦେହରେ ଚଳେ ନାହିଁ । ଖାଇଲେ ଦେହ ଫଳିଯାଏ । ସେଥିପାଇଁ ମୁଁ ଅଣ୍ଡା ନ ଖାଇ କ୍ଷୀର, ଡାଲି, ପାଳଙ୍ଗ ଶାଗ, ଚୀନାବାଦାମ, ଖାଉଛି । ଯେ ଅଣ୍ଡା ଖାଉଛି ତା' ପାଇଁ ଏ ବାରଣ କାହିଁକି ?

ତୁ ଜାଣୁ ? ଯେ ଅଣ୍ଡା ବିକୁଛି, ଅଧିକା ଲାଭ ପାଇଁ ସେ ତା' ଦୋକାନରେ ଲକ୍ଷ୍ମୀ ଫଟ ଟାଙ୍ଗିଛି । ଧୂପ ଓ ଫୁଲ ଦେଇ ପୂଜା କରୁଛି । ତୋର ଇଚ୍ଛା ନ ହେଲେ ତୁ ନ ଖାଆ, କିନ୍ତୁ ପିଲାଟିକୁ କନ୍ଦାଉଛୁ କାହିଁକି ?

ସେତେବେଳକୁ ବାପି ଆସି ଦମ୍ଭ ଧରି ସାର୍‌ଙ୍କ ପାଖରେ ଠିଆ ହେଲାଣି । ମଳୟବାବୁ ଜଳଖିଆ ଖାଇ କଲେଜ ବାହାରି ପଡ଼ିଥିଲେ । ମାଳା ପଚାରୁଥିଲା, "ସାର୍, କ'ଣ ଜଳଖିଆ ଆଣିବି ? ଆଜି ଘରେ ଚୁଡ଼ା ଓ କଦଳୀର ବନ୍ଦୋବସ୍ତ । ଚା' ଖାଉଛନ୍ତି ନା ଛାଡ଼ିଦେଲେଣି ?"

ବିଷ୍ଣୁବାବୁ କହିଲେ, "ନା, ଚୁଡ଼ା ଜଳଖିଆ ଆଉ ଚଳୁନି, ଚିନି ନ ପକାଇ କପେ ଚା' କର ।"

ବାପି ବଡ଼ ପାଟିରେ କହିଲା– "ମା, ସାର୍‌ଙ୍କ ଚା' ଆଣିଲାବେଳେ ମୋ ପାଇଁ ଆମଲେଟ୍ କରି ଆଣିଥିବୁ ।"

———o———